ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୮/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, November 28/2025 | Page 16 | ₹ 7.00 | DHENKANAL
୫୨ଶ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 5 | ମୂଲ୍ୟ₹୭/-

90 900 484 84
www.metrogroup.ind.in

FLAGSHIP PROJECT OF METRO GROUP

# PRIVACY
## IS THE ULTIMATE LUXURY

Welcome to The Mansion Life

ULTRA LUXURY LIMITED EDITION VILLAS | Prices Start ₹ 4 Cr*




*Introducing*
## THE MANSION
PRIVATE ✽ PRIVILEGED ✽ PERFECT

An EXTRAORDINARY *Legacy Forged in Trust* | CELEBRATING 33 *Years*

K
METRO KING's COURT
YOUR LEGACY LIVES ON FOREVER.
*South Bhubaneswar*

*Developed by :* CITY TRADE ARCADE PVT. LTD. | SITE ADDRESS : METRO KING'S COURT, Jatani Gate, South Bhubaneswar - 752050. | * *Terms & Conditions Apply*

ORERA REGISTRATION NO. : PHASE 1 - MP/19/2022/00770 | PHASE 2 - RP/19/2022/00841 | PHASE 3 - RP/19/2023/00899 | PHASE 4 - RP/19/2024/01148 | PHASE 5 - RP/19/2024/01128 | PHASE 6 (PLOTTING) - RP/19/2024/01124 | SEVILLE BY METRO KINGS COURT - RP/19/2024/01307 | BARCELONA BY METRO KINGS COURT - RP/19/2024/01306 | GENEVA BY METRO KINGS COURT - RP/19/2025/01387 | *rera.odisha.gov.in*

Disclaimer : This advertisement is indicative in nature & may not constitute as an offer or invitation for the purpose of registration/ bookings / sale. Elevations shown are artistic impressions and are indicative only. Actual could substantially differ from the images shown above. Visuals and other representations including amenities in this advertisement are purely conceptual / artistic impressions and do not constitute a legal offering or binding. The advertisement does not constitute or form part of an offer or contract and all the transactions in this project shall be governed by the agreement to sale to be entered between the parties. Images used are for illustration purpose. The information/ images contained in this advertisement are not guaranteed or warranted in terms of correctness,completeness,accuracy,reliability or otherwise howsoever. Any ideas / information gained in/ from this advertisement would not necessarily reflect our views.

मंईयां सम्मान ₹2500

अधिवक्ताओं और राज्यकर्मियों के लिए स्वास्थ्य बीमा

झारखण्ड राज्य विस्थापन एवं पुनर्वास आयोग का गठन

रांची में हाईटेक फ्लाईओवर

झारखण्ड फ़्लाईंग इंस्टिट्यूट शुरू

520 बेड बहुमंजिला छात्रावास का निर्माण शुरू

महिला महाविद्यालय, डिग्री कॉलेज एवं राजकीय अभियंत्रण महाविद्यालयों के निर्माण की स्वीकृति

पहले मिल्क पाउडर प्लांट की आधारशिला

फूलो झानो आशीर्वाद अभियान से 40 हजार महिलाओं को करोड़ों रुपए की मदद

2 लाख 80 हजार से अधिक SHGs को ₹17,374 Cr क्रेडिट लिंकेज

हजारों स्टूडेंट्स को गुरुजी स्टूडेंट क्रेडिट कार्ड का लाभ

पलाश ब्रांड से ₹56.47 Cr का व्यापार

झारखण्ड 25 अनंत संभावनाओं की ओर

भगवान बिरसा मुंडा की 150वीं जयंती एवं रजत पर्व पर भव्य आयोजन

राजस्व निरीक्षक, स्नातकोत्तर प्रशिक्षित शिक्षक, सहायक शिक्षक, प्रयोगशाला सहायकों, स्नातक प्रशिक्षित शिक्षक, चिकित्सा पदाधिकारियों, विधि सहायक आदि अंतर्गत विभिन्न विभागों में हजारों नियुक्तियां

मुख्यमंत्री फेलोशिप योजना

खूंटी, चाईबासा एवं चांडिल में BAR COUNCIL BULIDING का शिलान्यास

मानकी मुंडा छात्रवृत्ति योजना

स्कूलों में STEM एवं SCIENCE लैब की स्थापना

राज्य में नए 800 MW बिजली का उत्पादन

इको टूरिज़्म को बढ़ावा

4th SAAF CHAMPIONSHIP 2025 का आयोजन

# हेमन्त सरकार के प्रथम वर्षगांठ पर चयनित हजारों अभ्यर्थियों का नियुक्ति पत्र वितरण समारोह

**28 नवंबर, 2025**
**अपराह्न 12:15 बजे से**
**मोरहाबादी मैदान, रांची**

स्कैन करें और इस समारोह के सहभागी बनें!



**अध्यक्षता**

**श्री हेमन्त सोरेन**
माननीय मुख्यमंत्री, झारखण्ड

**सम्मानित अतिथि**

**श्री राधा कृष्ण किशोर** — माननीय मंत्री
**श्री दीपक बिरुवा** — माननीय मंत्री
**श्री चमरा लिण्डा** — माननीय मंत्री
**श्री संजय प्रसाद यादव** — माननीय मंत्री
**श्री इरफान अंसारी** — माननीय मंत्री
**श्री हफीजूल हसन** — माननीय मंत्री
**श्रीमती दीपिका पाण्डेय सिंह** — माननीय मंत्री
**श्री योगेन्द्र प्रसाद** — माननीय मंत्री
**श्री सुदिव्य कुमार** — माननीय मंत्री
**श्रीमती शिल्पी नेहा तिर्की** — माननीय मंत्री

**हेमन्त सोरेन**
मुख्यमंत्री, झारखण्ड

सूचना एवं जनसंपर्क विभाग, झारखण्ड सरकार

PR 367265 (IPRD) 25-26

ଧରିତ୍ରୀ 52 Years
# ଧରିତ୍ରୀ
DHARITRI




ଭୁବନେଶ୍ୱର ବିମାନବନ୍ଦରରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। **(ଅଧିକ ଫଟୋ ଓ ଖବର ପୃଷ୍ଠା-୫)**

# ଶିକ୍ଷକ ବଦଳିରେ ଏମ୍‌ପି, ବିଧାୟକ ସୁପାରିସ କରିପାରିବେନି

**ସରକାରୀ ନିର୍ଦ୍ଦେଶନାମା ଖାରଜକଲେ ହାଇକୋର୍ଟ**

**ସରକାରୀ ସ୍କୁଲରେ ଶିକ୍ଷକ ବଦଳି ପାଇଁ ଏମ୍‌ପି, ବିଧାୟକ ସୁପାରିଶ କରିପାରିବେ ନାହିଁ। ଏଭଳି ସୁପାରିସ ଦ୍ୱାରା ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପ ହେବ। ତେଣୁ ରାଜ୍ୟ ସରକାରଙ୍କ ଚାକିରି ନିୟମାବଳୀ ଅନୁଯାୟୀ ସରକାରୀ ସ୍କୁଲରେ ଶିକ୍ଷକ ବଦଳି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏ ସଂକ୍ରାନ୍ତୀୟ ଏକାଧିକ ମାମଲାର ଶୁଣାଣିକରି ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୫ ମେ ୧୩ରେ ଜାରି ନିର୍ଦ୍ଦେଶନାମାକୁ ଗୁରୁବାର ଖାରଜ କରିଦେଇଛନ୍ତି। ଏଥିସହ ଏହି ମାମଲାରେ ହାଇକୋର୍ଟ ଶିକ୍ଷକ ବଦଳି ଉପରେ ଗତ ଜୁଲାଇରେ ଦେଇଥିବା ଅନ୍ତରୀଣ ରହିତାଦେଶ ଏବେ ସ୍ଥାୟୀ ହୋଇଯାଇଛି। ତେବେ ଏହିଭଳି ଭାବେ ବଦଳି ହୋଇସାରିଥିବା ଶିକ୍ଷକମାନେ ଚଳିତ ଶିକ୍ଷାବର୍ଷ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ନ ହେବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି। ଫଳରେ ଶିକ୍ଷାବର୍ଷ ଶେଷ ପରେ ସେହି ଶିକ୍ଷକମାନେ ନିଜର ପୂର୍ବ ସ୍କୁଲକୁ ଫେରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।**



**କଟକ/ଭୁବନେଶ୍ୱର,୨୭।୧୧ (କାର୍ତ୍ତିକ ସାହୁ/ରବିନାରାୟଣ ଜେନା)**

ରାଜ୍ୟରେ ଶିକ୍ଷକ ବଦଳି ପାଇଁ ୨୦୨୫ ମେ ୧୩ରେ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏମ୍‌ପି, ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀର ୧୫ ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ। ସେହି ସୁପାରିସ ଅନୁଯାୟୀ ଜିଲା ଶିକ୍ଷାଧିକାରୀ ବଦଳି କାର୍ଯ୍ୟକାରୀ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଥିଲା। ଏହି ନିର୍ଦ୍ଦେଶନାମା ଅନୁସାରେ ବଦଳି ଆଶାୟୀ ଶିକ୍ଷକମାନେ ଏମ୍‌ପି, ଏମ୍‌ଏଲ୍‌ଏଙ୍କ ନିକଟରେ ସେମାନଙ୍କ ଆବେଦନପତ୍ର ଦାଖଲ କରିଥିଲେ। ଏଥିପାଇଁ ବହୁ ଭାବରେ ଲବି ମଧ୍ୟ ଆରମ୍ଭ ହୋଇଯାଇଥିଲା। କେତେକାଂଶରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଥିଲା। ଏଭଳି ନିର୍ଦ୍ଦେଶନାମାକୁ ବିରୋଧକରି ହାଇକୋର୍ଟରେ କଳାହାଣ୍ଡିର ୨ ଶିକ୍ଷକ ରଞ୍ଜନ କୁମାର ତ୍ରିପାଠୀ, ଫକୀର ମହାନନ୍ଦଙ୍କ ସମେତ ୨୪ଜଣଙ୍କ ପକ୍ଷରୁ ପିଟିଶନ ଦାଖଲ ହୋଇଥିଲା। ହାଇକୋର୍ଟ ଏସବୁ ମାମଲାର ଏକତ୍ର ଶୁଣାଣି କରିଥିଲେ। ହାଇକୋର୍ଟ ଗତ ଜୁଲାଇ ୨୯ରେ ପ୍ରାଥମିକ ଶୁଣାଣି କରି ସରକାରଙ୍କ ନିର୍ଦ୍ଦେଶନାମା ଉପରେ ଅନ୍ତରୀଣ ରହିତାଦେଶ ଲାଗୁ କରିଥିଲେ।

ଗୁରୁବାର ହାଇକୋର୍ଟଙ୍କ ଏହି ରାୟ ପରେ ବଦଳି ହୋଇଥିବା ଶିକ୍ଷକ ଏବଂ ସେମାନଙ୍କ ପାଇଁ ସୁପାରିସ କରିଥିବା ବିଧାୟକ ଓ ଏମ୍‌ପିମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଯଦି ବଦଳି ସୁପାରିଶ ପଛରେ ଅର୍ଥ ☞ପୃଷ୍ଠା-୨

# କକା ଶ୍ୱଶୁରଙ୍କୁ ହତ୍ୟା କଲେ ଜ୍ୱାଇଁ

**ଦାମ୍ପତ୍ୟ କଳହର ସମାଧାନ ପାଇଁ ଉଦ୍ୟମବେଳେ ଛୁରାମାଡ଼**

**ସନ୍ତ୍ରୀଛକ,୨୭।୧୧ (ସନ୍ତୋଷ ପରିଡ଼ା)**



ମୃତ ବୀରେନ ଦାସ।



ଗିରଫ ଅଭିଯୁକ୍ତ ପ୍ରବୀର ବେହେରା।

ଶ୍ୱଶୁର ଘରେ ଜ୍ୱାଇଁ କରିଛନ୍ତି ଉନ୍ମତ୍ତକାଣ୍ଡ। ଛୁରି ଭୁସି କକା ଶ୍ୱଶୁରଙ୍କୁ କରିଛନ୍ତି ହତ୍ୟା। ଅନୁଗୋଳ ଜିଲା ବଁଅରପାଳ ଥାନା ଫୁଲପଡ଼ା ଅଞ୍ଚଳରେ ଗୁରୁବାର ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ଫୁଲପଡ଼ାର ବୀରେନ ଦାସ। ପୋଲିସ ଅଭିଯୁକ୍ତ ଜ୍ୱାଇଁ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନମାଳୀପୁର ଗ୍ରାମର ପ୍ରବୀର ବେହେରାଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ବଁଅରପାଳ ବ୍ଲକ ଫୁଲପଡ଼ା ଗ୍ରାମର ସ୍ୱର୍ଗତ ବାବୁଲି ଦାସଙ୍କ ଝିଅ ମାନିନୀ ଦାସ (୨୯) କିଛି ବର୍ଷ ତଳେ ପ୍ରବୀରଙ୍କୁ ବିବାହ କରିଥିଲେ। ବିବାହ ଦିନ ଠାରୁ ପ୍ରବୀର ମାନିନୀଙ୍କୁ ମାରପିଟ କରିଆସୁଥିଲେ। ଅନେକଥର ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯାଇଥିଲା। କିନ୍ତୁ ଗୁରୁବାର ପ୍ରବୀର ପୁନର୍ବାର ମାରପିଟ କରିବାରୁ ମାନିନୀ ପିଲାଙ୍କୁ ଧରି ବାପଘର ଫୁଲପଡ଼ା ଚାଲିଆସିଥିଲେ। ପରେ ପ୍ରବୀର ମଧ୍ୟ ଶ୍ୱଶୁର ଘରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଜାଣି କକା ଶ୍ୱଶୁର ବୀରେନ ଉଭୟ ଝିଅ-ଜ୍ୱାଇଁଙ୍କୁ ବୁଝାଶୁଝା କରିବା ପାଇଁ ଚେଷ୍ଟା କରୁଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ଆସିଥିବା ପ୍ରବୀର ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ ଛୁରିରେ କକା ଶ୍ୱଶୁରଙ୍କ ପେଟକୁ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ବୀରେନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ଅଭିଯୋଗ ପାଇ ବଁଅରପାଳ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୂର୍ବତନ ସରପଞ୍ଚ ବୀରେନଙ୍କ ଏପରି ହତ୍ୟାକୁ ନେଇ ଫୁଲପଡ଼ା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଚୋରି ଓ ହତ୍ୟା ଭଳି ଆପରାଧିକ ଘଟଣା ବୃଦ୍ଧି ପାଉଥିଲେ ମଧ୍ୟ ମହୀଧରପୁର ଫାଣ୍ଡିରେ କର୍ମଚାରୀ ଅଭାବରୁ ଏହାକୁ ରୋକାଯାଇପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବଢୁଥିବା ଏପରି ଅପରାଧକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମହୀଧରପୁର ଫାଣ୍ଡିରେ ଅଧିକ କର୍ମଚାରୀ ନିଯୁକ୍ତି ଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ଆଧାର ପାଇଥିବା ବିଦେଶୀଙ୍କୁ ଭୋଟ ଅନୁମତି ମିଳିବ କି

**ଏସ୍‌ଆଇଆର୍ ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

**ନୂଆଦିଲ୍ଲୀ,୨୭।୧୧**

ଆଧାରକୁ ନାଗରିକତ୍ୱର ନିର୍ବିବାଦ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ବିରୋଧକରି ଦାଏର ଅନେକ ପିଟିଶନ ଉପରେ ଚୂଡ଼ାନ୍ତ ଶୁଣାଣି ଅବସରରେ ସୁପ୍ରିମକୋର୍ଟ ଏହା କହିଛନ୍ତି। ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬ରେ ଉଲ୍ଲେଖ ବିବରଣୀର ବାସ୍ତବତା ପରଖିବାର ଅନ୍ତର୍ନିହିତ ଶକ୍ତି ନିର୍ବାଚନ କମିଶନଙ୍କ ପାଖରେ ରହିଥିବା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଦୃଢ଼ୋକ୍ତି କରିଛନ୍ତି। ଖଣ୍ଡପୀଠ ଆଧାରର ସୀମିତ ଉଦ୍ଦେଶ୍ୟ ସମ୍ପର୍କରେ ପୁନର୍ବାର ଦୋହରାଇ କହିଛନ୍ତି, ବିଭିନ୍ନ ସୁବିଧା ଉପଲବ୍ଧ କରିବା ☞ପୃଷ୍ଠା-୨

# ଝାଡ଼ଖଣ୍ଡ ସରକାରଙ୍କ ସେବା ଅଧିକାର ସପ୍ତାହ ପାଳନ

**ରାଞ୍ଚି,୨୭।୧୧**



ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍

ଝାଡ଼ଖଣ୍ଡର ରୌପ୍ୟ ଜୟନ୍ତୀ ବର୍ଷ ଅବସରରେ ରାଜ୍ୟ ସରକାର ସେବା ଅଧିକାର ସପ୍ତାହ ପାଳନ କରୁଛନ୍ତି। ଏହି କ୍ରମରେ 'ଆପଣଙ୍କ ଯୋଜନା-ଆପଣଙ୍କ ସରକାର ଆପଣଙ୍କ ଦ୍ୱାରରେ' କାର୍ଯ୍ୟକ୍ରମ ସହ ସରକାର ଲୋକଙ୍କ ଅଧିକାର ସିଧା ସେମାନଙ୍କ ଗାଁ ପାଖରେ ପହଞ୍ଚାଉଛନ୍ତି।

୨୦୨୫ ନଭେମ୍ବର ୨୧ରୁ ୨୮ ସମଗ୍ର ରାଜ୍ୟରେ ଖୋଲିଥିବା ଶିବିରରେ ଜାତି ପ୍ରମାଣପତ୍ର, ସ୍ଥାନୀୟ ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ମୃତ୍ୟୁ ପ୍ରମାଣପତ୍ର, ନୂଆ ରାଶନ କାର୍ଡ, ଜମି ମାପ, ☞ପୃଷ୍ଠା-୨

# ନେପାଳ ବ୍ୟାଙ୍କ ନୋଟ୍‌ରେ ଭାରତୀୟ ଅଞ୍ଚଳ

**କାଠମାଣ୍ଡୁ,୨୭।୧୧(ପି.ଟି.)**




ନେପାଳର କେନ୍ଦ୍ରୀୟ ବ୍ୟାଙ୍କ ଗୁରୁବାର ନୂଆ ୧୦୦ ଟଙ୍କିଆ ବ୍ୟାଙ୍କନୋଟ୍ ଜାରି କରିଛି। ଏହି ନୋଟ୍‌ରେ ନେପାଳର ଏକ ସଂଶୋଧିତ ମାନଚିତ୍ର ରହିଛି, ଯେଉଁଥିରେ ଭାରତୀୟ ଅଞ୍ଚଳ କାଲାପାନି, ଲିପୁଲେଖ ଏବଂ ଲିମ୍ପିୟାଧୁରା ଅଞ୍ଚଳକୁ ସାମିଲ କରାଯାଇଛି। ନେପାଳ ରାଷ୍ଟ୍ର ବ୍ୟାଙ୍କର ପୂର୍ବତନ ଗଭର୍ନର ମହାପ୍ରସାଦ ଅଧିକାରୀଙ୍କ ସ୍ୱାକ୍ଷର ଥାଇ ଉକ୍ତ ନୂଆ ବ୍ୟାଙ୍କନୋଟ ଆସିଛି। ଏଥିରେ ଜାରି ତାରିଖ ୨୦୮୧ ବିଏସ୍ ଲେଖାଅଛି, ଯାହା ୨୦୨୪ ବର୍ଷକୁ ବୁଝାଉଛି। କେ.ପି. ଶର୍ମା ଓଲିଙ୍କ ସରକର ସମୟରେ ୨୦୨୦ ମେ'ରେ ପାର୍ଲାମେଣ୍ଟର ଅନୁମୋଦନକ୍ରମେ ନେପାଳ ମାନଚିତ୍ରରେ ସଂଶୋଧନ କରାଯାଇ ସେଥିରେ କାଲାପାନି, ଲିପୁଲେଖ ଏବଂ ଲିମ୍ପିୟାଧୁରାକୁ ସାମିଲ କରାଯାଇଥିଲା, ଯାହା ଭାରତୀୟ ଅଞ୍ଚଳ। ୨୦୨୦ରେ ଭାରତ ଏହାର ଦୃଢ଼ ପ୍ରତିବାଦ କରିବା ସହ ଏହା ଏକତରଫା କାର୍ଯ୍ୟ ବୋଲି କହିଥିଲା। ଏଭଳି କୃତ୍ରିମ ସମ୍ପ୍ରସାରଣ ଗ୍ରହଣୀୟ ନୁହେଁ ବୋଲି ନୂଆଦିଲ୍ଲୀ କାଠମାଣ୍ଡୁକୁ ଜଣାଇ ଦେଇଥିଲା। ତେବେ ସରକାରଙ୍କ ନିଷ୍ପତ୍ତିକ୍ରମେ ନୂଆ ବ୍ୟାଙ୍କନୋଟ୍‌ରେ ସଂଶୋଧନ କରାଯାଇଥିବା ନେପାଳ ରାଷ୍ଟ୍ର ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ବସ୍ ଧର୍ମଘଟ ଡାକରା ପ୍ରତ୍ୟାହୃତ

**ପରିବହନ ବିଭାଗ ସହ ଆଲୋଚନା ପରେ ସଂଘର ନିଷ୍ପତ୍ତି**

**ଭୁବନେଶ୍ୱର,୨୭।୧୧ (ସତ୍ୟଜିତ ରାଉତ)**

ଅଲ୍ ଓଡ଼ିଶା ମୋଟର ବସ୍ ଓନର୍ସ ଆସୋସିଏଶନ ପକ୍ଷରୁ ଡିସେମ୍ବର ୧ରୁ ହେବାକୁ ଥିବା ରାଜ୍ୟବ୍ୟାପୀ ବସ୍ ଧର୍ମଘଟ ପ୍ରତ୍ୟାହୃତ ହୋଇଛି। ବସ୍ ମାଲିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ପରିବହନ ବିଭାଗ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ ଧର୍ମଘଟ ପ୍ରତ୍ୟାହୃତ କରାଯାଇଥିବା ନେଇ ଗୁରୁବାର ଏକ ପ୍ରେସ୍‌ବାର୍ତ୍ତା ଯୋଗେ ସୂଚନା ଦିଆଯାଇଛି।

ରାଜ୍ୟ ସରକାର ପୋଲିସକୁ ମୋଟର ଯାନ ଯାଞ୍ଚ କ୍ଷମତା ପ୍ରଦାନ ନିଷ୍ପତ୍ତିକୁ ବିରୋଧ କରି ବସ୍ ମାଲିକ ସଂଘ ପକ୍ଷରୁ ନଭେମ୍ବର ୧୭ରେ ଧର୍ମଘଟ ନେଇ ଘୋଷଣା କରାଯାଇଥିଲା। ସଂଘ ତୀବ୍ର ପ୍ରତିକ୍ରିୟା କରିବା ସହ ଉକ୍ତ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବିକରି ଆସୁଥିଲା। ସଂଘ ସଭାପତି ଲୋକନାଥ ପାଣି, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ପରିବହନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ ଆଲୋଚନା କରି ଏଥିଯୋଗୁ ସୃଷ୍ଟି ହେବାକୁ ଥିବା ସମସ୍ୟା ସଂକ୍ରାନ୍ତରେ ଅବଗତ କରିଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ☞ପୃଷ୍ଠା-୨

# ସିଙ୍ଗଲ୍ ଡୋଜ୍ ଡେଙ୍ଗୁ ଟିକାକୁ ବ୍ରାଜିଲର ମଞ୍ଜୁରୀ

**ବ୍ରାସିଲିଆ,୨୭।୧୧**




ବିଶ୍ୱର ପ୍ରଥମ ସିଙ୍ଗଲ୍ ଡୋଜ୍ ଡେଙ୍ଗୁ ଟିକାକୁ ବ୍ରାଜିଲ କର୍ତ୍ତୃପକ୍ଷ ବୁଧବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ବିଶ୍ୱବ୍ୟାପୀ ମଶାଜନିତ ରୋଗ ବ୍ୟାପୁଥିବାବେଳେ ଏହା ଏକ ଐତିହାସିକ ସଫଳତା ବୋଲି ବ୍ରାଜିଲ କହିଛି। ଡେଙ୍ଗୁରେ ଅତ୍ୟଧିକ ଜ୍ୱର ହେବା ସହ ଥକ୍କା ଲାଗିବା ଓ ଦେହ ବିନ୍ଧା ଭଳି ଲକ୍ଷଣ ଦେଖାଦେଇଥାଏ। ୨୦୨୪ରେ ବିଶ୍ୱବ୍ୟାପୀ ସର୍ବାଧିକ ଡେଙ୍ଗୁ ସଂକ୍ରମିତ ହୋଇଥିଲା। ଏହି ରୋଗର ସଂକ୍ରମଣ ପାଇଁ ଗବେଷକମାନେ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି। ସାଓ ପାଉଲୋସ୍ଥିତ ବୁଟାଣ୍ଟାନ୍ ଇନ୍‌ଷ୍ଟିଚ୍ୟୁଟ୍‌ଦ୍ୱାରା ବିକଶିତ ବୁଟାଣ୍ଟାନ୍-ଡିଭି ଟିକା ୧୨ରୁ ୫୯ ବର୍ଷ ବୟସର ଲୋକମାନଙ୍କ ନିମନ୍ତେ ବ୍ୟବହାର ପାଇଁ ବ୍ରାଜିଲ ସ୍ୱାସ୍ଥ୍ୟ ନିୟାମକ ସଂସ୍ଥା ଏଏନ୍‌ଭିଆଇଏସ୍‌ଏ ମଞ୍ଜୁରୀ ଦେଇଛି। ସମ୍ପ୍ରତି ସାରା ବିଶ୍ୱରେ ଡେଙ୍ଗୁର ଗୋଟିଏ ଟିକା ଟିଏକେ-୦୦୩ ଉପଲବ୍ଧ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଏହି ଟିକା ୩ ମାସ ଅନ୍ତରରେ ୨ଟି ଡୋଜ୍‌ରେ ଦିଆଯାଇଥାଏ। ବ୍ରାଜିଲରେ ପରୀକ୍ଷା ନିରୀକ୍ଷା ହେବାର ୮ ବର୍ଷ ପରେ ଏକକ ଡୋଜ୍ ବିଶିଷ୍ଟ ଟିକା ବିକଶିତ ହୋଇଛି। ଦ୍ରୁତତର ଏବଂ ସରଳ ଟିକାକରଣ ଅଭିଯାନ ପାଇଁ ଏହାକୁ ଅନୁମତି ମିଳିବ। ବ୍ରାଜିଲରେ ବିଜ୍ଞାନ ଓ ସ୍ୱାସ୍ଥ୍ୟ ପାଇଁ ଏହା ଏକ ଐତିହାସିକ ସଫଳତା ବୋଲି ବୁଟାଣ୍ଟାଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଏସ୍‌ପେର କଲାସ କହିଛନ୍ତି। ଯେଉଁ ରୋଗ ବହୁ ଦଶନ୍ଧି ହେଲା ଆମକୁ ଅସ୍ତବ୍ୟସ୍ତ କରିଆସିଥିବାବେଳେ ଏବେ ଏକ ବହୁ ଶକ୍ତିଶାଳୀ ଅସ୍ତ୍ରରେ ଏହାର ମୁକାବିଲା କରାଯିବ ବୋଲି ସେ କହିଛନ୍ତି। କ୍ଲିନିକାଲ ପରୀକ୍ଷା ବେଳେ ଏହି ଟିକା ୯୧.୬ ପ୍ରତିଶତ ସଫଳ ହୋଇଛି। ୧୬,୦୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଉପରେ କ୍ଲିନିକାଲ ପରୀକ୍ଷା ହୋଇଥିଲା। ଏଡିସ୍ ମଶା ଦ୍ୱାରା ଡେଙ୍ଗୁ ସଂକ୍ରମିତ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ଅନୁଯାୟୀ ୨୦୨୪ରେ ୧୪.୬ ନିୟୁତରୁ ଊର୍ଦ୍ଧ୍ୱ ଡେଙ୍ଗୁ ମାମଲା ଚିହ୍ନଟ ହୋଇଥିବାବେଳେ ପ୍ରାୟ ୧୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେଥିରୁ ଅର୍ଦ୍ଧେକ ମୃତ୍ୟୁ କେବଳ ବ୍ରାଜିଲରେ ହୋଇଥିଲା। ସେବର୍ଷ ୧୯ ପ୍ରତିଶତ ଡେଙ୍ଗୁ ବ୍ୟାପିବା ପାଇଁ ବୈଶ୍ୱିକ ଉତ୍ତାପ ବୃଦ୍ଧି ଦାୟୀ ବୋଲି ଆମେରିକା ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ଗବେଷକମାନେ ଅଧ୍ୟୟନରୁ ଜାଣିବାକୁ ପାଇଥିଲେ।

**ଆଜିର ସମ୍ପାଦକୀୟ**

**ଗମ୍ଭୀର ଭାଗୀଦାରି**



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ୍ ପକ୍ଷରୁ ବାର୍ଷିକ ମ୍ୟୁଜିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

**କଟକ**
- ପଞ୍ଜାବ ନ୍ୟାଶ୍ନାଲ ବ୍ୟାଙ୍କ ପକ୍ଷରୁ ଏମ୍ଏସ୍ଏମ୍ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ, ସ୍ଥାନ: ରୋଟାରି ଚକ୍ଷୁ ଚିକିତ୍ସାଳୟ ପରିସର, ସେକ୍ଟର-୬, ସିଡିଏ, ସମୟ: ପୂର୍ବାହ୍ନ ୧୧ଟା ।
- କାଉନସିଲ୍ ଅଫ୍ କଲ୍‌ଚରାଲ ଗ୍ରୋଥ୍ ଆଣ୍ଡ୍ କଲ୍‌ଚରାଲ ରିଲେସନ୍ସ ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା ।

**ପୁରୀ**
- ନିମାପଡ଼ା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

**ବାଲେଶ୍ୱର**
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା,ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର, ବାଣପୁର, ଖଇରା ସମୟ: ସକାଳ ୮ଟା ।
- ବାଲେଶ୍ୱର ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।

**ଭଦ୍ରକ**
- କଳ୍ପନାଦେବୀ ଶାରଦା କମଳା ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମୋଟେଲ ଛକ, ଭଦ୍ରକ, ସମୟ: ଅପରାହ୍ନ ୨ଟା ।
- ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା ।

**କେନ୍ଦୁଝର**
- ଆବାସ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ହାଟଡିହୀ ବ୍ଲକ,ସମୟ: ଅପରାହ୍ନ ୨ଟା ।
- ୩୧ ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡବିଲ, ସମୟ: ପୂର୍ବାହ୍ନ ୧୦ଟା ।

**ମୟୂରଭଞ୍ଜ**
- ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ,ସ୍ଥାନ:ସରକାରୀ ଉଚ୍ଚ ବିଦ୍ୟାଳୟ,ରାଣୀବନ୍ଧ,ସମୟ:ସକାଳ ୮ଟା ।
- ସୀମାନ୍ତ ମହାବିଦ୍ୟାଳୟ ଆଥ୍‌ଲେଟିକ କ୍ଲବର ୪୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ମହାବିଦ୍ୟାଳୟ ପରିସର କ୍ରୀଡ଼ା ପ୍ରାଙ୍ଗଣ, ଝାରପୋଖରିଆ,ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ:ପୂର୍ବାହ୍ନ ୧୦ଟା ।
- ଚକ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ହଳଦୀପାଳ, ପାରିଆଉଡ଼ା ଗ୍ରାମ,ମୋରଡ଼ା,ସମୟ:ସନ୍ଧ୍ୟା ୭ଟା ।

**ବ୍ରହ୍ମପୁର**
- ମଧୁମେହ ସଚେତନତା ରାଲି, ସ୍ଥାନ: ଏମକେସିଜି ଖେଳପଡିଆ, ସମୟ: ସକାଳ ୮ଟା ।

**ଗଞ୍ଜାମ**
- ଆସିକା ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କାଳଷଣ୍ଡପୁର ମିନିଷ୍ଟାଡିୟମ, ଆସିକା, ସମୟ, ସକାଳ: ୮ଟା ୩୦ ।
- ସାଂସଦ ଖେଳ ମହୋତ୍ସବ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ପାଟପୁର କଲେଜ ଖେଳ ପଡିଆ, ସାନଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆସିକା ଇସ୍କନ ଶାଖା ପକ୍ଷରୁ 'ସାଧୁ ସଙ୍ଗେ ହରିକଥା' କାର୍ଯ୍ୟକ୍ରମ, ସ୍ଥାନ: ଟାଉନ୍ ହଲ୍, ଆସିକା, ସମୟ: ପୂର୍ବାହ୍ନ ୧୧ ଟା ୩୦ ।

**କନ୍ଧମାଳ**
- ନାରାୟଣ ଭଗବାନଙ୍କ ନୂତନ ମନ୍ଦିରର ଭୂମିପୂଜନ ଉତ୍ସବ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ଋଷିମାଳ ତୀର୍ଥ କ୍ଷେତ୍ର, ସମୟ: ସକାଳ ୯ଟା ୧୦ ।

**ଅନୁଗୋଳ**
- ଜିଲାସ୍ତରୀୟ ଯୁବ ମହୋତ୍ସବ, ସ୍ଥାନ: ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

**ଜଗତ୍‌ସିଂହପୁର**
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ସାଂସ୍କୃତିକ ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

**କେନ୍ଦ୍ରାପଡ଼ା**
- ରାଜସ୍ୱ ସମ୍ପର୍କିୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା ।

**ଯାଜପୁର**
- ତୃତୀୟ ବାର୍ଷିକ ହିଙ୍ଗୁଳା କ୍ରିକେଟ କପ- ୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକର ସୁଆଁସାହି ଗାଁ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ଯାଜପୁର ଜିଲାସ୍ତରୀୟ ଯୁବ ଉତ୍ସବ- ୨୦୨୫, ସ୍ଥାନ : ଯାଜପୁର ଇନଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା ।

**ନୟାଗଡ଼**
- ଘୋଡଲାଗି ପର୍ବର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା ।
- ଘୋଡଲାଗି ପର୍ବର ୩ୟ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା ।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା ।
- ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଉପଲକ୍ଷେ ଦୁଇଦିନିଆ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଲାୟନ୍ସ କ୍ଲବ ଓ ଜିଲା ସଂସ୍କୃତି ଭବନ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଅମ୍ରିତ କଳା ସାଂସ୍କୃତିକ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ସନ୍ଧ୍ୟା ୬ଟା ।

**ନବରଙ୍ଗପୁର**
- ସଂସଦୀୟ ସଙ୍କୁଳ ବିକାଶ ପରିଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ସଣ୍ଡସା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ।
- ଦୀର୍ଘସ୍ଥାୟୀ ଭିତ୍ତିଭୂମି ସହିତ ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବା ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

**କୋରାପୁଟ**
- ଜିଲାପାଳଙ୍କ ବୋରିଗୁମ୍ମା ବ୍ଲକ ଅଞ୍ଚଳ ପରିଦର୍ଶନ, ସ୍ଥାନ: ବୋରିଗୁମ୍ମା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଶୀତମ ଇନିଷ୍ଟିଚ୍ୟୁସନ ଅଫ ପରିସର, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା, ସ୍ଥାନ: ଡିଏଭି ସରକାରୀ ମହାବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ।
- ପୌରାଞ୍ଚଳ ସ୍ତରିୟ ପରବ ଉଦ୍‌ଯାପିତ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାପାଳଙ୍କ ଜିଲା ଜର୍ଜ କୋର୍ଟରେ ସମୀକ୍ଷା ବୈଠକ, ସ୍ଥାନ: ଜିଲା ଜର୍ଜ କୋର୍ଟ, ଜୟପୁର, ସମୟ: ଅପରାହ୍ନ ୪ଟା ।
- ଏପିଏଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡା, ସମୟ: ସନ୍ଧ୍ୟା ୬ଟା ।

**ସମ୍ବଲପୁର**
- ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ବରେଇପାଲି ମାର୍କେଟ ୟାର୍ଡ, ସମୟ: ସକାଳ ୯ଟା ୩୦ ।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ୬୧ତମ ଜିଲାସ୍ତରୀୟ ବାର୍ଷିକ ଆଥେଲେଟିକ ମିଟ- ୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ।
- ସମ୍ବଲପୁରୀ ଧନୁଯାତ୍ରା କଳାକାରମାନଙ୍କ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ରାତି ୭ଟା ।

**ବଲାଙ୍ଗୀର**
- ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ, ଫେନ୍‌ସିଂ, ଥାଙ୍ଗ୍‌ଟା ପ୍ରତିଯୋଗିତା, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗୀର,ସମୟ: ସକାଳ ୮ଟା ୩୦ ମିନିଟ ।

**ରାଉରକେଲା**
- ଜାତୀୟ ଫଟୋଗ୍ରାଫି ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪, ସମୟ: ପୂର୍ବାହ୍ନ ୧୦ଟା ।
- ହୋମିଓପାଥିକ୍ କଲେଜରେ ଛାତ୍ର ବିକ୍ଷୋଭ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା ।
- ଶିରିଡି ସାଇବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଶୀତଳପଡା, ଉଦିତନଗର, ସମୟ: ସନ୍ଧ୍ୟା ୬ଟା ୩୦ ।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା ।
- ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ:ସନ୍ଧ୍ୟା ୫ଟା ।

**କଳାହାଣ୍ଡି**
- ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବଜାରପଡା, ସମୟ: ଅପରାହ୍ନ ୫ଟା ୩୦ ।
- କର୍ଲାମୁଣ୍ଡା କୃଷକ ସାଥି ଉତ୍ପାଦକ କମ୍ପାନୀ ଲିମିଟେଡ଼ର ତୃତୀୟ ବାର୍ଷିକ ସାଧାରଣ ସଭା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ବିଜାପାଟି, ସମୟ: ମଧ୍ୟାହ୍ନ ୧୨ଟା ।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୧୦ଟା ।

**ବୌଦ୍ଧ**
- ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ହରଭଙ୍ଗା ବ୍ଲକ ଧଳପୁରସ୍ଥିତ ରାଜେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ।
- ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ସଂଘ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ୧୧ଟା ।

**ଦେବଗଡ଼**
- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ ପଞ୍ଚମ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।

**ସୁବର୍ଣ୍ଣପୁର**
- ଫ୍ରେଣ୍ଡସ କ୍ଲବ ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା ।
- ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ବୈଠକ, ସ୍ଥାନ: ଲୁତୁରପଙ୍କ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।
- କୁରାଳ ପଞ୍ଚମୀ ମହୋତ୍ସବରେ ଧନୁଯାତ୍ରାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଷଣ୍ଢା, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା ।
- ତରଭା ସହରରେ ଲକ୍ଷ୍ମୀପୂଜାର ଦ୍ୱିତୀୟ ଦିନ ଅବସରରେ ଲକ୍ଷ୍ମୀପୁରାଣ ପଠନ ଓ ଭଜନ ସମାରୋହ, ସ୍ଥାନ: ମେହେରପଡା, ସମୟ: ସକାଳ ୯ଟା ।
- ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ।

**ନୂଆପଡ଼ା**
- ୩ୟ ଫୁଟ୍‌ବଲ ମହାକୁମ୍ଭ ଏକାଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।

# ସଡ଼କ ଦୁର୍ଘଟଣାରେ ବର୍ଷକୁ ଯାଉଛି ୫,୪୦୦ ଜୀବନ

## ସଚେତନତା ସତ୍ତ୍ୱେ ବଢୁଛି ଦୁର୍ଘଟଣା

ଭୁବନେଶ୍ୱର,୨୭।୧୧(ତ୍ରିନାଥ ମହାନ୍ତି)

ରାଜ୍ୟରେ ଦୁର୍ଘଟଣା ରୋକିବାକୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଏହା ସତ୍ତ୍ୱେ ଦୁର୍ଘଟଣା କମୁ ନାହିଁ। ଗତ ୫ବର୍ଷ(୨୦୨୦ରୁ ୨୦୨୪) ମଧ୍ୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୨୭,୧୬୭ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ବାର୍ଷିକ ହାରାହାରି ୫,୪୩୩ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହରେ ଗୁରୁବାର ତଥ୍ୟ ରଖିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଜେନା କହିଛନ୍ତି ଯେ, ୨୦୨୦ରୁ ୨୦୨୪ ମଧ୍ୟରେ ରାଜ୍ୟରେ ୫୬,୮୩୦ ଦୁର୍ଘଟଣା ଘଟିଥିବାବେଳେ ସେଥିରେ ୨୭,୧୬୭ଜଣଙ୍କ ପ୍ରାଣ ଯାଇଛି। ଏଥିରେ ୫୦,୦୪୧ଜଣ ଆହତ ହୋଇଥିବାବେଳେ ୧୯,୮୫୦ ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୨୦ରେ କୋଭିଡ୍ ମହାମାରୀ ବର୍ଷ ୯,୮୧୭ ଦୁର୍ଘଟଣା ଘଟିଥିବାବେଳେ ୪,୭୩୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାପରଠାରୁ ପ୍ରତିବର୍ଷ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ସହ ବାର୍ଷିକ ୫ହଜାରରୁ ଅଧିକ ରହୁଛି।

ମିଳିଥିବା ତଥ୍ୟ ଅନୁସାରେ, ୨୦୨୧ରେ ୫,୦୮୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୨ରେ ୫,୪୬୭ ଏବଂ ୨୦୨୩ରେ ୫,୭୩୯ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୪ରେ ସବୁଠାରୁ ଅଧିକ ଅର୍ଥାତ୍ ୧୨,୩୭୫ ଦୁର୍ଘଟଣା ଘଟିଥିବାବେଳେ ୬,୧୪୨ଜଣଙ୍କ ମୃତ୍ୟୁ ଘଟିଛି। ଗତ ୫ବର୍ଷ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ୮୯.୭୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏପରି କି ଏହି ସମୟ ମଧ୍ୟରେ ୨୩.୧୭କୋଟି ଟଙ୍କା ଦୁର୍ଘଟଣାର ଶିକାର ହୋଇଥିବା ମୃତକଙ୍କ ପରିବାରକୁ ସହାୟତା ରାଶି ଭାବେ ପ୍ରଦାନ କରାଯାଇଥିବା ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ସଡ଼କ ଦୁର୍ଘଟଣା ରୋକିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଭାରିଯାନ ଚଳାଉଥିବା ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପର୍ଯ୍ୟଟନ ଋତୁରେ ଦୁର୍ଘଟଣା ବଢୁଥିବାରୁ ଏହାକୁ ରୋକିବାକୁ ସରକାର ଏକ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର(ଏସ୍‌ଓପି) ଲାଗୁ କରିଛନ୍ତି। ଏଥିସହିତ ଜାତୀୟ ଏବଂ ରାଜ୍ୟ ରାଜପଥରେ ୨୩ଟି ଟ୍ରକ୍ ଟର୍ମିନାଲ୍ ପ୍ରତିଷ୍ଠା କରାଯାଇଛି। ଏପରି କି ରାତି ସମୟରେ ଭାରିଯାନ ଚଳାଉଥିବା ଡ୍ରାଇଭରମାନଙ୍କ ଆଖି ନ ଲାଗିବା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଢାବାଗୁଡ଼ିକ ନିକଟରେ ମାଗଣା ଚା' ପ୍ରଦାନ କରାଯାଉଥିବା ମନ୍ତ୍ରୀ କହିଛନ୍ତି। ଜାତୀୟ ଏବଂ ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ସିଷ୍ଟମ୍ ଆରମ୍ଭ କରାଯାଇଥିବାବେଳେ ଗୁରୁତ୍ୱପୂର୍ଣ୍ଣ ଘାଟି ରାସ୍ତାରେ ଘାଟ ୱାର୍ନିଂ ସିଷ୍ଟମ ଆରମ୍ଭ କରାଯାଇଛି। ଏହା ବ୍ୟତୀତ ସଡ଼କ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ୩୭ ଇଣ୍ଟରସେପ୍ଟର ଏବଂ ୩୮ଟି ହାଇୱେ ପାଟ୍ରୋଲିଂ ଭେଇକିଲ୍ସ ମୁତୟନ କରାଯାଇଛି ବୋଲି ମନ୍ତ୍ରୀ ଜେନା ଗୃହରେ ତଥ୍ୟ ରଖିଛନ୍ତି।

# ବିଦେଶୀ ପକ୍ଷୀ ସ୍ୟାଣ୍ଡ ପ୍ଲୋଭର ଗୋଡ଼ରେ ଅଜଣା ଟ୍ୟାଗ

## ଋଷିକୂଲ୍ୟା ମୁହାଣରେ ବୁଲୁଥିବା ବେଳେ ଦେଖିବାକୁ ମିଳିଥିଲା

ଛତ୍ରପୁର, ୨୭।୧୧(ଦିଲ୍ଲୀପ ସାମଲ)



ଋଷିକୂଲ୍ୟା ମୁହାଣରେ ଉଡି ବୁଲୁଥିବା ବେଳେ ଏକ ବିଦେଶୀ ପକ୍ଷୀ ଗୋଡରେ ଟ୍ୟାଗ୍ ବନ୍ଧା ଯାଇଥିବା ଜଣାପଡିଛି। ସ୍ଥାନୀୟ ପରିବେଶବିତ ରବିନ୍ଦ୍ରନାଥ ସାହୁ ତାଙ୍କ କ୍ୟାମେରାରେ ଏହାକୁ ଉତ୍ତୋଳନ କରିଛନ୍ତି। ଏହି ପକ୍ଷୀଟି ସ୍ୟାଣ୍ଡ ପ୍ଲୋଭର ପ୍ରଜାତିର ବୋଲି ଜଣାପଡିଛି। ସାଧାରଣତଃ ଶୀତଦିନେ ସୁଦୂର ୟୁରୋପ ଓ ଉତ୍ତର ଆମେରିକା ସହ ବିଭିନ୍ନ ସ୍ଥାନରୁ ଅନେକ ପ୍ରଜାତିର ପକ୍ଷୀ ଋଷିକୂଲ୍ୟା ମୁହାଣକୁ ଉଡି ଆସିଥାନ୍ତି। ଚଳିତବର୍ଷ ଉଡି ଆସିଥିବା ପକ୍ଷୀଙ୍କ ମଧ୍ୟରେ ସ୍ୟାଣ୍ଡ ପ୍ଲୋଭର ପ୍ରଜାତିର ପକ୍ଷୀଟି ରହିଥିବା ବିଶ୍ୱାସ କରାଯାଉଛି। ଗୋଡରେ ଲାଗିଥିବା ଟ୍ୟାଗ ସାଧାରଣତଃ ଏମାନଙ୍କର ଗତିବିଧି ଉପରେ ନଜର ରଖିବାପାଇଁ ବ୍ୟବହାର କରାଯାଇଥାଏ। ଅତ୍ୟଧିକ ପ୍ରତିକୂଳ ପରିସ୍ଥିତିରେ ଏହି ପକ୍ଷୀଗୁଡିକ କେଉଁ ପ୍ରକାର ପରିସ୍ଥାନକୁ ନିଜ ବାସସ୍ଥଳୀ ରୂପେ ବ୍ୟବହାର କରିଥାନ୍ତି ଏହା ଉପରେ ଗବେଷଣା କରାଯାଇଥାଏ ବୋଲି ପରିବେଶବିତ ରବୀନ୍ଦ୍ର କହିଛନ୍ତି। ଚଳିତବର୍ଷ ଆସିଥିବା ବିଦେଶୀ ପକ୍ଷୀ ଗବେଷକମାନଙ୍କୁ ସେମାନଙ୍କ ଗବେଷଣାରେ ସହାୟକ ହେବ ବୋଲି ରବୀନ୍ଦ୍ର ଆଶା କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏ ଘରେ ମୁଁ ରହିବି ନାହିଁ;**
**ଖଣ୍ଡିଆ ପଥୁରି ଧୋଇବି ନାହିଁ ।**

ଯେଉଁଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହମାୟା ତୁଟିଯାଇଥାଏ । ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କ ଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇ କଥା କି କଥାରେ ଲେଖା ?**
**ଆଉ କଥା ଥିଲେ ଦାଣ୍ଡରେ ଦେଖା।**

କଥାକୁ ଧରିବସିଲେ ତାହା ବଡ଼ ଆକାର ଧାରଣ କରିଥାଏ। ତେଣୁ ଛୋଟ ଛୋଟ କଥାକୁ ନେଇ ଅଧିକ ହୋହଲ୍ଲା କରିବା ଉଚିତ ହୋଇ ନ ଥାଏ। ସେହିପରି ସାମାନ୍ୟ କଥା ମଧ୍ୟ ବେଳେବେଳେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ଛୋଟକଥାକୁ ନେଇ ବଡ଼ ସଭା ବସାଇବା ମୋଟେ ଶୋଭନୀୟ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଶିକ୍ଷକ ବଦଳିରେ...

କାରବାର ହୋଇଥିବ, ତା'ହେଲେ ସେହି ଅର୍ଥ ଫେରସ୍ତ ପାଇଁ ସେମାନଙ୍କ ମଧ୍ୟରେ ଅପ୍ରୀତିକର ସ୍ଥିତି ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ବିରୋଧୀ ଦଳ ଶାସକ ଦଳକୁ ଘେରିଛନ୍ତି। ବିରୋଧୀ ଦଳ ବିଜେଡି ସଦସ୍ୟ ଡ. ଅରୁଣ କୁମାର ସାହୁ ବିଧାନସଭା ବାହାରେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ୧୫ଜଣିଆ ଶିକ୍ଷକଙ୍କ ବଦଳି ସୁପାରିସ ଅଧିକାର ପ୍ରଦାନ କରାଯାଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଅକ୍ଷମଣୀୟ ତ୍ରୁଟି। ଏହାକୁ ହାଇକୋର୍ଟ ଏବେ ରଦ୍ଦ କରିବା ପରେ ସରକାର ଲଜ୍ଜିତ ହୋଇଛନ୍ତି। ଜଣେ ବିଧାୟକଙ୍କୁ ଯେଉଁ ୧୫ଜଣ ଶିକ୍ଷକଙ୍କ ବଦଳି ନେଇ ସୁପାରିସ ଦାୟିତ୍ୱ ପ୍ରଦାନ କରାଗଲା ତାହା ସେ କେଉଁ ଆଧାରରେ ନିରୂପଣ କରିବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ଶତାଧିକ ଶିକ୍ଷକ ବିଧାୟକ ଓ ସାଂସଦଙ୍କ ନିକଟରେ ନିଜର ବଦଳି ଦାବି କଲେ, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ହାଇକୋର୍ଟ ପର୍ଯ୍ୟନ୍ତ କଥା ଗଲା। ଏହାଦ୍ୱାରା ବିପୁଳ ପରିମାଣର ଉତ୍କୋଚ କାରବାର ହୋଇଛି। ହାଇକୋର୍ଟଙ୍କ ଛାଟ ବାଜିବା ପରେ ଏବେ ସରକାର ଚେତିବେ ବୋଲି ସେ କହିଛନ୍ତି। ଏହାର ଜବାବ ଦେଇ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ପୂର୍ବ ସରକାରରେ ସେଭଳି କିଛି କାର୍ଯ୍ୟ ହୋଇଥିଲା ବୋଲି ବିଧାୟକ ଆଜି ଏପରି କହୁଛନ୍ତି। ମାତ୍ର ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ, ତାହା ତୃଣମୂଳସ୍ତରରେ ଅବହେଳିତ ଶିକ୍ଷକଙ୍କ ହିତକୁ ଦୃଷ୍ଟିରେ ରଖି ହୋଇଥିଲା। ହେଲେ ବିଧାୟକ ସାହୁ ଏଭଳି ମନ୍ତବ୍ୟ ଗଣମାଧ୍ୟମରେ ଦେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି।

## ଆଧାର ପାଇଥିବା...

ପାଇଁ ଆଧାର ଆଇନ ପ୍ରଣୟନ କରାଯାଇଛି। ରାଶନ ପାଇବା ପାଇଁ ଜଣେ ବ୍ୟକ୍ତିଙ୍କୁ ଆଧାର ମଞ୍ଜୁର କରାଯାଇଛି। ତେବେ ତାଙ୍କୁ ଜଣେ ଭୋଟର କରାଯିବ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଉଦାହରଣ ସ୍ୱରୂପ ପଡ଼ୋଶୀ ଦେଶର ଜଣେ ବ୍ୟକ୍ତି ଭାରତରେ ଶ୍ରମିକ ଭାବେ କାମ କରୁଛନ୍ତି। ତାଙ୍କୁ ଭୋଟ ପାଇଁ ଅନୁମତି ମିଳିବ କି ବୋଲି ସିଜେଆଇ ପ୍ରଶ୍ନ କରିଛନ୍ତି। ନିର୍ବାଚନ କମିଶନ ଏକ ଡାକଘର ଭଳି କାର୍ଯ୍ୟ କରି ଦାଖଲ ହୋଇଥିବା ପ୍ରତ୍ୟେକ ଫର୍ମ-୬କୁ ସ୍ୱତଃ ଗ୍ରହଣ କରିନେବା ଲାଗି ଦିଆଯାଇଥିବା ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

କେତେଜଣ ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ସାଧାରଣ ଭୋଟରଙ୍କ ଉପରେ ଏସ୍ଆଇଆର୍ ପ୍ରକ୍ରିୟା ଏକ ଅସାମ୍ବିଧାନିକ ବୋଝ ଭାବେ ଲଦିଦିଆଯାଉଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ କାଗଜପତ୍ର କାମ ପାଇଁ ଧନ୍ଦିହେବାକୁ ପଡୁଛି ଓ ଭୋଟର ତାଲିକାରୁ ନାଁ କଟିଯିବା ଆଶଙ୍କା ରହୁଛି। ଏଭଳି ପଦକ୍ଷେପ ଗଣତନ୍ତ୍ରକୁ ପ୍ରଭାବିତ କରୁଥିବା ସିବଲ କହିଥିଲେ। ଏସ୍ଆଇଆର୍ ପ୍ରକ୍ରିୟା ପାଇଁ ନିର୍ବାଚନ କମିଶନଙ୍କ କ୍ଷମତା ଉପରେ ଟିପ୍ପଣୀ ଦେଇ ପୂର୍ବରୁ ଏଭଳି ସଂଶୋଧନ ହୋଇ ନ ଥିଲା କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଭୋଟର ତାଲିକାରୁ କୌଣସି ନାଁ କଟାଗଲେ, ତାହା ପୂର୍ବରୁ ଉପଯୁକ୍ତ ନୋଟିସ କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ତାମିଲନାଡୁ, କେରଳ ଓ ପଶ୍ଚିମବଙ୍ଗରେ ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରିଛନ୍ତି।

## ଝାଡ଼ଖଣ୍ଡ ସରକାରଙ୍କ...

ବିଭିନ୍ନ ସାମାଜିକ ସୁରକ୍ଷା ପେନ୍‌ସନ ଏବଂ ସାଧାରଣ ଜନତାଙ୍କ ସହ ଜଡ଼ିତ ସେବା ଓ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧୀୟ ଆବେଦନର ଅନ୍-ଦି-ସ୍ପଟ୍ ନିଷ୍ପତ୍ତି ନିଆଯାଇ ଯୋଜନାର ଲାଭ ପ୍ରଦାନ କରାଯାଉଛି। ବିନା ଧାଁଦୌଡ଼ ଓ ବିନା ଚିନ୍ତାରେ ସବୁ ଅଧିକାର ସିଧା ଲୋକଙ୍କ ହାତ ପାଆନ୍ତାରେ ମିଳୁଛି। ଲୋକମାନେ ଶିବିରକୁ ଯାଇ ଆବେଦନ କରିବା ସହ ତତ୍କାଳ ସମାଧାନର ସୁବିଧା ନେବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆହ୍ୱାନ ଦେଇଛନ୍ତି।

## ବସ୍ ଧର୍ମଘଟ...

ମଧ୍ୟରେ ଆଲୋଚନା ହୋଇ ଏହି ପ୍ରସଙ୍ଗ ଅଧିକ ତର୍ଜମା ଓ ପରୀକ୍ଷଣ ସାପେକ୍ଷ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଛି। ତେଣୁ ଏବେ ଏହି ଯାଞ୍ଚ ବ୍ୟବସ୍ଥା ଲାଗୁ କରାଯିବ ନାହିଁ ବୋଲି ବିଭାଗୀୟ ଅଧିକାରୀ ଦୃଢ଼ ପ୍ରତିଶ୍ରୁତି ଦେବା ପରେ ବସ୍ ବନ୍ଦ ଡାକରାକୁ ପ୍ରତ୍ୟାହୃତ କରାଯାଇଛି ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ନଭେମ୍ବର ୧୭ରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ସରକାର ପୋଲିସକୁ ମୋଟର ଯାନ ଯାଞ୍ଚ ଦାୟିତ୍ୱ ପ୍ରଦାନ କଲେ ବସ୍ ଓ ମୋଟର ଯାନ ମାଲିକମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ସରକାର ତୁରନ୍ତ ଏହାର ସୁବିଚାର କରନ୍ତୁ। ପୋଲିସକୁ ତା' କାର୍ଯ୍ୟ କରିବାକୁ ଦିଆଯାଉ ଏବଂ ଏମ୍‌ଭିଆଇଙ୍କୁ ତାଙ୍କ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶସ୍ଥ ଚନ୍ଦ୍ର ପାପଗ୍ରହ ରାହୁଯୁକ୍ତ କାରଣରୁ ଭଲ ସମ୍ପର୍କ ରହିଥିବା ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ କିମ୍ବା ଶିକ୍ଷା କ୍ଷେତ୍ରରେ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶ ପାଇବେ। ପ୍ରଶାସନିକ ସ୍ତରରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ।

**ବୃଷ**
ପୁରାତନ ରୋଗପୀଡ଼ା, ଋଣ ପରିଶୋଧ ଓ ଆତ୍ମୀୟଙ୍କ ବିରୁଦ୍ଧାଚରଣ ବିଷୟରେ ଚିନ୍ତା କରିବେ। ତଥାପି କୌଣସି କାମ ହାସଲ ସକାଶେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟାକରି ସଫଳତା ହାସଲ କରିପାରନ୍ତି। ଏକାଧିକ ଗ୍ରହ ସପ୍ତମସ୍ଥ ରହିଥିବାରୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ମିଳିବ।

**ମିଥୁନ**
ଷଡ଼ାଷ୍ଟକ ସ୍ଥିତିରେ ଚନ୍ଦ୍ର ଏବଂ ବୃହସ୍ପତି ରହିଥିବାରୁ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ ହେଲେ ଆଶାନୁରୂପ ହୋଇ ନ ପାରେ। କର୍ମକ୍ଷେତ୍ରରେ ଅଟକିରହିଥିବା କାମ ସକାଶେ ଅନୁତାପ କରିପାରନ୍ତି। ଅତିଥି ଚର୍ଚ୍ଚାକୁ କେନ୍ଦ୍ରକରି ପରିବାରରେ କଳହ ଲାଗିପାରେ। ପ୍ରାତଃ ଭ୍ରମଣ, ରାଜନୀତି, ପ୍ରଶାସନ, ବାଣିଜ୍ୟ ପାଇଁ ଦିନଟି ଭଲ।

**କର୍କଟ**
ଅଷ୍ଟମଭାବରେ ରାଶ୍ୟାଧିପତି ପାପଗ୍ରହ ଯୁକ୍ତ କାରଣରୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବନାହିଁ। ଅଶ୍ଳେଷା ସକାଶେ ସମୟର ଅନୁକୂଳ ପ୍ରବାହରେ ସମସ୍ୟା ସମାଧାନ ହୋଇଯିବ। ପଡ଼ୋଶୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି। ପରିବାର ଭିତରେ ବିନା କାରଣରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବ ନାହିଁ।

**ସିଂହ**
ରବିଙ୍କ ଦୁର୍ବଳତା କାରଣରୁ ଅବନତି ଘଟୁଥିବା ସ୍ୱାସ୍ଥ୍ୟ ସକାଶେ ମନସ୍ତାପ କରିପାରନ୍ତି। ଆନୁଷ୍ଠାନିକ କାମରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି। ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**କନ୍ୟା**
କର୍ମାଧିପ ବୁଧ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିଯିବ। ପ୍ରତିବେଶୀଙ୍କ ସାହାଯ୍ୟ ନେଇ ଅସମାହିତ କାମକୁ ସମ୍ପନ୍ନ କରିବେ। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବା ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ମନଗଢ଼ା କଥା କହିପାରନ୍ତି।

**ତୁଳା**
ଉଚ୍ଚଭାବସ୍ଥ ଦେବଗୁରୁଙ୍କ ପ୍ରଭାବରେ କର୍ମାରମ୍ଭ ସକାଶେ ମନ ବଳାଇ ଆନୁଷଙ୍ଗିକ ସୁବିଧା ପାଇବେ। ବନ୍ଧୁବର୍ଗଙ୍କ ସହଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। ପାରିବାରିକ କ୍ଷେତ୍ରରେ କୌଣସି କଥାକୁ ଠିକ୍ ଭାବରେ ନ ବୁଝି ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ। ପ୍ରକାଶନ, ଆଇନ, କଳା ସାହିତ୍ୟରେ ସଫଳତା ପାଇପାରିବେ।

**ବିଛା**
ରାଶିରେ ତିନୋଟି ପାପଗ୍ରହ ଅବସ୍ଥାନ କରୁଥିବାରୁ ଆପଣଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପ ଶୃଙ୍ଖଳିତ ନ ହୋଇପାରେ। ଆଜି ଆପଣ ବିବାଦୀୟ କଥା,ଶତ୍ରୁତା କରୁଥିବା ବ୍ୟକ୍ତି କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟା ବିଷୟରେ ଚିନ୍ତା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଆତ୍ମୀୟମାନଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି।

**ଧନୁ**
ବନ୍ଧୁଙ୍କ ସ୍ନେହ, ପାରିବାରିକ ଆଦର, ଅର୍ଥଲାଭ ସାଙ୍ଗକୁ ସନ୍ତାନସୁଖ ଶାନ୍ତି ପ୍ରଦାନ କରିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ସକାଶେ ଦିନଟି ଶୁଭପ୍ରଦ ରହିବ। ବକେୟା ଟଙ୍କା ପାଇବାର ମାର୍ଗ ସୁଗମ ହୋଇଯିବ। କୃତି ଏବଂ କୃତିତ୍ୱ ସାଙ୍ଗକୁ ଆପଣଙ୍କ ଦକ୍ଷତା କର୍ମକ୍ଷେତ୍ର ଓ ସାମାଜିକ ସ୍ଥିତିକୁ ଉନ୍ନତ କରାଇବ।

**ମକର**
ପାପାକ୍ରାନ୍ତ ଚତୁର୍ଥାଧିପ ଯୋଗୁ ନିଜ ଘରକଥା, ଜମିବାଡ଼ି, ଯାନବାହନ ତଥା ଲୋକ ସମ୍ପର୍କ ବିଷୟରେ ଚିନ୍ତିତ ରହିପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ ଏବଂ ସାହିତ୍ୟାଲୋଚନା କ୍ଷେତ୍ରରେ ଥିବା ଅସଙ୍ଗତି ଦୂର ହୋଇଯିବ। ସହକର୍ମୀଙ୍କ ଅସହଯୋଗ କାରଣରୁ ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ**
ପ୍ରତିକୂଳ ଗ୍ରହ ସ୍ଥିତି ଯୋଗୁ ସମସ୍ୟାମୂଳକ କାମର ଅନ୍ତ ଘଟିବାର ଚେଷ୍ଟା ଫଳବତୀ ନ ହୋଇପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧହୋଇ କାମ ହାସଲ କରିପାରନ୍ତି। ଧର୍ମାନୁଷ୍ଠାନ କ୍ଷେତ୍ରରେ ବନ୍ଧୁବର୍ଗଙ୍କ ପ୍ରେରଣା ଲାଭ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ**
ପାରିବାରିକ କଳହ ସାଙ୍ଗକୁ ଆର୍ଥିକ ସଙ୍କଟ ମାନସିକ ଦୁଶ୍ଚିନ୍ତାକୁ ଦ୍ୱିଗୁଣିତ କରିପାରେ। ଅବଶ୍ୟ କ୍ରୀଡ଼ା, ସଙ୍ଗୀତରୁ ପ୍ରଶଂସିତ ହେବେ। ଆଲୋଚନା ପରିସରରେ ଭିନ୍ନ କଥାବାର୍ତ୍ତାକରି ସମାଲୋଚିତ ହୋଇପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁ ନିଜର ସୁବିଧା ହାସଲକରିବା ସକାଶେ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି।

ଆଜି ନଭେମ୍ବର ୨୮ତାରିଖ, ମାର୍ଗଶିର ଶୁକ୍ଳ ଅଷ୍ଟମୀ ଶୁକ୍ରବାର। ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୦୬ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୭।୩୪ ଗତେ, ଘ.୦୮।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୧୨ ମି. ଗତେ, ଘ.୧୧।୩୪ ମଧ୍ୟେ ରାହୁକାଳ।

# ଆଶଙ୍କାରେ ପ୍ରସ୍ତାବିତ ବୃହତ୍ ଷ୍ଟିଲ୍ ପ୍ଲାଣ୍ଟ

କେନ୍ଦୁଝର,୨୭।୧୧(ଦୀପକ ମିଶ୍ର)

ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁଝର ଜିଲା ପାଟଣାରେ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ୍ ଆଶା, ଆଶଙ୍କା ଦେଇ ଗତି କରୁଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ସର୍ଭେ କାମ ଚଳାଇଛନ୍ତି। ମାତ୍ର ଅଞ୍ଚଳରେ ଷ୍ଟିଲ୍ ପ୍ଲାଣ୍ଟ୍ ନିର୍ମାଣକୁ ବିରୋଧକରି ବିରୋଧୀ ମଞ୍ଚ ଗଠିତ ହୋଇଛି। ଅନେକ ସମୟରେ ମଞ୍ଚ ପକ୍ଷରୁ ପ୍ରଶାସିନକ ଅଧିକାରୀଙ୍କୁ ବିରୋଧ କରାଯାଇ ଗାଡ଼ି ଅଟକ ରଖାଯାଇଛି। ଫଳରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଉଛି। ପ୍ରକଳ୍ପ ସପକ୍ଷ ମଞ୍ଚ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ବିରୋଧୀ ଓ ସପକ୍ଷ ମଞ୍ଚର ଛକାପଞ୍ଝା ଭିତରେ ବିବାଦୀୟ ପରିସ୍ଥିତି ଉପୁଜୁଛି। ଫଳରେ ଷ୍ଟେରେଲାଇଟ, ଆର୍ସେଲର ମିତ୍ତଲ ଭଳି ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ଚୁକ୍ତି ବାତିଲ କରି ଫେରିଯିବାର ସମ୍ଭାବନା ଦେଖାଯାଉଛି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳରେ ବିଧାୟକ ଥିବା ସମୟରେ କେନ୍ଦୁଝରରେ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଲଢ଼େଇ ଜାରି ରଖିଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ ଉଦ୍ୟମରେ କେନ୍ଦୁଝର ପାଟଣା ଅଞ୍ଚଳରେ ବୃହତ୍ ଇସ୍ପାତ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏ ନେଇ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ଭଳି ବିଶ୍ୱର ବୃହତ୍ତମ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠାତା ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ସର୍ଭେ କାମ ଚାଲିଛି। ମାତ୍ର ଉକ୍ତ ଅଞ୍ଚଳରେ ଷ୍ଟିଲ ପ୍ଲାଣ୍ଟ୍ ନିର୍ମାଣକୁ ବିରୋଧ କରି ବିରୋଧୀ ମଞ୍ଚ ସଦସ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଅଞ୍ଚଳରେ ପୂରାଇଦେଉନାହାନ୍ତି। ଫଳରେ ବୃହତ୍ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଏକ ସକାରାତ୍ମକ ପରିବେଶ ସୃଷ୍ଟି ନ ହେଲେ ଆର୍ସେଲର-ମିତ୍ତଲ ପରି ଜେଏସ୍‌ଡବ୍ଲ୍ୟୁ-ପୋସ୍କୋ ଫେରିଯିବା କିଛି ବିଚିତ୍ର ନୁହେଁ ବୋଲି ଆଲୋଚନା ହେଉଛି। ଏଥିସହ ଷ୍ଟିଲ ପ୍ଲାଣ୍ଟ୍ ପ୍ରତିଷ୍ଠା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ଏକ ସମର୍ଥନ ମଞ୍ଚ ଗଠନ ହୋଇଛି। ମଞ୍ଚ ପକ୍ଷରୁ ଶିଳ୍ପ ପ୍ରତିଷ୍ଠାର ଫାଇଦା ସମ୍ପର୍କରେ ଲୋକଙ୍କୁ ବୁଝାଯାଉଛି। ମାତ୍ର ଏହାର ପ୍ରଭାବ ପଡ଼ିଲା ଭଳି ଦେଖାଯାଉନି ବୋଲି ବୁଦ୍ଧିଜୀବୀ ଅଜୟ ମିଶ୍ର, ସୁଶାନ୍ତ ସାହୁ ଓ ଦୁର୍ଯ୍ୟୋଧନ ନାଏକ ପ୍ରକାଶ କରିଛନ୍ତି। ରାଉରକେଲାଠାରେ ୧୯୫୨ରେ ରାଜ୍ୟର ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାପରଠାରୁ ଖଣିଜ ସମ୍ପଦ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ କେନ୍ଦୁଝରରେ ଦ୍ୱିତୀୟ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଦାବି ହୋଇଆସୁଛି। ରାଜ୍ୟ ରାଜକୋଷକୁ ଯୋଡ଼ା ଖଣିମଣ୍ଡଳ ବର୍ଷକୁ ୨୫ହଜାର କୋଟି, କେନ୍ଦୁଝର ଖଣିମଣ୍ଡଳ ବର୍ଷକୁ ୧୫ଶହ କୋଟି ଟଙ୍କା ଖଣି ରାଜସ୍ୱ ଦେଉଛି, ଯାହାକି ରାଜ୍ୟର ମୋଟ ଖଣି ରାଜସ୍ୱର ଅଧାରୁ ଅଧିକ। ରାଜ୍ୟର ମୋଟ ୧୪ଟି ଖଣି ସର୍କଲରୁ ରାଜ୍ୟ ସରକାର ବାର୍ଷିକ ୫୦ ହଜାର କୋଟି ଟଙ୍କା ରାଜସ୍ୱ ପାଇଥାନ୍ତି।

## ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ ବିରୋଧୀ ୬ ନେତା ଗିରଫ



ଥାନା ସମ୍ମୁଖ ରାଜପଥ ସର୍ଭିସ୍ ରୋଡ୍‌ରେ ମହିଳା, ପୁରୁଷ ଧାରଣାରେ ବସିଛନ୍ତି।

ପାଟଣା,୨୭।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣାରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ- ପୋସ୍କୋ ଷ୍ଟିଲ ପ୍ଲାଣ୍ଟ୍ ବିରୋଧୀ ମଞ୍ଚର ୬ ନେତାଙ୍କୁ ତୁରୁମୁଙ୍ଗା ପୋଲିସ ବୁଧବାର ରାତିରେ ଉଠାଇନେଇଛି। ଗିରଫ ନେତାଙ୍କ ମଧରେ ଯମୁନାପଶିର ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ଭାଇ ଭୁବୁନା ନନ୍ଦ ସର୍ଦ୍ଦାର, ମଞ୍ଚର ଉପସଭାପତି ସରୋଜ କୁମାର ସିଂ, ରବୀନ୍ଦ୍ର ମାହାନ୍ତ, ବରିଷ୍ଠ କର୍ମୀ ଅନାମ ନାୟକ, ବିରେନ୍ଦ୍ର ମହାକୁଡ଼ ରହିଛନ୍ତି। ତୁରୁମୁଙ୍ଗା ପୋଲିସ ମରଣାନ୍ତକ ଆକ୍ରମଣ ମାମଲା(ନଂ.୨୬୫/୨୫) ରୁଜୁ କରି ଗୁରୁବାର ୬ ନେତାଙ୍କୁ କୋର୍ଟଚାଲାଣ କରିଛି। ନେତାଙ୍କୁ ଛାଡ଼ିବା ଦାବି କରି ବହୁଳ ସଂଖ୍ୟାରେ ମହିଳା, ପୁରୁଷ ଗୁରୁବାର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି।

ପ୍ରକାଶ ଯେ, ପାଟଣା ତହସିଲଦାର ୩ ପ୍ଲାଟୁନ ଫୋର୍ସ ସହିତ ବୁଧବାର ରାତିରେ ଚଢ଼ାଉ କରି ଜିନ୍ଦଲ, ପୋସ୍କୋ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧରଙ୍କ ସମେତ ୬ ପ୍ଲାଣ୍ଟ୍ ବିରୋଧୀ ନେତାଙ୍କୁ ଉଠାଇନେଇଥିଲା। ଏହି ସମୟରେ ପୋଲିସ ଓ ଗାଁ ଲୋକଙ୍କ ମଧରେ ଖଣ୍ଡଯୁଦ୍ଧ ହୋଇ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଓ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଗିରଫ ନେତାଙ୍କୁ ଛାଡ଼ିବା ଦାବିରେ ଶତାଧିକ ଲୋକ ପୋଲିସ ଗାଡି ସମ୍ମୁଖରେ ଶୋଇଯାଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଲାଠିଚାଳନା କରିଥିଲା। ଗୁରୁବାର ପ୍ଲାଣ୍ଟ୍ ପ୍ରଭାବିତ ଗାଁର ୨ ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ନେତାଙ୍କୁ ଛାଡ଼ିବା ପାଇଁ ଦାବି କରି ହାତୀବାରି ଛକରୁ ରାଲିରେ ବାହାରି ୪୯ ନମ୍ବର ଜାତୀୟ ରାଜପଥ ଦେଇ ତୁରୁମୁଙ୍ଗା ଥାନା ଅଭିମୁଖେ ଯାଉଥିଲେ। ଥାନା ସମ୍ମୁଖ ସର୍ଭିସ୍ ରାସ୍ତା ପାର୍ଶ୍ୱରେ ପୋଲିସ ଅଟକାଇଥିଲା। ସେଠାରେ ଆନ୍ଦୋଳନକାରୀ ଧାରଣାରେ ବସି ଏମ୍‌ଓୟୁ ବାତିଲ, ରକ୍ତ ଦେବୁ ପଛେ ଭିଟାମାଟି ଛାଡିବୁ ନାହିଁ ଆଦି ପ୍ଲାକାର୍ଡ ଧରି ହୋହଲ୍ଲା କରିଥିଲେ। ଘଟଣାସ୍ଥଳରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ, ପାଟଣା ତହସିଲଦାର ଅଶ୍ୱିନୀ ନାୟକ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ବିଡିଓ ମାନସ ଦଣ୍ଡପାଟ, ଅତିରିକ୍ତ ତହସିଲଦାର ଶରଣ ଜେନା, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼, ଚମ୍ପୁଆ ଥାନା ଅଧିକାରୀ ରଞ୍ଜୁ ହାସିନୀ କୁଲୁ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ପରେ ସନ୍ଧ୍ୟା ୫ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ବେଣୁଧରଙ୍କ ନାମରେ ଚେମେଣା ଗ୍ରାମର ପ୍ରତାପ ଦାସଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଛଡ଼ାଇବା ତଥା ଡକାୟତି ମାମଲା ରୁଜୁକୁ ନେଇ ଗ୍ରାବବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ଉପଦେଷ୍ଟା କମ୍ରେଡ୍ ରଘୁନାଥ ଦାସ କହିଛନ୍ତି, ରାତିଅଧରେ ପୋଲିସର ଗିରଫଦାରି ଅଗଣତାନ୍ତ୍ରିକ। ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ମଧ ଗିରଫଦାରିକୁ ତୀବ୍ର ନିନ୍ଦା କରି ସମସ୍ତଙ୍କୁ ନିଃସର୍ତ୍ତରେ ଛାଡ଼ିବାକୁ ଦାବି କରିଛନ୍ତି। ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ କହିଛନ୍ତି, ସେମାନେ ତଦନ୍ତରେ ସହଯୋଗ ନ କରିବାରୁ ବାଧହୋଇ ରାତିରେ ଉଠାଯାଇଛି।

## ବିରୋଧ, ସପକ୍ଷ ମଧ୍ୟରେ ଛକାପଞ୍ଝା

ଷ୍ଟିଲ ପ୍ଲାଣ୍ଟ୍ ସପକ୍ଷବାଦୀ ମଞ୍ଚ ସଦସ୍ୟ ତଥା ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ କହିଛନ୍ତି, ପାଟଣା ଅଞ୍ଚଳରେ ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପକୁ ସ୍ୱତପ୍ରବୃତ୍ତ ସମର୍ଥନ ମିଳିଛି। ତେବେ ବିସ୍ଥାପିତ ହେବାକୁ ଥିବା ଆଦିବାସୀ ଓ ଓବିସି ଲୋକଙ୍କ ଜମିର ମୂଲ୍ୟ ସରକାରୀସ୍ତରରେ ବହୁତ କମ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ଗ୍ରହଣ ଯୋଗ୍ୟ କ୍ଷତିପୂରଣ ରାଶି ନିର୍ଦ୍ଧାରିତ କରିବାକୁ ଗତ ଶୁକ୍ରବାର ଏମ୍‌ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ନାୟକ ଏବଂ କେନ୍ଦୁଝର ଅତିରିକ୍ତ ଜିଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନଙ୍କ ମଧରେ ଆଲୋଚନା ହୋଇଥିଲା। ଜିଲାପାଳଙ୍କୁ ମଧ ଅବଗତ କରାଇଛନ୍ତି ବୋଲି ସେ କହିଛନ୍ତି। ବିରୋଧୀ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି, ସେମାନେ ଷ୍ଟିଲ ପ୍ଲାଣ୍ଟ୍‌କୁ ବିରୋଧ କରୁନାହାନ୍ତି। ଜଳସେଚିତ ଜମି ବଦଳରେ ଅଣଜଳସେଚିତ ଜମିରେ ପ୍ରସ୍ତାବିତ ପ୍ରକଳ୍ପ କରାଯାଉ ବୋଲି ଦାବି କରୁଛନ୍ତି। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ କହିଛନ୍ତି, ବର୍ତ୍ତମାନ ସର୍ଭେ କାର୍ଯ୍ୟ ଚାଲିଛି। ବିସ୍ଥାପିତ ହେବାକୁ ଥିବା ପରିବାରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଅନୁକୂଳ ବାତାବରଣ ସୃଷ୍ଟି କରି ପ୍ରକଳ୍ପ କାର୍ଯ୍ୟ କରାଯିବାକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛନ୍ତି।

ପ୍ରକାଶଯୋଗ୍ୟ, ୨୦୦୪ ଅକ୍ଟୋବର ୧୫ରେ ଷ୍ଟେରେଲାଇଟ୍ ୧୨ ହଜାର ୫୦୨ କୋଟି ମୂଲ୍ୟର ଏକ ଇସ୍ପାତ କାରଖାନା ସଦର ବ୍ଲକ୍ ଅଞ୍ଚଳରେ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ସେହିପରି ଆର୍ସେଲର-ମିତ୍ତଲ ୨୦୦୬ ଡିସେମ୍ବର ୨୧ରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ପାଟଣା ବ୍ଲକ୍‌ରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ରାଜ୍ୟ ସରକାରଙ୍କଠାରେ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା। ଅନ୍ୟତମ ବୃହତ୍ ଉତ୍ତମ ଗାଲଭା ଷ୍ଟିଲ୍ କମ୍ପାନୀ ୧୩ ଅକ୍ଟୋବର ୨୦୦୬ରେ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିସ୍ତାପାଳଠାରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ସମ୍ଭବ ହୋଇପାରିନାହିଁ।

ଏଠାରେ ମନେ ରଖିବାକୁ ହେବ ଯେ, ସ୍ଥାନୀୟ ଲୋକଙ୍କ ବିରୋଧ ଯଥାର୍ଥ, କାରଣ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାଧାରଣ ଚାଷୀ ପରିବାର ଶିଳ୍ପାନୁଷ୍ଠାନର କୌଣସି ଗୁରୁତ୍ୱ ପାଇବ ନାହିଁ। ସମ୍ମାନହାନୀ ସହିତ ରୋଜଗାର ପନ୍ଥା ମଧ ଉଭେଇ ଯିବ। ଜମିହରା ପ୍ରଜାର ସ୍ଥିତି ଓଡ଼ିଶାବ୍ୟାପି ଅତ୍ୟନ୍ତ ଦୁଃଖ ଦାୟକ। ସରକାରୀ ଦରରେ ଯେତିକି ଅର୍ଥ ପାଇଲେ ମଧ, ସମ୍ପୃକ୍ତ ପରିବାରଗୁଡ଼ିକ ଜମିବିହୀନ ଦରିଦ୍ର ହୋଇଯିବାର ଅନେକ ଉଦାହାରଣ ଓଡ଼ିଶାର ବିଭିନ୍ନ ଜିଲାରେ ଦେଖିବାକୁ ମିଳୁଛି। ଏଥିପ୍ରତି କେନ୍ଦୁଝରବାସୀ ଅନେକ ସଚେତନ ହୋଇଯାଇଛନ୍ତି ବୋଲି ଇସ୍ପାତ କାରଖାନା ବିରୋଧୀ ଗୋଷ୍ଠୀ ମତ ଦେଇଛନ୍ତି।

## ଧରଣୀଧର ପାତ୍ର ହେଲେ ବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)

ମାଧମିକ ଶିକ୍ଷା ପରିଷଦ(ବିଏସ୍‌ଇ) ବା ବୋର୍ଡରେ ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଧରଣୀଧର ପାତ୍ର ନିଯୁକ୍ତ ହୋଇଛନ୍ତି। ବାଲେଶ୍ୱରରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏଡିଇଓ) ଭାବେ କାର୍ଯ୍ୟରତ ଥିବା ଧରଣୀଧରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ନବରଙ୍ଗପୁର ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେରଙ୍କୁ ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀ (ଡିଇଓ) ଭାବେ ନିଯୁକ୍ତ କରାଯାଇଥିବା ନେଇ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।









> ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **–ଶ୍ରୀଅରବିନ୍ଦ**

# ଗମ୍ଭୀର ଭାଗୀଦାରି



ବ୍ରହ୍ମ ଚେଲାନି

ଡୋନାଲ୍ଡ ଟ୍ରମ୍ପ୍ ପ୍ରଥମ ଥର ଆମେରିକାର ରାଷ୍ଟ୍ରପତି ହେବା ପରେ ସେ ପାକିସ୍ତାନ ଉପରେ କ୍ରୋଧିତ ଥିଲେ ବୋଲି ୨୦୧୮ରେ ତାଙ୍କର ପ୍ରଥମ ସୋସିଆଲ ମିଡିଆ ପୋଷ୍ଟରୁ ଜଣାପଡ଼ିଥିଲା। ସେ ଦୁଃଖ ପ୍ରକାଶ କରି କହିଥିଲେ, ଦୀର୍ଘ ୧୫ ବର୍ଷ ହେଲା ଆମେରିକା ବୋକା ଭାବେ ପାକିସ୍ତାନକୁ ୩୩ ବିଲିୟନ ଡଲାରରୁ ଅଧିକ ସହାୟତା ଦେଇଛି ଏବଂ ଏହା ବଦଳରେ କେବଳ ଧୋକା ଓ ମିଥ୍ୟା ପାଇଛି। ୧୧ ସେପ୍ଟେମ୍ବର ୨୦୦୧ ଆତଙ୍କବାଦ ଆକ୍ରମଣ ପରେ ପାଖାପାଖି ଏକ ଦଶନ୍ଧି ଧରି ପାକିସ୍ତାନ ଓସ୍‌ମା ବିନ୍ ଲାଡେନଙ୍କୁ ଆଶ୍ରୟ ଦେବା ସହ ଆତଙ୍କବାଦୀଙ୍କୁ ସାହାଯ୍ୟ କରୁଥିବା ଦର୍ଶାଇ ପାକିସ୍ତାନକୁ ଦିଆଯାଉଥିବା ପ୍ରତିରକ୍ଷା ସହାୟତା ଟ୍ରମ୍ପ୍ ବନ୍ଦ କରିଥିଲେ। ଏବେ ପାକିସ୍ତାନ ସାମରିକ ଓ ଗୋଇନ୍ଦା ସହାୟତା ପାଇ ସନ୍ତ୍ରାସବାଦ ଗୋଷ୍ଠୀଙ୍କ ପାଇଁ ସୁରକ୍ଷିତ ସ୍ୱର୍ଗ ପାଲଟିଯାଇଛି। ଚାଇନା ସହ ଏହାର ସମ୍ପର୍କ ମଧ ନିବିଡ଼। ଚଳିତ ମାସ ପ୍ରାରମ୍ଭରେ ଟ୍ରମ୍ପ୍ ପ୍ରଶାସନ ସହ ଚାଇନାର ବାଣିଜ୍ୟ ଚୁକ୍ତି ହୋଇଛି। ହେଲେ ଆମେରିକାର ପ୍ରଥମ ଶତ୍ରୁ ଭାବେ ଚାଇନା ରହିଛି। ତଥାପି ପାକିସ୍ତାନ ପ୍ରତି ଆମେରିକା ଅସନ୍ତୋଷ ପ୍ରକାଶ କରିବା ବଦଳରେ ତା'ସହ ନିବିଡ଼ ସମ୍ପର୍କ ରଖିବାକୁ ଚାହୁଁଛି।

ଟ୍ରମ୍ପ୍ ପ୍ରଶାସନ ଅଧିକାରୀମାନେ ଏଭଳି ବିପରୀତ ସ୍ଥିତିକୁ ଯୁକ୍ତିଯୁକ୍ତ ମନେକରିଛନ୍ତି। କାରଣ ଇରାନକୁ ରୋକିବା ସହ ସେହି ଅଞ୍ଚଳରେ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଦ୍ୱାରା ଆମେରିକା ସ୍ୱାର୍ଥ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସେମାନଙ୍କ ଉପରେ ଲଗାମ ଲଗାଇବା ପାଇଁ ଏଭଳି ପଦକ୍ଷେପ ନେଇଛି। କିନ୍ତୁ ପାକିସ୍ତାନ ବାରମ୍ବାର ସାବ୍ୟସ୍ତ କରିଛି ଯେ, ଏହା ଏକ ବିଶ୍ୱସ୍ତ ପ୍ରତିରକ୍ଷା ଅଂଶୀଦାର ନୁହେଁ ଏବଂ ଏଥିରେ ପରିବର୍ତ୍ତନ ହେବାର କୌଣସି କାରଣ ବି ଦେଖାଯାଉନାହିଁ। ଟ୍ରମ୍ପ୍ ପାକିସ୍ତାନକୁ କୋଳେଇ ନେବା କାରଣ ପଛରେ ରହିଛି ତାଙ୍କର ଆର୍ଥିକ ଲାଭ ଓ ବୈଦେଶିକ ନୀତି ପ୍ରତି ବ୍ୟାବହାରିକ ଦୃଷ୍ଟିକୋଣ। ତେବେ ଟ୍ରମ୍ପ୍‌ଙ୍କ ପରିବାରର ଅଧିକାଂଶ ଶେୟାର ଥିବା ଏକ କ୍ରିପ୍ଟୋକରେନ୍ସି ଫାର୍ମ ୱାର୍ଲ୍ଡ ଲିବର୍ଟି ଫାଇନାନ୍‌ସିଆଲ ସହ ଏପ୍ରିଲରେ ବିବାଦୀୟ ନିବେଶ ଚୁକ୍ତିରେ ପାକିସ୍ତାନ ସ୍ୱାକ୍ଷର କରିବା ଘଟଣାକୁ ଦେଖାଯାଉ। ମଧ୍ୟପ୍ରାଚ୍ୟରେ ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଥିବା ଷ୍ଟିଭ ୱିଟ୍‌କୋଫ୍‌ଙ୍କ ପୁଅ ଜାକ୍ ୱିଟ୍‌କୋଫ ଏହି କମ୍ପାନୀର ସିଇଓ ଅଛନ୍ତି ଏବଂ ସେ ମଧ ଉଭୟ ଟ୍ରମ୍ପ୍ ଓ ୱିଟ୍‌କୋଫ୍‌ଙ୍କ ପରିବାର ପ୍ରମୁଖ ଅଂଶୀଦାର ଥିବା ଏକ କମ୍ପାନୀର ମୁଖ୍ୟ। ଏହି ଚୁକ୍ତି ଆମେରିକାର ପୂର୍ବତନ ଅଧିକାରୀ ତଥା ସରକାର ତଥା ଲୋକଙ୍କ ସ୍ୱାର୍ଥକୁ ଜଗୁଥିବା ସଂସ୍ଥାଗୁଡ଼ିକୁ ଚିନ୍ତାରେ ପକାଇଦେଇଛି। ସେମାନେ ସତର୍କ କରିଦେଇଛନ୍ତି, ଟ୍ରମ୍ପ୍‌ଙ୍କ ଜଟିଳ ବିଜ୍‌ନେସ ସ୍ଥିତି ଆମେରିକାର ବୈଦେଶିକ ନୀତିକୁ ପ୍ରଭାବିତ କରୁଛି। ଏହା ମଧ ଏକ ଆଞ୍ଚଳିକ ଅବଧାରଣାକୁ ଦୃଢ଼ୀଭୂତ କରିଛି ଯେ, ଟ୍ରମ୍ପ୍‌ଙ୍କ ବୈଦେଶିକ ନୀତିର ବଡ଼ ପ୍ରାଥମିକତା ହେଉଛି ବ୍ୟକ୍ତିଗତ ସମୃଦ୍ଧି, ଯାହା ପୁନର୍ବାର ଆମେରିକାର ବିଶ୍ୱସନୀୟତାକୁ କ୍ଷତି କରୁଛି।



ଜୁଲାଇରେ ଆମେରିକା ଓ ପାକିସ୍ତାନ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଥିବା ଘୋଷଣା କରିଥିଲେ। ଚୁକ୍ତି ସମ୍ପର୍କିତ ସବିଶେଷ ତଥ୍ୟ ପ୍ରକାଶ କରାଯାଇ ନ ଥିଲେ ମଧ ଆମେରିକାର ଟାରିଫ୍ ହ୍ରାସକୁ ନେଇ ପାକିସ୍ତାନ ଉଲ୍ଲସିତ ହୋଇଛି ଏବଂ ଭବିଷ୍ୟତରେ ଆମେରିକା ନିବେଶ ବୃଦ୍ଧିକୁ ନେଇ ଆଶାବାଦୀ ଅଛି। ତେବେ ପାକିସ୍ତାନ ଅଧିକାରୀମାନେ ଘୋଷଣା କରିଛନ୍ତି ଯେ, ଏହି ଚୁକ୍ତି ଆର୍ଥିକ ସହଯୋଗ ବିଶେଷକରି ଶକ୍ତି, ଖଣି ଏବଂ ଖଣିଜଦ୍ରବ୍ୟ, ଆଇଟି, କ୍ରିପ୍ଟୋକରେନ୍ସି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭକୁ ସୂଚିତ କରେ। ସେବେଠାରୁ ପାକିସ୍ତାନ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟର ବଡ଼ ଯୋଗାଣକାରୀ ହେବାକୁ ଚାହିଁଛି, ଯାହା ରେୟାର ଆର୍ଥ (ବିରଳ ସ୍କାଣ୍ଡିୟମ, ଇଟ୍ରିୟମ ଭଳି ଖଣିଜ ଦ୍ରବ୍ୟ)କୁ ନେଇ ଚାଇନାର ଏକଚାଟିଆ ଅଧିକାର ଉପରେ ଆମେରିକାର ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରିପାରିବ। ସେପ୍ଟେମ୍ବରରେ ପାକିସ୍ତାନର ସାମରିକ କ୍ଷେତ୍ର ସହ ଜଡ଼ିତ ଫ୍ରଣ୍ଟିୟର ୱାର୍କସ୍ ଅର୍ଗାନାଇଜେଶନ ଆମେରିକାର ଘରୋଇ କମ୍ପାନୀ ଷ୍ଟ୍ରାଟେଜିକ୍ ମେଟାଲ୍ସ ସହିତ ୫୦୦ ମିଲିୟନ ଡଲାରର ଏକ ଚୁକ୍ତି ସ୍ୱାକ୍ଷର କରିଛି। ପାକିସ୍ତାନରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ଅଧିକ ଗଚ୍ଛିତ କରି ରଖିବା ସକାଶେ ଏହା କରାଯାଇଛି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ସେନାର କ୍ଷମତାଶାଳୀ ଫିଲ୍ଡ ମାର୍ଶାଲ ଅସିମ ମୁନିର ଯେତେବେଳେ ଟ୍ରମ୍ପ୍‌ଙ୍କୁ ସାକ୍ଷାତ୍ କରିଥିଲେ, ସେତେବେଳେ ସେମାନେ ତାଙ୍କୁ ଖଣିଜଦ୍ରବ୍ୟ ସାମିଲ ଥିବା ଏକ ଆକର୍ଷଣୀୟ ବାକ୍ସ ଉପହାର ଦେଇଥିଲେ। ଏହାର ଠିକ୍ ପରେ ପାକିସ୍ତାନ ରେୟାର ଆର୍ଥ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ଭର୍ତ୍ତି ଏକ ଜାହାଜ ଆମେରିକାକୁ ପଠାଇଥିଲା। କିନ୍ତୁ ପାକିସ୍ତାନ ଆବଶ୍ୟକ ଅଧିକ ପରିମାଣର ବିରଳ ଧାତବ ପଦାର୍ଥ ଆମେରିକାକୁ ଯୋଗାଇଦେବ ବୋଲି ସ୍ପଷ୍ଟ ନୁହେଁ। ପାକିସ୍ତାନ ବହୁ ସମୟରେ ଦାବି କରିଆସୁଛି ଯେ, ତା' ନିକଟରେ ୬–୮ ଟ୍ରିଲିୟନ ମୂଲ୍ୟର ଖଣିଜ ସମ୍ପଦ ରହିଛି, ଯାହା ସତ୍ୟ ତଥ୍ୟ ଉପରେ ଆଧାରିତ ନୁହେଁ। ଗଚ୍ଛିତ ଥିବା ଅଧିକାଂଶ ଖଣିଜ ବେଲୁଚିସ୍ତାନ ଓ ଖୈବର ପାଖତୁନଖୱା ଅଞ୍ଚଳରେ ଅଛି, ଯେଉଁଠି ସକ୍ରିୟ ବିଦ୍ରୋହ ଯୋଗୁ ଖଣିଜ ଉତ୍ତୋଳନ କରିବା ବିପଜ୍ଜନକ। ଜଣେ ଆନାଲିଷ୍ଟଙ୍କ ମତରେ, ପାକିସ୍ତାନ ଲମ୍ବା ସମୟ ଧରି ସୁନା ଦେବାକୁ କହି ଆସିଛି ଓ ବଜୁରି ଗୋଡ଼ି ଦେଉଛି।

ସରିଫ ଓ ମୁନିର ବିଶେଷକରି ଟ୍ରମ୍ପ୍‌ଙ୍କ ବ୍ୟକ୍ତିଗତ ପ୍ରଶଂସା ସହ ଏତେବଡ଼ ପ୍ରତିଶ୍ରୁତିରେ ଟ୍ରମ୍ପ୍ ପ୍ରଭାବିତ ହୋଇଛନ୍ତି। ଆଶ୍ଚର୍ଯ୍ୟର କଥା, ପାକିସ୍ତାନ ନେତାମାନେ ଟ୍ରମ୍ପ୍‌ଙ୍କୁ ଅତ୍ୟଧିକ ପ୍ରଶଂସା କରିବା ସହ ସେ ଆଶାୟୀ ଥିବା ନୋବେଲ ଶାନ୍ତି ପୁରସ୍କାର ପାଇଁ ତାଙ୍କ ନାମ ଉପସ୍ଥାପନ କରିଥିଲେ। ଅଧିକ ଉତ୍ସାହିତ ହୋଇ ପାକିସ୍ତାନ ନେତାମାନେ ସେନାମୁଖ୍ୟଙ୍କୁ, ଯାହାଙ୍କୁ ଟ୍ରମ୍ପ୍ ତାଙ୍କର 'ଅତି ପ୍ରିୟ ଫିଲ୍ଡ ମାର୍ଶାଲ' ବୋଲି କହିଥା'ନ୍ତି, ତାଙ୍କୁ ପ୍ରକୃତ କ୍ଷମତାର ଅଧିକାରୀ ପଦବୀକୁ ପଦୋନ୍ନତି ଦେବା ପାଇଁ ଏକ ସାମ୍ବିଧାନିକ ସଂଶୋଧନ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନ ପାକିସ୍ତାନକୁ କୋଳେଇ ନେବା ଭାରତ ପାଇଁ ବିଶ୍ୱାସଘାତକତା ଭଳି ମନେହେଉଛି। ଭାରତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଆମେରିକା ସହ ରଣନୀତିକ ଭାଗୀଦାରି ରଖିଆସିଛି, ଯାହା ମିଳିତ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଚାଇନାକୁ ପ୍ରତିରୋଧ କରିବାର ପାରସ୍ପରିକ ଇଚ୍ଛା ଉପରେ ଆଧାରିତ। ଏବେ ଆମେରିକା ସକ୍ରିୟ ଭାବେ ଭାରତର କୂଟନୀତିକ ଏବଂ ସୁରକ୍ଷା ସ୍ୱାର୍ଥ ବିରୋଧରେ କାମ କରୁଛି।

ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିନି ଦିନ ଯୁଦ୍ଧ ପରେ ଯୁଦ୍ଧ ବିରତିରେ ଶେଷ ହୋଇଥିଲା। ଟ୍ରମ୍ପ୍ ଏହି ଯୁଦ୍ଧ ବନ୍ଦ କରିବାର ଶ୍ରେୟ ନେଇ ସାଧାରଣରେ ପ୍ରକାଶ କରିଥିଲେ। ଟ୍ରମ୍ପ୍‌ଙ୍କର ଏହି ଦାବିକୁ ଭାରତ ଗ୍ରହଣ କରି ନ ଥିଲା। ଏପରିକି ଯୁଦ୍ଧ ସମୟରେ ଟ୍ରମ୍ପ୍‌ଙ୍କ ସହ କେବେ ବି କଥା ହୋଇ ନ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏହା ଭାରତରେ ଏକ ଦୃଷ୍ଟିକୋଣକୁ ଦୃଢ଼ କରିଥିଲା ଯେ, ଆମେରିକାକୁ ବିଶ୍ୱାସ କରାଯାଇପାରିବ ନାହିଁ। ନୋବେଲ ପୁରସ୍କାର ପାଇଁ ଟ୍ରମ୍ପ୍‌ଙ୍କ ନାମ ମୋଦି ନ କହିବା ଯୋଗୁ ବିଭେଦ ଆହୁରି ଗମ୍ଭୀର ହୋଇଥିଲା। ଏହି ବିଭେଦ ଏକ ବାଣିଜ୍ୟିକ ଯୁଦ୍ଧ ଆଡ଼କୁ ମୁହାଁଇଲା ଏବଂ ଟ୍ରମ୍ପ୍ ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ଅଧିକ ୨୫% ଟାରିଫ୍ ବୃଦ୍ଧି କରି ତାହାକୁ ୫୦% କରିଦେଇଥିଲେ। ଭାରତ ରୁଷିଆରୁ ତେଲ କିଣୁଥିବାରୁ ଏଭଳି କରାଯାଇଥିବା କୁହାଯାଇଥିଲା। କିନ୍ତୁ ୟୁରୋପୀୟ ସଂଘ, ଜାପାନ ଓ ତୁର୍କୀ ଅଧିକ ପରିମାଣର ତେଲ ରୁଷିଆଠାରୁ କିଣିଥିଲେ ମଧ ସେମାନେ ଆମେରିକାର କଟକଣା ସାମ୍ନା କରି ନ ଥିଲେ। ଏପରିକି ଟ୍ରମ୍ପ୍ ସମର୍ଥକ ହଙ୍ଗେରୀ ତାହାର ଆବଶ୍ୟକ ହେଉଥିବା ତୈଳର ୯୦% ରୁଷିଆଠାରୁ କିଣୁଥିଲେ ବି ତାହା ଟ୍ରମ୍ପ୍ ପ୍ରଶାସନ ପ୍ରତିବନ୍ଧକରୁ ମୁକ୍ତ ରହିଥିଲା।

ଭାରତ ପାଇଁ ଏହି ସ୍ଥିତିଗୁଡ଼ିକ କୂଟନୈତିକ ବିପର୍ଯ୍ୟୟଠାରୁ ଅଧିକ। ଆମେରିକା ଓ ପାକିସ୍ତାନ ଏକ ଜଟିଳ ବା ଗମ୍ଭୀର ରଣନୀତିକ ଭାଗୀଦାରି ଖୋଲିବାକୁ ଧମକ ଦେଇଛନ୍ତି, ଯାହାକୁ ଆମେରିକାର ପ୍ରଶାସକମାନେ ଭାରତ–ପ୍ରଶାନ୍ତ ମହାସାଗରୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମାନିଛନ୍ତି। ଚାଟୁକାରିତା ବା ମିଥ୍ୟା ପ୍ରଶଂସା, ସାଙ୍କେତିକ ଆଭାସ ତଥା ବ୍ୟକ୍ତିଗତ ସମୃଦ୍ଧତାର ପ୍ରତିଶ୍ରୁତି ବଳରେ ପାକିସ୍ତାନକୁ ଟ୍ରମ୍ପ୍ ସମର୍ଥନ କରି ସମଗ୍ର ଅଞ୍ଚଳକୁ ବିପଦରେ ପକାଉଛନ୍ତି।

**ପ୍ରଫେସର, ଏମିରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍,**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

## ଏଇ ଭାରତରେ

ବୟସ ଏକ ସଂଖ୍ୟା ଓ ଏହାର ପ୍ରଭାବକୁ ପ୍ରତିହତ କରି ଆଗକୁ ବଢ଼ିବା ସମ୍ଭବ ବୋଲି ପ୍ରମାଣ କରିଛନ୍ତି ଆନ୍ଧ୍ରପ୍ରଦେଶ ବିଜୟନଗରମର ବିଦ୍ୟା ସିଂ। ସେ ୫୯ ବର୍ଷ ବୟସରେ ପର୍ବତ ଆରୋହଣ ଆରମ୍ଭ କରିବା ପରେ ୧୯ଟି ଉଚ୍ଚ ଶୃଙ୍ଗ ଶୀର୍ଷରେ ପହଞ୍ଚିସାରିଲେଣି। ଏହା ମଧ୍ୟରେ ରହିଛି ପୂର୍ବ ଲଦାଖର ମେଣ୍ଟକ କାଂଗ୍ରି (୬୨୫୦ମିଟର) ଓ ସ୍ପିତି ଭ୍ୟାଲିର ୟୁନାମ ପିକ (୬୧୧୧ ମିଟର) ଶୃଙ୍ଗ। ଏବେ ତାଙ୍କ ବୟସ ୭୨ ଓ ସେ ପୂର୍ବ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ଅରୋହଣ କରିଛନ୍ତି। ଏହି ସଫଳତା ହାସଲ କରିବାରେ ସେ ହେଉଛନ୍ତି ସବୁଠୁ ବୟସ୍କ ଭାରତୀୟ ମହିଳା। ତାଙ୍କ ଫିଟନେସ ପଛର ରହସ୍ୟ ହେଉଛି, ସେ କଲେଜ ଜୀବନରୁ ଟେନିସ ଖେଳୁଥିଲେ ଓ ମାଡ୍ରାସ ବିଶ୍ୱବିଦ୍ୟାଳୟ ଟିମ୍‌ର ଅଧିନାୟିକା ଥିଲେ। ଏହାସହ ସେ ସୁଇମିଂରେ ମଧ ପଦକ ହାସଲ କରିଥିଲେ। ସେ ଦୀର୍ଘ ୧୨ ବର୍ଷ ହେଲା ସପ୍ତାହରେ ଥରେ ୬୦ କି.ମି. ସାଇକ୍ଲିଂ କରୁଛନ୍ତି। ଏହା ସହ ବିଭିନ୍ନ ସ୍ଥାନରେ ହାଫ୍ ମାରାଥନରେ ମଧ ଭାଗ ନେଉଛନ୍ତି। ପରିଣତ ବୟସରେ ସେ ନିଜକୁ ଫିଟ୍ ରଖିବା ସହ ପର୍ବତାରୋହଣକୁ ତାଙ୍କ ଜୀବନର ଏକ ଅଂଶ କରିଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ନଭେମ୍ବର ୧୯୭୬**

- ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ, ଶୃଙ୍ଖଳିତ ଓ ସୁଦୃଢ଼ କରିବା ଲାଗି ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ପୁନର୍ବଣ୍ଟନ।
- ଭିଏତନାମକୁ ଜାତିସଂଘର ସଭ୍ୟ ଶ୍ରେଣୀଭୁକ୍ତ କରାଯିବା ନିମନ୍ତେ ଜାତିସଂଘ ସାଧାରଣ ପରିଷଦ ଆହ୍ୱାନ ଜଣାଇବା ସହ ନିରାପତ୍ତା ପରିଷଦକୁ ଏହାର ପୁନର୍ବିଚାର ନିମନ୍ତେ ସୁପାରିଶ କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 5 | | | | |
| | | | | | | 1 | | 7 |
| | | | | | | | 2 | 4 |
| 6 | | | | | | | | 9 |
| | 5 | | 9 | | 7 | | | |
| | 8 | 1 | | 3 | | | | |
| | 1 | | | 8 | | | 7 | |
| | | | 7 | | | 2 | 4 | |
| | 4 | | | | 3 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 2 | 9 | 7 | 1 | 8 | 4 |
| 8 | 4 | 2 | 3 | 1 | 6 | 7 | 9 | 5 |
| 1 | 7 | 9 | 5 | 4 | 8 | 6 | 3 | 2 |
| 4 | 3 | 8 | 9 | 7 | 5 | 2 | 1 | 6 |
| 7 | 2 | 6 | 1 | 8 | 4 | 3 | 5 | 9 |
| 5 | 9 | 1 | 6 | 3 | 2 | 8 | 4 | 7 |
| 3 | 1 | 4 | 7 | 6 | 9 | 5 | 2 | 8 |
| 2 | 8 | 7 | 4 | 5 | 1 | 9 | 6 | 3 |
| 9 | 6 | 5 | 8 | 2 | 3 | 4 | 7 | 1 |

ଗତକାଲିର ଉତ୍ତର

# ଅଦୃଶ୍ୟ ବନ୍ଧନ




ଡ. ବାସୁଦେବ ମିଶ୍ର

କେହି ଚାହାନ୍ତି ନାହିଁ ବନ୍ଧନ। ସମସ୍ତେ ଚାହାନ୍ତି ମୁକ୍ତ ଜୀବନ ବଞ୍ଚିବା ପାଇଁ। କିନ୍ତୁ ଦେଖିବାକୁ ଗଲେ ଜଡ଼ ହେଉ କି ଜୀବ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତେ ସବୁବେଳେ ବନ୍ଧନରେ ଥାଆନ୍ତି। ଜୀବ କ୍ଷେତ୍ରରେ ଏହି ବନ୍ଧନ ମାତୃଗର୍ଭରୁ ଆରମ୍ଭ ହୋଇଥାଏ। ମାତୃଗର୍ଭରେ ସେ କେବଳ ଗର୍ଭର ବନ୍ଧନରେ ଥିବାବେଳେ ଭୂମିଷ୍ଠ ହେବା ପରେ ଅନେକ ବନ୍ଧନରେ ବାନ୍ଧି ହୋଇଯାଏ। ଯେମିତି ମାତାପିତା, ଜେଜେବାପା, ଜେଜେମା', ଭ୍ରାତା ଓ ଭଗିନୀଙ୍କର ସ୍ନେହର ବନ୍ଧନ, ପ୍ରକୃତିରୁ ଜଳ, ବାୟୁ ଆଦି ଗ୍ରହଣ କରିବାକୁ ବାଧ୍ୟ ହେଉଥିବାରୁ ପ୍ରକୃତିର ବନ୍ଧନ, କ୍ଷୁଧା ନିବାରଣ ନିମିତ୍ତ ମାତୃସ୍ତନ୍ୟର ବନ୍ଧନ ଏମିତି କେତେ ବନ୍ଧନରେ ତାକୁ ଛନ୍ଦିହେବାକୁ ହୁଏ। ଏସବୁ ବନ୍ଧନ ଆଖିକୁ ଦେଖାଯାଇ ନଥାଏ, କିନ୍ତୁ ଆଖିରେ ଦେଖିହେଉଥିବା ବନ୍ଧନଠାରୁ ଏଗୁଡ଼ିକ ହଜାରଗୁଣ ଶକ୍ତ ବୋଲି ଅନୁଭବ କରୁ। ଶିଶୁଟିକୁ ଦେଖିଲେ ଆମର ମନେହୁଏ, ତାର କିଛି ଚିନ୍ତା ନାହିଁ, କିଛି ବନ୍ଧନ ନାହିଁ। ସମୟ ପୂର୍ବରୁ ତା'ର ସମସ୍ତ ଆବଶ୍ୟକତା ପୂରଣ କରିଦିଆଯାଏ। ତା'ର ସମସ୍ତ କାର୍ଯ୍ୟ ଅନ୍ୟମାନେ ସ୍ନେହପୂର୍ବକ କରିଦିଅନ୍ତି। ନିର୍ବିଘ୍ନ ଏବଂ ସ୍ନେହପୂର୍ଣ୍ଣ ସେବା ତାକୁ ଅନାୟାସରେ ପ୍ରାପ୍ତହୁଏ। ତେଣୁ ସେ ବନ୍ଧନମୁକ୍ତ। କିନ୍ତୁ ବାସ୍ତବରେ ସେହି ଶିଶୁଟି ଜନ୍ମନେବା ପରଠାରୁ ଅନେକ ବନ୍ଧନରେ ଆବଦ୍ଧ ହୋଇସାରିଛି। ପ୍ରସିଦ୍ଧ ଦାର୍ଶନିକ ରୁଷୋ କହିଥିଲେ– ପ୍ରକୃତିଗତ ଦୃଷ୍ଟିରୁ ମଣିଷ ମୁକ୍ତଭାବେ ଜନ୍ମନିଏ ସିନା, ପରିବାର ତଥା ସମାଜ ଦୃଷ୍ଟିରୁ ସେ ବିଭିନ୍ନ ପ୍ରକାର ବନ୍ଧନରେ ଆବଦ୍ଧ। ସବୁଠାରୁ ବଡ଼ ବନ୍ଧନ, ଯାହା ଆମ ଶାସ୍ତ୍ରଗୁଡ଼ିକରେ ବ୍ୟାଖ୍ୟା କରାଯାଇଛି, ତାହା ହେଉଛି ମାୟାର ବନ୍ଧନ। ପ୍ରତ୍ୟେକଟି ଜୀବ ଏହି ମାୟା ବନ୍ଧନକୁ କାଟି ପରମଙ୍କ ସହିତ ଏକାକାର ହୋଇଯିବାକୁ, ମୋକ୍ଷପ୍ରାପ୍ତ କରିବାକୁ ଚାହେଁ।

ଶିଶୁଟିଏ ଭୂମିଷ୍ଠ ହେବା ମାତ୍ରେ ପରିବାର ତଥା ସମଗ୍ର ସମାଜ ତା'ଠାରୁ ଅନେକ କିଛି ଆଶା କରିବସନ୍ତି। ସେହି ସମୟଠାରୁ ତା' ଉପରେ ପରିବାର ତଥା ସମାଜର ଅନେକ ଦାୟିତ୍ୱ ଅଜାଡ଼ି ହୋଇପଡ଼େ। ପରିବାରର ସଦସ୍ୟମାନେ ଆଶା ରଖନ୍ତି ଶିଶୁଟି ବଡ଼ ହୋଇ ସେହି ପରିବାରର ଭବିଷ୍ୟତକୁ ଉଜ୍ଜ୍ୱଳ କରିବ। ପରିବାର ପାଇଁ ସାମାଜିକ ପ୍ରତିଷ୍ଠା ଆଣିଦେବ। ବଂଶକୁ ଆଗକୁ ନେବ। ସମାଜ ଆଶା ରଖେ ଏଇ ଶିଶୁଟି ହୁଏତ ଭବିଷ୍ୟତରେ ବଡ଼ ମଣିଷଟିଏ ହୋଇ ସମସ୍ତଙ୍କୁ ଦିଗ୍‌ଦର୍ଶନ ଦେବ। ତା'ର ପରିବାର, ଗ୍ରାମ ଦେଶର ସୁନାମ ବଢ଼ାଇବ। ନବଜାତ ଶିଶୁଟିଠାରୁ ଏସବୁ ଆଶା ରଖିବା ପରିବାର କି ସମାଜ ପକ୍ଷରେ କିଛି ଅସ୍ୱାଭାବିକ, ଅସମୀଚୀନ କିମ୍ବା ଅନୀତିପୂର୍ଣ୍ଣ ନୁହେଁ।

ଗୋଟିଏ ଦୃଷ୍ଟିରୁ ଦେଖିଲେ ବନ୍ଧନ ବିନା ଆମେ ସୁଖକର ଜୀବନଟିଏ ବଞ୍ଚିପାରୁନା ଏବଂ ସେଥିପାଇଁ ଆମେ ବନ୍ଧନରେ ରହିବାପାଇଁ ଆତୁର ହୋଇପଡୁ। ଜୀବନ ଆରମ୍ଭରୁ ଆମେ ବନ୍ଧନରେ ରହିବାରେ ଅଭ୍ୟସ୍ତ ହୋଇଯାଉ। କେବଳ ମଣିଷ ନୁହେଁ, ସକାଳେ ପଘାରୁ ମୁକ୍ତ ହୋଇ ଚରିବାକୁ ଯାଇଥିବା ଗାଈଟି ଦିବାଶେଷରେ ଅବା ପେଟ ପୂରିଗଲେ ନିଜ ଗୁହାଳକୁ ଫେରିଆସେ ପୁଣି ପଘାରେ ବାନ୍ଧି ହେବା ପାଇଁ। ସେମିତି ମଣିଷ ମଧ ନିଜ ପାଇଁ ବନ୍ଧନଟିଏ ତିଆରି କରେ ନିଜ ଚାରିପଟେ। ଘରଟିଏ ତିଆରି କରି ତା' ଦେହରେ କବାଟ ଝରକା ଇତ୍ୟାଦି ଲଗାଇ ତାକୁ ନିବୁଜ କରେ ଏବଂ ତା' ଭିତରେ ବନ୍ଧନରେ ରହି ସମୟ କାଟେ। ପାରିବାରିକ, ସାମାଜିକ ବନ୍ଧନରେ ନିଜକୁ ନିଜେ ବନ୍ଦୀ ରଖି ସେ ଆନନ୍ଦ ପାଏ। ବିଭିନ୍ନ ଲୋକଙ୍କ ଦାୟିତ୍ୱ ବୁଝି, ସେବା କର୍ତ୍ତବ୍ୟର ବନ୍ଧନରେ ବାନ୍ଧି ହୋଇ ଆନନ୍ଦ ପାଏ। ତାକୁ ପ୍ରକୃତ ଜୀବନ ବୋଲି ମାନିନିଏ। ସେହି ବନ୍ଧନ ଭିତରେ ଭଗବାନ୍‌ଙ୍କ ସହିତ ସାକ୍ଷାତ ହୁଏ ବୋଲି ସେ ମନେକରେ।



ଶାସ୍ତ୍ରାନୁସାରେ ଜୀବ ଏହି ପୃଥିବୀପୃଷ୍ଠରେ ବାରମ୍ବାର ଜନ୍ମଲାଭ କରେ। ନିଜର ସୁକର୍ମ ପ୍ରଭାବରେ ସେ କ୍ରମେ ସେହି ବନ୍ଧନରୁ ମୁକ୍ତ ପ୍ରାପ୍ତ ହୋଇ ଈଶ୍ୱରଙ୍କ ସହିତ ମିଳିତ ହୁଏ। ତା'ପରେ ତା'ର ଆଉ ପୁନର୍ଜନ୍ମ ହୁଏନାହିଁ। କଥାଟି କିନ୍ତୁ ଏତେ ସହଜସାଧ୍ୟ ହୋଇ ନଥାଏ। ସେଥିପାଇଁ ଅନେକ ସାଧନା ଓ ତ୍ୟାଗ କରିବାକୁ ପଡ଼େ। କିଛି ଲୋକ ତ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ ଜୀବନସାରା ସାଧନାରେ ବ୍ୟସ୍ତ ରହିଥା'ନ୍ତି। ସେମାନେ ମୃତ୍ୟୁପରେ ମୋକ୍ଷ ପ୍ରାପ୍ତ ହୁଅନ୍ତି କି ନାହିଁ, ପୁନର୍ଜନ୍ମ ପାଆନ୍ତି କି ନାହିଁ, ତାହା କାହାକୁ ଜଣା ନ ଥାଏ। ତେବେ ବଞ୍ଚିଥିବା ଅବସ୍ଥାରେ ବନ୍ଧନ ଯେ ଆମର ଚିର ସହଚର ତାହା ଅନସ୍ୱୀକାର୍ଯ୍ୟ। ଜୀବନସାରା ବନ୍ଧନ ଆମର କାମ୍ୟ ହୋଇଥାଏ ଯେମିତି। ବନ୍ଧନ ବିନା ଘଡ଼ିଏ ଜୀବନ ବଞ୍ଚିବା ଆମ ପକ୍ଷରେ ସମ୍ଭବ ହୁଏନାହିଁ। କେହି ଆମକୁ ବାନ୍ଧିବା ଆଗରୁ ଆମେ ନିଜେ ନିଜକୁ ବନ୍ଧନରେ ଆବଦ୍ଧ କରିବା ଲାଗି ବ୍ୟସ୍ତ, ବିବ୍ରତ ହୋଇପଡୁ। ଶୈଶବରେ ମାତାପିତାଙ୍କର ସ୍ନେହର ବନ୍ଧନ ଆମର ମନକୁ ସ୍ନିଗ୍ଧ କରେ, କୈଶୋରରେ ସାଙ୍ଗସାଥୀଙ୍କର ପ୍ରେମର ବନ୍ଧନ ଆମକୁ ମୁଗ୍ଧ କରି ରଖେ। ଯୌବନରେ ପ୍ରିୟାର ପ୍ରଣୟ ଆମକୁ ମଦମତ୍ତ କରେ ଏବଂ ଶେଷରେ ପରିଣତ ବୟସରେ ଅସମର୍ଥ ଶରୀରକୁ ନେଇ ବଞ୍ଚିବା ଅପେକ୍ଷା ମୃତ୍ୟୁର ସୁଶୀତଳ ବନ୍ଧନ ଆମକୁ ସ୍ପର୍ଶ କରୁ ବୋଲି ଆମେ ସତୃଷ୍ଣ ନୟନରେ ତା'ର ଅପେକ୍ଷାରେ ରହୁ। ବେଳେବେଳେ ଏମିତି ମନେହୁଏ ଜୀବନର ଅନ୍ୟ ନାମ ହିଁ ବନ୍ଧନ।

ସାଂସାରିକ ବନ୍ଧନରୁ ମୁକ୍ତି ପାଇବା ପାଇଁ ଚିନ୍ତା କରୁଥିବା ଜଣେ ବ୍ୟକ୍ତି ଦିନେ ଦେଖିଲା ମାହୁନ୍ତଟିଏ ତା' ହାତୀକୁ ସାଧାରଣ ଦଉଡ଼ିଟିଏରେ ବାନ୍ଧି ଗଛମୂଳେ ଶୋଇଛି। ସେ ଭାବିଲା– ''ହାତୀ ପରି ବଳଶାଳୀ ଜନ୍ତୁକୁ ଏପରି ସାମାନ୍ୟ ଦଉଡ଼ିରେ ବାନ୍ଧି ରଖାଯିବା ବିପଜ୍ଜନକ ହୋଇପାରେ। ମାହୁନ୍ତକୁ ନିଦରୁ ଉଠାଇ ସେ ତା'ର ଭାବନା ପ୍ରକାଶ କଲା। ମାହୁନ୍ତ କହିଲା, ''ଏପରି କେବେ ହେବନାହିଁ। କାରଣ ହାତୀଟି ପିଲା ଥିଲାବେଳେ ତା' ଗୋଡ଼ରେ ଲୁହାର ଶିକୁଳି ଲଗାଯାଇ ଶକ୍ତ ଲୌହସ୍ତମ୍ଭରେ ବନ୍ଧାଯାଇଥିଲା। ସେହି ସମୟରେ ସେହି ଶିକୁଳିକୁ ଛିଡ଼ାଇବାପାଇଁ ସେ ବହୁ ଚେଷ୍ଟାକରି ବିଫଳ ହୋଇଛି। ତେଣୁ ସେ ବନ୍ଧନର ବଶ୍ୟତା ସ୍ୱୀକାର କରିସାରିଛି। ଏହି ଦଉଡ଼ିଟି ଯେତେ ଦୁର୍ବଳ ହେଲେ ମଧ ବନ୍ଧନ ପ୍ରତି ତା'ର ବଶ୍ୟତା ତାକୁ ଏହି ଦଉଡ଼ିଟିକୁ ଛିଡ଼ାଇବାକୁ ଦେବନାହିଁ।' ପିଲାଦିନରୁ ଅନେକ ସଂସ୍କାର ଏମିତି ଆମକୁ ବିଭିନ୍ନ ବନ୍ଧନରେ ବାନ୍ଧି ରଖିଥାଏ। ଆମେ ସେଗୁଡ଼ିକ ପ୍ରତି ବଶ୍ୟତା ସ୍ୱୀକାର କରିଥାଉ। ତେଣୁ ସେଗୁଡ଼ିକୁ ଆମେ ତୁଟାଇ ପାରୁନା କି ସାଂସାରିକ ବନ୍ଧନରୁ ମୁକ୍ତି ପାଇପାରୁନା।

**ଦଶରଥପୁର, ଯାଜପୁର**
**ମୋ: ୮୯୧୭୨୭୨୭୭୩**

# ଲଣ୍ଡା ଚାକୁଣ୍ଡାର ଲୁହ



ଅଶୋକ କୁମାର ପଣ୍ଡା

ହଁ ଆଜ୍ଞା, ମୁଁ ହେଉଛି ଗୋଟେ ଲଣ୍ଡା ବୁଢ଼ା ଚାକୁଣ୍ଡା ଗଛ। ମୋର ବୟସ ପ୍ରାୟ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ। ମୁଁ କେନ୍ଦ୍ରାପଡ଼ା ଜିଲାର ଆଳି ବ୍ଲକ ଅନ୍ତର୍ଗତ ବଡ଼ାମ୍ବିଳା ଗ୍ରାମ ପଞ୍ଚାୟତରେ ଠିଆ ହୋଇଛି। ନ'ମୌଜା ଡାକଘର ସାମ୍ନା ସରକାରୀ ଜାଗା ହେଉଛି ମୋର ଜନ୍ମସ୍ଥାନ। ଗଛକୁ ଛାଡ଼ି ଅନେକ ଜୀବଜନ୍ତୁ, ପକ୍ଷୀ ଓ ମଣିଷ ମୋର ଅତି ଆପଣାର ଲାଗନ୍ତି। ସେମାନେ ମୋ ଛାଇରେ ଖେଳନ୍ତି, ନାଚନ୍ତି, ହସଖୁସି ହୋଇ ମଉଜ କରନ୍ତି। ଅଳ୍ପ କିଛିଦିନ ହେବ ସତେ ଯେମିତି ମୋ ଜୀବନ ଉପରେ ଖେଳିଗଲା ଗୋଟେ କଳା ବାଦଲ। କିଛି ଲୋକଙ୍କର ଲୋଲୁପ ଦୃଷ୍ଟି ପଡ଼ିଲା ମୋ ସଶକ୍ତ ଗଣ୍ଡି ଓ ମୋଟା ଡାଳ ଉପରେ। ଲୁଚିଛପି ସେମାନେ ଆଲୋଚନା କଲେ ଏ ଗଛକୁ କାଟି ବିକ୍ରି କରିଦେବା। ଭଲ ପଇସା ହେବ। ସରକାରୀ ଜମିରେ ଅଛି ଯାହା ମିଳିବ ତାକୁ ବାଣ୍ଟିନେବା। ଯୋଜନା ମୁତାବକ ଦିନେ ସକାଳେ କିଛି ଲୋକ ଆସି ମୋ ପାଖରେ ପହଞ୍ଚିଲେ। ତାଙ୍କ ହାତରେ ଥାଏ ଧାରୁଆ କୁରାଢ଼ି। ମୁଁ କହୁଥାଏ ହେ ମଣିଷ ମୁଁ ତୁମର କି କ୍ଷତି କରିଛି, ମୁଁ ତୁମର ଶତ୍ରୁ ନୁହେଁ ବରଂ ମିତ୍ର। ମୋତେ କାଟ ନାହିଁ। ମୋ କଥା ସେମାନଙ୍କୁ ଶୁଭିଲା ନାହିଁ। ମୁଁ ଜାଣିଲି ଟଙ୍କା ପାଖରେ ମଣିଷ ବନ୍ଧା ପଡିଛି। ମଣିଷପଣିଆ ଏମାନଙ୍କ ପାଖରେ ଆସିବ ବା କେଉଁଠୁ ? ପୁଣି ନିଜ ମନକୁ ବୁଝାଉଥାଏ, ମଣିଷ କାଳେ ଶ୍ରେଷ୍ଠ ଜୀବ! ତା'ର ଚିନ୍ତା କରିବାର ଶକ୍ତି ଅଧିକ। ସେହି ମଣିଷ ଯଦି ଭାବିପାରୁଛି ତାକୁ ଯେଉଁ ମା' ବାପା ଜନ୍ମ ଦେଇ ବଡ଼ କରାଇଲେ, ସେମାନେ ବୁଢ଼ାବୁଢ଼ୀ ହୋଇଗଲେ ପିଲାଙ୍କ ପାଇଁ ଅଲୋଡ଼ା ଓ ବୋଝ ପାଲଟୁଛନ୍ତି। ଯେଉଁଠି ପିଲାମାନେ ସେହି ମା' ବାପାଙ୍କୁ ଅଲଗା କରିଦେଉଛନ୍ତି, ସେଠି ଏ ବୁଢ଼ା ଗଛ କଥା ଶୁଣିବ ବା କିଏ ?

ଏତିକି କଥା ଭାବି ନିଜ ମନକୁ ବୁଝାଉଥିବା ବେଳେ ଏକ ଶକ୍ତ କୁରାଢ଼ି ଚୋଟ ବସିଲା ମୋର ଗୋଟିଏ ଡାଳ ଉପରେ। ଚାଟ ପରେ ଚୋଟ ବସିଚାଲିଲା। ଗୋଟିଏ ପରେ ଗୋଟିଏ ପ୍ରାୟ ମୋର ଅଧା ଡାଳ କାଟିଦେଲେ। ଅନେକ ଲୋକ ଦେଖୁଥାନ୍ତି କିନ୍ତୁ ନୀରବ। ମୁଁ ସରକାରୀ ଜାଗାରେ ବଢ଼ିଛି ବୋଲି ନିଜକୁ ଖୁବ୍ ନିଃସହାୟ ମନେକଲି। ଆମ୍ଭାକୁ ବାଧିଲେ ମଣିଷ ଯେମିତି କାନ୍ଦେ, ଆଖିରୁ ଲୁହ ଝରାଏ, ଆମେ ଗଛ ବି ସେମିତି କାନ୍ଦୁ। କିନ୍ତୁ ଆମ କାନ୍ଦ ସମସ୍ତଙ୍କୁ ଶୁଭେ ନାହିଁ। କେବଳ ଆମକୁ ଭଲ ପାଉଥିବା ଲୋକମାନେ କାନ୍ଦ ଶୁଣନ୍ତି। ଦୁଇଦିନ ପରେ ସେହି ଅଞ୍ଚଳର କେତେଜଣ ପିଲା ଏବିଷୟ ଜାଣିବାକୁ ପାଇଲେ। ମୋର ଏପରି ପରିସ୍ଥିତି ଦେଖି ତାଙ୍କ ମଣିଷପଣିଆ ଚେଇଁଉଠିଲା। ସାଙ୍ଗମାନଙ୍କୁ ମେଳିକରି ସରକାରଙ୍କ ପାଖରେ ଜଣାଇଲେ। ଗଛକଟାକୁ ବିରୋଧ କରି ମୋତେ ନୂଆ ଜୀବନ ଦେଲେ।

ମୁଁ ୧୯୯୯ ମସିହାର ମହାବାତ୍ୟା ଦେଖିଛି। ଫାଇଲିନ, ହୁଡ୍‌ହୁଡ୍, ତିତ୍‌ଲି, ଅମ୍ଫନ, ଓ ଦାନା ଭଳି କେତେ ବଡ଼ ବଡ଼ ବାତ୍ୟା ଦେଖିସାରିଲିଣି। ଗତ ବାର ବର୍ଷ ଭିତରେ ବାର ଥର ବାତ୍ୟା ହୋଇସାରିଲାଣି। ଏବେଠୁ ସଜାଗ ନ ରହିଲେ ବର୍ଷକୁ ଚାରି ପାଞ୍ଚୋଟି ବାତ୍ୟା ହେବା କିଛି ଅସମ୍ଭବ ନୁହେଁ। ଏବେ ବି ସମୟ ଅଛି, ପରିବେଶ ସୁରକ୍ଷା କଲେ ଜୀବଜଗତ ଓ ମଣିଷ ସମାଜ ସୁରକ୍ଷିତ ରହିବ। ନିହାତି ଆବଶ୍ୟକ ପଡ଼ିଲେ ଗଛ କାଟ, କିନ୍ତୁ ଯେତିକି ଗଛ କାଟୁଛ ତା'ର ଦୁଇଗୁଣା ଗଛ ଲଗାଅ ଓ ତାକୁ ବଞ୍ଚାଇ ରଖିବାର ବ୍ୟବସ୍ଥା କର।

ଆଉ ଗୋଟେ ଜରୁରୀ କଥା ଭୁଲିଗଲି। ସମଗ୍ର ମଣିଷ ଜାତିକୁ ସୂଚେଇ ଦେଉଛି ତୁମମାନଙ୍କର ବଂଶ ବିସ୍ତାର ହେଉଛି ସେଥିରେ ଆମର କିଛି କରିବାର ନାହିଁ। ଆମ ଗଛଗୁଡ଼ିକର ବଂଶ କମିଲେ ପରିବେଶ ଉପରେ ବଡ଼ ପ୍ରଭାବ ପଡ଼ିବ। ସୁସ୍ଥ ପରିବେଶ ରହିଲେ ଆମ ସମାଜ ଓ ଏହାର ପାରିପାର୍ଶ୍ୱିକ ପରିସ୍ଥିତି ସୁସ୍ଥ ରହିବ। ଅଙ୍ଗାରକାମ୍ଳ ଭଳି ବିଷକୁ ଆମେ ପିଇ ପରିବେଶକୁ ଦେଉଛୁ ଶୁଦ୍ଧ ଅମ୍ଳଜାନ। ଅମ୍ଳଜାନ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ। ସମସ୍ତେ କୁହନ୍ତି ବୃକ୍ଷ ଆମର ବନ୍ଧୁ। ଏହି ପରିପ୍ରେକ୍ଷୀରେ ମୁଁ କହିବି ବୃକ୍ଷ ଜୀବଜଗତର ବନ୍ଧୁ ହୋଇପାରେ କିନ୍ତୁ ସତ କହିବାକୁ ଗଲେ ବୃକ୍ଷ ହେଉଛି ଜୀବଜଗତର ଜୀବନ। ସୂର୍ଯ୍ୟକିରଣ କିଛିଦିନ ନ ପଡ଼ିଲେ ଜୀବଜଗତ ଅଳ୍ପଦିନ ବଞ୍ଚିଯିବ। ପାଣି ନ ପିଇ ମଣିଷ କିଛି ସମୟ ବଞ୍ଚି ପାରିବ କିନ୍ତୁ ଅମ୍ଳଜାନ ନ ମିଳିଲେ ମାତ୍ର କେଇ କ୍ଷଣରେ ପ୍ରାଣୀ ଓ ମଣିଷ ଜୀବନଶୂନ୍ୟ ହୋଇଯାଏ। ତେଣୁ ବୃକ୍ଷକୁ ଜୀବନ କହିଲେ ଆମ ଭଳି ଗଛଗୁଡ଼ିକ ବେଶି ଖୁସିହେବେ। ଗଛ ଲଗାଇବା ନା ଲଗାଯାଇଥିବା ଗଛକୁ କାଟିବା ? ଜୀବନ ତୁମର ନିଷ୍ପତ୍ତି ବି ତୁମର।

**କଳଦିଆ, ନ'ମୌଜା, ଆଳି, କେନ୍ଦ୍ରାପଡ଼ା**
**ମୋ: ୯୦୪୦୮୩୭୩୬୨**

## ଚିରନ୍ତନୀ

ନ ପାରିଲି କହି କଥା କଥାଇଲା ଅନ୍ତର,
ନ ପାରିଲି ମୁଖେ ଚାହିଁ କଲ କିବା ମନ୍ତର ।
ନୀଳ ତୁମ କୁନ୍ତଳେ ଗୋ ଚୁମ୍ବିଥିଲା ଜୋଛନା,
ଧବଳ କପୋଳେ ତବ କାନ୍ଦିଲା ମୋ ବାସନା ।
ବକୁଳ ଫୁଲର ଗନ୍ଧେ ଉଡ଼େ ପାଟ ପଉଟା,
କିମ୍ବା ଆସି ଧୀରପଦେ ଉଭା ହେଲ ସଜନୀ !

–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ସୁରକ୍ଷା କଡ଼ାକଡ଼ି ହେଉ

ମହାଶୟ,

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଭିତର ଫଟୋଚିତ୍ର ଭାଇରାଲ ହେବା ଘଟଣା ଲଗାତର ଘଟିଚାଲିଛି। ଏହା ପରୋକ୍ଷ ଭାବେ ଶ୍ରୀମନ୍ଦିରକୁ ବିପଦ ମଧ୍ୟକୁ ଟାଣି ନେଉ ନାହିଁକି ? ପ୍ରକୃତ ପକ୍ଷେ କୁହାଯାଇ ପାରେ ଯେ, ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଥିବା ସୁରକ୍ଷା କର୍ମୀ ତଥା ପ୍ରଶାସନ ଏବଂ ପୋଲିସ ବିଭାଗ ଏଥିପାଇଁ ଉତ୍ତରଦାୟୀ ନୁହେଁ କି ? ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ବିଭାଗ କେବଳ ପ୍ରାଥମିକ ସାଧାରଣ ଏକ ତଦନ୍ତ କରିଦେଇ ଚୁପ୍ ହୋଇ ବସିରହୁଛନ୍ତି। ତଦନ୍ତର ଆଳ ଦେଖାଇ ପର ମୁହୂର୍ତ୍ତରେ ଅନୁସନ୍ଧାନ କରାଯିବ ବୋଲି କହି ଚୁପ୍ ହୋଇ ବସିଯାଉଛନ୍ତି। ଫଳରେ ଥରକୁ ଥର ଶ୍ରୀମନ୍ଦିରର ଭିତର ଫଟୋ ଓ ଡ୍ରୋନ୍ ଉଡ଼ାଯାଇ ବାହାରର ଦୃଶ୍ୟପଟ ଭାଇରାଲ ହୋଇଆସୁଛି। ଏହା ଆମର ଶାସନ ବ୍ୟବସ୍ଥାକୁ ସିଧା ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଅବ୍ୟବସ୍ଥାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ପ୍ରଶାସନ ମଧ୍ୟ କୌଣସି ଉପାୟ ଅବଲମ୍ବନ ନ କରି ଯଥା ପୂର୍ବଂ ତଥା ପର ନୀତିରେ ବସିଯାଉଛି। ଏହା କ'ଣ ଜାଣିଶୁଣି ବିଶ୍ୱପ୍ରସିଦ୍ଧ ବଡ଼ଦେଉଳକୁ ଧ୍ୱଂସମୁଖକୁ ଆମେ ଠେଲି ଦେଉନାହିଁ କି ?

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବିଧାନସଭା ପରିସରରେ ଗୁରୁବାର ଅପରାହ୍ନରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ଗୃହର ସଦସ୍ୟଗଣଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# ଜନତାଙ୍କ ସେବକ ଭାବି କାମ କର:ରାଷ୍ଟ୍ରପତି

## ବିଧାନସଭାରେ ଐତିହାସିକ ଉଦ୍‌ବୋଧନ

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**

ଶାସନର ଡୋରି ସବୁବେଳ ପାଇଁ ଜନଗଣଙ୍କ ହାତରେ ରହିଛି। ଆପଣମାନେ ଜନଗଣଙ୍କ ପ୍ରତିନିଧି, ସେମାନଙ୍କ ସେବକ। କେତେ ଆଶା, ଭରସା ଓ ବିଶ୍ୱାସ ନେଇ ସେମାନେ ଆପଣଙ୍କ ହାତରେ କ୍ଷମତା ପ୍ରଦାନ କରିଛନ୍ତି। ସେମାନଙ୍କ ଆଶା ପୂରଣ କରିବା, ସ୍ୱପ୍ନ ସାକାର କରିବା ଓ ସର୍ବୋପରି ତାଙ୍କ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଆପଣମାନେ ଏଭଳି କାର୍ଯ୍ୟ କରିବେ, ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ। ଦେଶର ଦରିଦ୍ରତମ ଲୋକଟିର ହିତ ପାଇଁ କାମ କରିବା ହିଁ ଅନ୍ତ୍ୟୋଦୟର ବାର୍ତ୍ତା ବୋଲି ବିଧାନସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଉଦ୍‌ବୋଧନରେ କହିଛନ୍ତି।

ବିଧାନସଭାରେ ଗୁରୁବାର ଅପରାହ୍ନରେ ରାଷ୍ଟ୍ରପତି ଗୃହରେ ତାଙ୍କ ପ୍ରଥମ ଅଭିଭାଷଣ ରଖି କହିଛନ୍ତି, ବର୍ତ୍ତମାନ ଟେକ୍ନୋଲୋଜିର ସମୟ। ଜନପ୍ରତିନିଧି ଭାବରେ ଆପଣ ସାରା ରାଜ୍ୟରେ ଚିହ୍ନା ମୁହଁ। ଆପଣଙ୍କ ପ୍ରଶଂସକ ଓ ଅନୁଗାମୀ ବହୁତ ଅଛନ୍ତି। ଆପଣ କ'ଣ କହୁଛନ୍ତି ଏବଂ କ'ଣ କରୁଛନ୍ତି ତାହା ଜାଣିବାପାଇଁ ଲୋକଙ୍କ ଉତ୍ସୁକ ଥାଏ। ଆପଣଙ୍କ ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ଆପଣମାନେ ହେଲେ ଲିଡର, ଜନତାଙ୍କୁ ଲିଡ୍ କରୁଛନ୍ତି, ଜନତା ହେଲେ ଫଲୋଅର। ଆପଣ ଯାହା କରିବେ ଜନତା ତାକୁ ଅନୁସରଣ କରିବେ। ତେଣୁ ଆପଣଙ୍କ ଉଚ୍ଚାରଣ ଓ ଆଚରଣରେ ସଂଯମତା ରହିବା ଆବଶ୍ୟକତା ରହିଛି। ଆପଣ ଗୃହ ଭିତରେ ଓ ଗୃହ ବାହାରେ ଏପରି ଆଚରଣ କରିବା ଆବଶ୍ୟକ, ଯାହାକୁ ଆପଣଙ୍କ ଅନୁଗାମୀ ଅନୁସରଣ କରି ରାଜ୍ୟ ଗଠନରେ ସହାୟକ ହୋଇପାରିବେ ବୋଲି ରାଷ୍ଟ୍ରପତି କହିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି ନିଜର ବ୍ୟକ୍ତିଗତ କଥା ମନେପକାଇ କହିଥିଲେ, ଏକାଧିକ ରାଜ୍ୟ ଓ ଦେଶରେ ସମ୍ବୋଧନ ଦେଇଛି। ହେଲେ ଓଡ଼ିଶାରେ ଆଜି ଯେଉଁ ସମ୍ବୋଧନ ଦେବାକୁ ଯାଉଛି ଏହାର ବହୁତ ବିଶେଷତ୍ୱ ରହିଛି। ଏହି ଗୃହ ମୋତେ ସବୁ କିଛି ଶିଖାଇଛି। ଏହି ଗୃହ ମୋର ରାଜନୈତିକ ମୂଳଦୁଆ ପକାଇବା ସହିତ ଆଜି ଏହିଠାରେ ପହଞ୍ଚାଇଛି। ଏଠାରେ ଉପସ୍ଥିତି ମୋର ଅତୀତର ସ୍ମୃତିକୁ ତାଜା କରିଦେଉଛି। ବିଧାୟକ, ମନ୍ତ୍ରୀ ଓ ସ୍ଥାୟୀ କମିଟିର ସଦସ୍ୟ ଭାବେ ଗୃହରେ ଉପସ୍ଥିତ କିଛି ସଦସ୍ୟଙ୍କ ସହ କାମ କରିବାର ସୁଯୋଗ ମିଳିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ କାମ କରିଛି। ଏଠାକାର ଆତ୍ମୀୟ ପରିବେଶରେ ଭାବପ୍ରବଣ ହୋଇଯାଉଛି। ସେ କହିଥିଲେ, ଓଡ଼ିଶା ପ୍ରଗତି ପଥରେ ଦ୍ରୁତଗତିରେ ଆଗକୁ ଗତି କରୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କର ଅଳ୍ପଦିନର କାର୍ଯ୍ୟକାଳ ମଧ୍ୟରେ ଅନେକ କିଛି କାର୍ଯ୍ୟ କରିଛନ୍ତି। ଓଡ଼ିଶାର ମହିଳାମାନେ 'ସୁଭଦ୍ରା' ଯୋଜନାରେ ସ୍ୱାବଲମ୍ବୀ ହେବା ସହିତ ଲକ୍ଷପତି ଦିଦି ହେବାର ସୁଯୋଗ ଲାଭ କରିପାରିଛନ୍ତି। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ, ବିପର୍ଯ୍ୟୟ ପରିଚାଳନା ଓ କୃଷି କ୍ଷେତ୍ରରେ ମଧ୍ୟ ଅନେକ ପ୍ରଗତି ହୋଇଛି। ଓଡ଼ିଶା ଚାଷ ଓ ଚାଷୀର ରାଜ୍ୟ। ଧାନକିଣାରେ ଚାଷୀମାନଙ୍କୁ ସବ୍‌ସିଡି ଦେବା ଏକ ଉତ୍ତମ ପଦକ୍ଷେପ। ଚାଷୀ ସଶକ୍ତ ନ ହେଲେ ଦେଶ ସଶକ୍ତ ହୋଇପାରିବ ନାହିଁ। ଓଡ଼ିଶାରେ ରେଳପଥ, ବନ୍ଦରପଥରେ ବହୁତ କିଛି ଉନ୍ନତି ହୋଇଛି। ଶିଳ୍ପାୟନ କ୍ଷେତ୍ରରେ ମଧ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିଛି। ଓଡ଼ିଶାର ପ୍ରଗତି ପାଇଁ କୃଷକ, ବୁଦ୍ଧିଜୀବୀ ଓ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ। ପ୍ରକୃତି ସବୁପ୍ରକାର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି ଓଡ଼ିଶା ଭୂଇଁରେ। ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ ଓ ଜଳସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା । ଓଡ଼ିଶା ମାନବସମ୍ବଳ ବିକାଶରେ ମଧ୍ୟ ପଛରେ ପଡ଼ିନାହିଁ। ଓଡ଼ିଶାରେ ମଧ୍ୟ ସୁଦୀର୍ଘ ବେଳାଭୂମି ଓ ଉର୍ବର ଚାଷ ଜମି ରହିଛି। ଏସବୁ ସମ୍ବଳର ସଦୁପଯୋଗ କରାଯାଇ ଓଡ଼ିଶାକୁ ବିକଶିତ କରାଯାଇ



ବିଧାନସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ।

ପାରିବ। ୨୦୪୭ରେ ଦେଶ ୧୦୦ ସ୍ୱାଧୀନତାର ପୂର୍ତ୍ତି ଉତ୍ସବ ପାଳନ କରିବା ବେଳକୁ ଭାରତ ବିକଶିତ ହୋଇପାରିଥିବ ବୋଲି ଆଶା କରୁଛି। ସେହିପରି ୨୦୩୬ ବେଳକୁ ଓଡ଼ିଶା ତା'ର ୧୦୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ। ସେତେବେଳକୁ ଯଦି ଓଡ଼ିଶା ବିକଶିତ ହୋଇଥିବ ତେବେ ଏହା ନିଶ୍ଚିତ ଭାବେ ଭାରତର ବିକାଶରେ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଥିଲେ। ପ୍ରଗତିକୁ ଜୀବନର ବ୍ରତ ଭାବେ ଧରିବାକୁ ହେବ। ଭାରତ ବିଶ୍ୱର ଏକ ବୃହତ୍ ଅର୍ଥନୀତି ଭାବେ ଉଭା ହେବାକୁ ଯାଉଛି। ଆଗାମୀ ମହାକାଶ ବିଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାରତୀୟ ବୈଜ୍ଞାନିକମାନେ ମଧ୍ୟ ତାଙ୍କର ସଫଳତା କରିବା ସହିତ ଭାରତର ଛବିକୁ ଉଜ୍ଜ୍ୱଳ କରିଛି। ଆଇଟି ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶ୍ୱରେ ପ୍ରଶଂସନୀୟ ହୋଇପାରିଛି। ଅନେକ ଦେଶ ଜ୍ଞାନକୌଶଳ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତ ଏବେ ବିଶ୍ୱର ଏକ ଡେଷ୍ଟିନେଶନ ପାଲଟିଛି। ଅନେକ ଦେଶର ଛାତ୍ରୀଛାତ୍ର ଏବେ ଭାରତରେ ଅଧ୍ୟୟନ କରିବାକୁ ଶ୍ରେୟ ମଣୁଛନ୍ତି। ଏସବୁ ବିକଶିତ ଭାରତର ପ୍ରାକ୍ ସୂଚନା ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ କ୍ଷେତ୍ରରେ ମାଳତୀ ଦେବୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀ ଏବଂ ବୀର ସୁରେନ୍ଦ୍ର ସାଏ, ଶହୀଦ ଲକ୍ଷ୍ମଣ ନାୟକ ଓ ବାଜି ରାଉତ ପ୍ରମୁଖଙ୍କ ଗୁଣାବଳୀ ଗାନ କରିଥିଲେ। ଅଭିଭାଷଣ ପରେ ରାଷ୍ଟ୍ରପତି ମୁର୍ମୁ ବିଧାନସଭାର ସମସ୍ତ ସଦସ୍ୟ, ପୂର୍ବତନ ବିଧାୟକଙ୍କ ସହ ମତ ବିନିମୟ କରି ଏହି ଦିନ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଗୃହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ରଖି କହିଥିଲେ, ଏହି ସଭାରେ ଆପଣଙ୍କ ଯାତ୍ରା ସଂସଦୀୟ ପରମ୍ପରାକୁ ଶକ୍ତିଶାଳୀ କରିବା ସହ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉତ୍ତୋଳନ କରିଛି। ଏଥିସହ ଅସଂଖ୍ୟ ମହିଳାଙ୍କୁ ପ୍ରଭାବିତ କରିବା ସହିତ ସମସ୍ତ ଜନସାଧାରଣଙ୍କଠାରେ ପ୍ରେରଣା ସୃଷ୍ଟି କରିଛି। ରାଜ୍ୟପାଳ କହିଥିଲେ, ଓଡ଼ିଶାର ଏକ ଛୋଟ ଜନଜାତି ଗାଁରୁ ରାଇସିନା ହିଲ୍‌ର ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପର୍ଯ୍ୟନ୍ତ ଆପଣଙ୍କ ଜୀବନ ଯାତ୍ରା ଆଧୁନିକ ଭାରତର ସବୁଠାରୁ ପ୍ରେରଣାଦାୟକ। ଏହା ଗଣତନ୍ତ୍ରର ପରିବର୍ତ୍ତନଶୀଳ ଶକ୍ତିକୁ, ଶିକ୍ଷାର ଭୂମିକାକୁ ଏବଂ ଅଦମ୍ୟ ପ୍ରୟାସର ଶକ୍ତିକୁ ପ୍ରତିପାଦନ କରୁଛି। ଆପଣଙ୍କ ଯାତ୍ରା ଆଜି ମଧ୍ୟ ଲକ୍ଷାଧିକ ଲୋକଙ୍କୁ ବିଶେଷକରି ଯୁବ, ମହିଳା ଓ ଦେଶର ସମସ୍ତ ଜନଜାତି ସମୁଦାୟଙ୍କୁ ପ୍ରେରଣା ଦେଇ ଆସୁଛି। ଏହି ଅବସରରେ ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ରଖିଥିଲେ।

# ଜନସେବା, ତପସ୍ୟାର ଫଳ ହିଁ ସର୍ବୋଚ୍ଚ ଆସନ ଦେଇଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**

ଦେଶର ସର୍ବୋଚ୍ଚ ଆସନରେ ପହଞ୍ଚିବା କେବେହେଲେ ସଂଯୋଗ ନୁହେଁ। ଏହା ଜନସେବା ପାଇଁ ଆପଣଙ୍କ କଠୋର ତପସ୍ୟା ଏବଂ ଈଶ୍ୱରଙ୍କ ଆଶୀର୍ବାଦର ଫଳ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଗୃହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ଅଭିଭାଷଣ ଅବସରରେ କହିଛନ୍ତି।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ୟକ୍ତିଗତ ଭାବେ ମୁଁ ଅଭୀଭୂତ। କାରଣ ମୋ ପରି ଜଣେ ସାଧାରଣ ଆଦିବାସୀ ପରିବାରରେ ଜନ୍ମିତ ସାଧାରଣ ବ୍ୟକ୍ତିକୁ ରାଷ୍ଟ୍ରପତିଙ୍କର ମାର୍ଗଦର୍ଶନରେ ଓଡିଶାବାସୀଙ୍କ ସେବା କରିବା ପାଇଁ ସୁଯୋଗ ମିଳିଛି। ଓଡ଼ିଶା ପରି ରାଜ୍ୟ, ଯେଉଁଠାରେ ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ହେଉଛନ୍ତି, ଜନଜାତି ସମ୍ପ୍ରଦାୟର। ସେହି ସମ୍ପ୍ରଦାୟରୁ ଦେଶର କନିଷ୍ଠତମ ରାଷ୍ଟ୍ରପତି ତଥା ପ୍ରଥମ ନାଗରିକ ଭାବେ ସେବା କରିବା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ସୁଯୋଗ ମିଳିଛି ଏବଂ ରାଜ୍ୟର ସେବା କରିବା ପାଇଁ ମୁଖ୍ୟ ସେବକ ଭାବେ ମୋତେ ସୁଯୋଗ ମିଳିଛି। ଏହା କେବଳ ସମ୍ଭବ, ଆଜିର ଭାରତରେ ଏବଂ ଏହି ସୁଯୋଗ ଦେଇଛି ଆମ ଭାରତୀୟ ସମ୍ବିଧାନ।


ମୁଖ୍ୟମନ୍ତ୍ରୀ କହିଥିଲେ, ବିଧାନସଭାରେ ଆଜିର ଆଗମନ, ପୁଣିଥରେ ଆପଣଙ୍କ ସ୍ୱଚ୍ଛ, ଦକ୍ଷ ଏବଂ ନିପୁଣ କାର୍ଯ୍ୟଶୈଳୀ ବିଷୟରେ ସମସ୍ତ ସ୍ମୃତିକୁ ଜାଗ୍ରତ କରିଛି। ଏହି ପବିତ୍ର ଗୃହରେ ଆପଣଙ୍କ କାର୍ଯ୍ୟଦକ୍ଷତା ପାଇଁ ଆପଣ ପ୍ରଥମ ମହିଳା ଶ୍ରେଷ୍ଠ ବିଧାୟିକା ଭାବରେ ସମ୍ମାନିତ ହୋଇଥିଲେ, ଯାହାକି, ସମଗ୍ର ନାରୀ ଜାତି ପାଇଁ ଏକ ଦୃଷ୍ଟାନ୍ତମୂଳକ ଉଦାହରଣ। ଆପଣଙ୍କ ନୀତିନିଷ୍ଠ କାର୍ଯ୍ୟ ଓ ଉତ୍ସର୍ଗୀକୃତ ସମାଜ ସେବା ପାଇଁ ଆପଣ ଝାଡ଼ଖଣ୍ଡର ପ୍ରଥମ ଆଦିବାସୀ ମହିଳା ରାଜ୍ୟପାଳ ଭାବରେ ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ଅଧିଷ୍ଠିତ ହୋଇଥିଲେ। ଆପଣଙ୍କ କାର୍ଯ୍ୟକାଳ ସେହି ରାଜ୍ୟର ଇତିହାସରେ ସବୁଠାରୁ ଦୀର୍ଘତମ କିମ୍ବଦନ୍ତୀ ହୋଇରହିଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାର ଓଡ଼ିଶାର ପ୍ରତ୍ୟେକ ବର୍ଗ ଯେପରି କି ମହିଳା, ଅନ୍ନଦାତା, ଯୁବ, ଗରିବ, ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟକରୁଛି ଏବଂ ଆପଣଙ୍କ ମାର୍ଗଦର୍ଶନରେ ଆଗକୁ ମଧ୍ୟ ଏହା ଜାରି ରହିବ। ଏହି ଅଳ୍ପ ଦିନର ଶାସନରେ ଆମ ସରକାର ଲୋକଙ୍କୁ ସ୍ୱଚ୍ଛ, ନିର୍ମଳ, ଦକ୍ଷ ଓ ପ୍ରଗତିଶୀଳ ଶାସନ ପ୍ରଦାନ କରିଆସୁଛି। ସରକାର ଓ ଲୋକଙ୍କ ଭିତରେ ଥିବା ପ୍ରତିବନ୍ଧକୁ ଭାଙ୍ଗି ସରକାରକୁ ଲୋକଙ୍କ ନିକଟତର କରିଛୁ। ସେଥିପାଇଁ ଆମ ସରକାରକୁ ସାଧାରଣ ଜନତା 'ଲୋକଙ୍କ ସରକାର'ର ଆଖ୍ୟା ଦେଇଛନ୍ତି ଏବଂ ତାଙ୍କର ମୁଖ୍ୟ ସେବକଙ୍କୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଭାବେ ଅଭିହିତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।












# ଅସଜଡ଼ା ଭିତ୍ତିଭୂମି ସଜଡ଼ାଯାଉ, ଶୋଷଣ ରୋକାଯାଉ

## ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ

ଢେଙ୍କାନାଳ,୨୭।୧୧(ରତନ ନାୟାର)


ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ ଜିଲା ଓକିଲ ସଂଘ ଆହ୍ୱାନରେ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ୨ଟି ଦାବିପତ୍ର ପ୍ରଦାନ କରାଯାଇଛି। ଗୋଟିଏ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓ ଆଉ ଗୋଟିଏ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅସଜଡ଼ା ବିଦ୍ୟୁତ୍ ଭିତ୍ତିଭୂମିକୁ ତୁରନ୍ତ ସଜାଡ଼ିବା ସହ ଉପଭୋକ୍ତାମାନଙ୍କୁ କରାଯାଉଥିବା ଶୋଷଣ ରୋକାଯିବାକୁ ଏଥିରେ ଦାବି କରାଯାଇଛି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଢେଙ୍କାନାଳ ସହରାଞ୍ଚଳ ଏବଂ ଜିଲାର ବିଭିନ୍ନ ଅଞ୍ଚଳରେ ସମ୍ପ୍ରତି ବିଦ୍ୟୁତ୍ ବ୍ୟବସ୍ଥା ବିପଦସଙ୍କୁଳ ଅବସ୍ଥାରେ ରହି ଦୁର୍ଘଟଣାର କାରଣ ସାଜୁଛି। ସ୍ମାର୍ଟ ମିଟରକୁ ବିରୋଧ ସହ ଅସଜଡ଼ା ଭିତ୍ତିଭୂମିକୁ ତୁରନ୍ତ ସଜାଡ଼ିବା, ଉପଭୋକ୍ତାମାନଙ୍କ ପ୍ରତି ହେଉଥିବା ଶୋଷଣ ବନ୍ଦ କରାଯିବା ଏବଂ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ରୋକିବା, ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାରକୁ ତୁରନ୍ତ ହଟାଇବା ଆଦି ଦାବି କରାଯାଇଛି। ୨ ସପ୍ତାହ ମଧ୍ୟରେ ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆବାହକ ତଥା ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଓକିଲ ସଂଘ ସମ୍ପାଦକ ତାପସ କୁମାର କବିଶତପଥୀ, ଉପସଭାପତି ଟଙ୍କଧର ବେହେରା, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ଗିରିଜା ମହାନ୍ତି, କିଷାନ ବିଶ୍ୱାଳ, ଦେବାଶିଷ ମିଶ୍ର, ସୁବୋଧ ମହାନ୍ତି, ସୁକାନ୍ତ ମିଶ୍ର, ନିର୍ମଳ ମିଶ୍ର, ବିଜେଡି ପକ୍ଷରୁ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ସାଗିର ମହମ୍ମଦ, ଏଏପି ପକ୍ଷରୁ ଭରତ ଦାସ ଓ ପଙ୍କଜ ନାୟକ, ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ପୂର୍ବତନ ସଭାପତି ସୁନୀଲ ଦାଶ, ଟ୍ରକ୍ ମାଲିକ ସଂଘ ପକ୍ଷରୁ ରୁଦ୍ରାନ୍ତ ଦଳେଇ, ବୁଦ୍ଧିଜୀବୀ ବିଶ୍ୱନାଥ ବେହେରା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଶିଶିର ଶତପଥୀ, ବିନୋଦ ମହାନ୍ତି, ଲକ୍ଷ୍ମୀକାନ୍ତ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଆଲୋଚନା ମାଧ୍ୟମରେ ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ଆଶିଷ ଈଶ୍ୱର ପାଟିଲ କହିଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଦେଖି ବ୍ୟାପକ ପୋଲିସ ମୁତୟନ ହୋଇଥିଲା।

# ମୋରମ ବୋଝେଇ ୨ ଟ୍ରକ୍ ଜବତ



ଗଁଦିଆ,୨୭।୧୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ପୋଲିସ ପକ୍ଷରୁ ୨ଟି ମୋରମ ବୋଝେଇ ଟ୍ରକ୍‌କୁ ଗୁରୁବାର ଜବତ କରାଯାଇଛି। ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ଓ କର୍ମଚାରୀମାନେ ଗଁଦିଆ ହାଇସ୍କୁଲ ନିକଟରେ ୨ ମୋରମ୍ ବୋଝେଇ ଟ୍ରକ୍‌କୁ ଜବତ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୪୬୨/୨୫ ଓ ୪୬୩/୨୫ରେ ମାମଲା ରୁଜୁ କରି ଦାସପଲା ଥାନା ନୂଆସାହିର ବିସିକେଶନ ବେହେରା (୩୩)ଓ ଗଁଦିଆ ଥାନା ଝାରଦା ଗ୍ରାମର ରବିନାରାୟଣ ଦେହୁରୀ(୩୨)ଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ଏମ୍‌ପିଙ୍କୁ କୃତଜ୍ଞତା ଜଣାଇଲେ ଏକଘରିଆ ଗ୍ରାମବାସୀ

ଓଡ଼ାପଡ଼ା,୨୭।୧୧(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମ ନିକଟସ୍ଥ ଶରଣ ଶ୍ରୀକ୍ଷେତ୍ର ପରିସରରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠରେ ଦୀନକୃଷ୍ଣ ଦାସଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଆବଶ୍ୟକ ପାଣ୍ଠି ଯୋଗାଇଦେବାକୁ ନେଇ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି। ଏଥିପାଇଁ ଏକଘରିଆ ଗ୍ରାମବାସୀ ଏମ୍‌ପି ପାଣିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମବାସୀ ଏମ୍‌ପିଙ୍କୁ ସାକ୍ଷାତ କରି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଲିଖିତ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ଏମ୍‌ପି ପାଣି ୫ ଲକ୍ଷ ଟଙ୍କା ଅନୁଦାନ ରାଶି ଯୋଗାଇଦେଇଥିବାରୁ ଗ୍ରାମ ସଭାପତି ଭାବଗ୍ରାହୀ ପରିଡ଼ା, ଦୁର୍ଗାମାଧବ ପୃଷ୍ଟି, ବ୍ରହ୍ମାନନ୍ଦ ରାଉତ, ବିପିନ ବିହାରୀ ପରିଡ଼ା ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି ।

# ବାର୍ହା ମୃତଦେହ ଉଦ୍ଧାର

ଗଁଦିଆ,୨୭।୧୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ବନାଞ୍ଚଳ ଅନ୍ତର୍ଗତ କାବେରା ଗ୍ରାମରେ ଗୁରୁବାର ଅଗ୍ନିଶମ ବିଭାଗ ଦ୍ୱାରା କୂଅରୁ ମୃତ ବାର୍ହାକୁ ଉଦ୍ଧାର କରାଯାଇଛି। ବୁଧବାର ରାତିରେ କୌଣସି କାରଣବଶତଃ ବାର୍ହାଟି କୂଅରେ ପଡ଼ି ଯାଇଥିଲା। ଖବରପାଇ ଗଁଦିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବାର୍ହାକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ବନବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ବାର୍ହା ମୃତଦେହ ପୋତାଯାଇଥିବା ଯୋରନ୍ଦା ଫରେଷ୍ଟର ଗଙ୍ଗାଧର ସାହୁ ସୂଚନା ଦେଇଛନ୍ତି।

# ରାଜେଶ ହତ୍ୟା ରହସ୍ୟ ଖୋଲିପାରୁନି ପୋଲିସ

## ଆନ୍ଦୋଳନ ପାଇଁ ଗ୍ରାମବାସୀ ସଜବାଜ

ପରଜଙ୍ଗ,୨୭।୧୧(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ସାଆନ୍ଦା ଗ୍ରାମର ରାଜେଶ ପାଣିଙ୍କ ମୃତଦେହ ଗତ ୧୪ ତାରିଖରେ କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମ ମହୋତ୍ସବ ଖନ୍ଦା ପୋଖରୀରୁ ପୋଲିସ ଜବତ କରିଥିଲା। ରାଜେଶ ମୁକ୍ତାପଶି ଗ୍ରାମକୁ ଏକ ନିର୍ବନ୍ଧ ଭିଡିଓ ସୁଟିଂ ପାଇଁ ଯାଇଥିବା ବେଳେ ଆଉ ଫେରି ନ ଥିଲେ। ପରିବାର ଲୋକେ ସବୁଆଡେ ଖୋଜାଖୋଜି କରିଥିଲେ ମଧ୍ୟ ନିରାଶ ହୋଇଥିଲେ। ତାଙ୍କ ମୋଟରସାଇକେଲ ଓ ଚାବି ମୁକ୍ତାପଶି ଗ୍ରାମ ମହୋତ୍ସବ ଖନ୍ଦା ପୋଖରୀ ହୁଡ଼ାରେ ରହିଥିବା ବେଳେ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପରିବାର ଲୋକେ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାଜେଶଙ୍କୁ ଭିଡିଓ ଶୁଟିଂ ପାଇଁ ଡକାଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତକଙ୍କ ଶାଳକ କାମାକ୍ଷାନଗର ଥାନାରେ ଏତଲା ଦେଇଥିଲେ। କିନ୍ତୁ ଘଟଣାକୁ ୧୪ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଧରିପାରି ନାହିଁ। ଏ ନେଇ ସାଆନ୍ଦା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ କହିଛନ୍ତି, ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଉଛି। ଖୁବ୍‌ଶୀଘ୍ର ଘଟଣା ଉପରୁ ପରଦା ହଟିବ।

# ସାପ କାମୁଡ଼ାରେ ଚାଷୀ ମୃତ

ପରଜଙ୍ଗ,୨୭।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାମାକ୍ଷାନଗର ଥାନା ପଥରଖମ୍ବ ଗ୍ରାମର ଚାଷୀ ଛକଡ଼ି ସାହୁଙ୍କ ଗୁରୁବାର ଧାନ କାଟୁଥିବାବେଳେ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଛକଡି ବିଲକୁ ଧାନ କାଟିବାକୁ ଯାଇଥିବାବେଳେ ସାପ କାମୁଡାର ଶିକାର ହୋଇଥିଲେ। ପାଖ କ୍ଷେତରେ ଥିବା ଅନ୍ୟ ଚାଷୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଢେଙ୍କାନାଳ,୨୭।୧୧(ରତନ ନାୟାର)


ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଶ୍ରମିକ ସଙ୍ଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୪ଟି ଶ୍ରମ ସଂହିତା ରଦ୍ଦ କରିବା, ସର୍ବନିମ୍ନ ମଜୁରି ଅଧିକାରର ସୁରକ୍ଷା କରିବା, ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀଙ୍କ ଅଧିକାର ଓ ସୁରକ୍ଷା ପାଇଁ ଅଧିକାର ଆଇନ, ପଞ୍ଚାୟତ ଅନୁସୂଚିତ କ୍ଷେତ୍ର ପର୍ଯ୍ୟନ୍ତ ବିଚାର ଅଧିନିୟମ-୧୯୯୬କୁ କଡ଼ାକଡ଼ି ଭାବେ ଲାଗୁ କରିବା, ଜମି, ଜଙ୍ଗଲ, ଜଳ ଏବଂ ଖଣିଜ ପଦାର୍ଥର କୌଣସି କର୍ପୋରେଟ ଅଧିଗ୍ରହଣ କରାଯିବ ନାହିଁ, କର୍ପୋରେଟ୍ ଦ୍ୱାରା ଖଣି ଖନନ ଓ ତତ୍‌ସଂକ୍ରାନ୍ତୀୟ ବ୍ୟବସ୍ଥାକୁ ସମାପ୍ତ କରିବା ପାଇଁ ଆଇନ ପ୍ରଣୟନ, ଏହି ବ୍ୟବସାୟରୁ ମିଳୁଥିବା ଲାଭର ୬୦ପ୍ରତିଶତ ଅର୍ଥ ଖଣି ଅଞ୍ଚଳର ଲୋକଙ୍କ କଲ୍ୟାଣମୂଳକ କାର୍ଯ୍ୟରେ ଖର୍ଚ୍ଚ କରିବା ସହିତ ଆଦିବାସୀ ପରିବାରମାନଙ୍କୁ ଅଗ୍ରାଧିକାର ଦେବା, ରାଜ୍ୟ ସରକାରଙ୍କ ସହଯୋଗରେ ଫସଲ ଓ ପ୍ରାଣୀ ସମ୍ପଦ ପାଇଁ ରାଷ୍ଟ୍ରାୟାତ୍ତ କ୍ଷେତ୍ରରେ ବୀମା ନିଗମ ଗଠନ କରିବା, ଚାଷଜମି ପାଇଁ ଜଳ ଅଧିକାର ସୁନିଶ୍ଚିତ କରିବା, କୃଷକ ଓ କୃଷୀ ଶ୍ରମିକଙ୍କୁ ମାସକୁ ୧୦ ହଜାର ଟଙ୍କାର ପେନସନ ପ୍ରଦାନ ଆଦିକୁ ନେଇ ଦାବୀପତ୍ର ପ୍ରଦାନ କରାଯାଇଥିଲା। ସିଆଇଟିୟୁର ସର୍ବଜ୍ଞ ସାହୁ, ଏଆଇଟିୟୁସିର ରବି ରଥ, ଏଆଇସିସିଟିୟୁର ଶ୍ରୀନିବାସ ସାହୁ, ସିପିଏଫ୍‌ର ସ୍ୱରୂପାନନ୍ଦ ଦାସ, ଏଚ୍‌ଏମ୍‌ଏସ୍‌ର ବାବୁଲି ସିଂହ, ଟିୟୁସିସିର କମଳା ସାହୁ, ଆଇଏନ୍‌ଟିୟୁସିର ଛବିରାଜ ବିଶ୍ୱାଳ, ବିକେଏମ୍‌ୟୁର ପ୍ରଫୁଲ୍ଲ କୁମାର ନାୟକ, କିଷାନ କଂଗ୍ରେସର ବିପ୍ରବର ସାହୁ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ

ଗଁଦିଆ,୨୭।୧୧(ବିଶ୍ୱ ମୋହନ ସାହୁ)


ଗଁଦିଆ ବ୍ଲକର ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ନିର୍ବାଚନ ଅବସରରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ବରିଷ୍ଠ ନାଗରିକ ମଞ୍ଚର ଏକ ସ୍ୱତନ୍ତ୍ର ବୈଠକ ଗୁରୁବାର ପୋରୁହଖୋଜ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି(ସିବିଆଇ) ଭିକାରୀ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗଁଦିଆ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବରିଷ୍ଠ ନାଗରିକ ଉପସ୍ଥିତ ରହି ମତ ସାବ୍ୟସ୍ତ କରିଥିଲେ। ଦିବଙ୍ଗତ ବରିଷ୍ଠ ନାଗରିକ ଅନନ୍ତ ଚରଣ ଶତପଥୀ, ମୁରଲୀଧର ରାଉତ, ରାଜ କିଶୋର ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶୋକପ୍ରକାଶ କରାଯାଇଥିଲା। ନୂଆ ସଭାପତି ଭାବେ ବିଜୟ କୁମାର ସାମନ୍ତ, କାର୍ଯ୍ୟକାରୀ ସଭାପତି ଭାବେ ହରିହର ସାହୁ, ଉପସଭାପତି ପୀତବାସ ରାଉତ, ଡମ୍ବରୁଧର ସେଠୀ, ଗୋପାଳ ଚନ୍ଦ୍ର ରାଉତ, ଶରତଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସହ ସମ୍ପାଦକ ରଞ୍ଜନ କୁମାର ନାୟକ, ଅନନ୍ତ ନାରାୟଣ ଶତପଥୀ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସ୍ୱାଇଁ, ସମୀକ୍ଷକ ଉପେନ୍ଦ୍ର କୁମାର ରାଉତ, ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ କୁମାର ଭୂତିଆ, ପ୍ରବକ୍ତା ଭାବେ ଯୁଧିଷ୍ଠିର ମହାନ୍ତି, ହୃଦାନନ୍ଦ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ନଟବର ଗୁରୁ, ଗଣେଶ୍ୱର ପ୍ରଧାନ, ଦୁର୍ଲଭ ରାଉତ ନିର୍ବାଚିତ ହୋଇଥିଲେ। ମଞ୍ଚର ଉପଦେଷ୍ଟା ଭାବେ ଭିକାରୀ ଚରଣ ରାଉତ, ବିଚିତ୍ରାନନ୍ଦ ମହାନ୍ତି, ଦଣ୍ଡଧର ସାହୁ, ବିଶ୍ୱନାଥ ଜେନା, ବୁଦ୍ଧଦେବ ପ୍ରଧାନ, ମଙ୍ଗୁଳି ଚରଣ ବିଶ୍ୱାଳ, ସୁଧାକର ଦଳାଇ ମନୋନୀତ ହୋଇଥିଲେ। କର୍ମକର୍ତ୍ତାମାନଙ୍କୁ ଉପଦେଷ୍ଟା ଭିକାରୀ ଚରଣ ରାଉତ ଶପଥ ପାଠ କରାଇଥିଲେ। ସଭାପତି, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ସଙ୍ଗଠନ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନେଇ ଏକ ସମ୍ପାଦନା ମଣ୍ଡଳୀ ଗଠନ କରାଯାଇଥିଲା।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୪୦, ତାରିଖ: ୨୬।୧୧।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିକି.), ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା ପୂର୍ବରୁ** ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା **୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ. ଏବଂ ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅମାନତ ରାଶି: (୧) ଇ-କେଜିପି-ସାଉଥ-୬୨-୨୦୨୫;** ବରିଷ୍ଠ ଡିଇଏନ୍ (ଦକ୍ଷିଣ/ଖଡ଼ଗପୁରଙ୍କ ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ବ୍ରିଜ୍ ନଂ. ୨୧୫ ୟୁପି ଓ ଡିଏନ୍ ଏବଂ ବ୍ରିଜ୍ ନଂ. ୨୬୩ ୟୁପି ଓ ଡିଏନ୍‌ର ରିଭର୍ ବେଡ୍ ମ୍ୟାପିଂ । (୨ୟ ଆହ୍ୱାନ); ₹୧୨,୨୦,୪୮୨.୪୦; ₹୨୪,୪୦୦/- । **(୨) ଇ-କେଜିପି-ୱେଷ୍ଟ-୫୪-୨୦୨୫;** ଚକୁଲିଆ – ରାଖାମାଇନ୍ସ : ଏଡିଇଏନ୍/ଝାଡଗ୍ରାମଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ସି ନଂ. ୧୦୭ ଓ ୧୨୮ଠାରେ ୦୨ ଗୋଟି ଏଲ୍‌ଏଚ୍‌ଏସ୍‌ର ନିର୍ମାଣ; ₹୧୫,୬୯,୧୦,୩୮୦.୯୮; ₹୯,୩୪,୬୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ₹୦.୦୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୧୮।୧୨।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୨।୧୨।୨୦୨୫ରିଖ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୨ ମାସ ଏବଂ କ୍ର.ସଂ. ୨ ପାଇଁ ୧୮ ମାସ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ ପାଇଁ ତା୦୪।୧୨।୨୦୨୫ରିଖରୁ ତା୧୮।୧୨।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଏବଂ କ୍ର.ସଂ. ୨ ପାଇଁ ତା୦୮।୧୨।୨୦୨୫ରିଖରୁ ତା୨୨।୧୨।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-888)**

**Directorate of Tourism,**
**Department of Tourism, Art Culture, Sports and Youth Affairs,**
**Govt. of Jharkhand**
**MDI Building, 2nd Floor, Dhurwa, Ranchi-834004**
**GSTIN-20RCHD00786C1D4**
**Phone:(0651)2400493,** email:dirjharkhandtourism@gmail.com, **Web:**https://tourism.jharkhand.gov.in

**Short e-Tender Notice**

e-Tender No.: Tour/Dir/Yoj./08/2025-**1093**/ Ranchi Date :- **27.11.2025**

**Online (e-Tender) RFP for Procurement, Design, Fabrication Supply of Floating Restaurant to Directorate of Tourism, Govt. of Jharkhand.**

| NIT No. | Name of the works | Estimated cost (in Rs.) Including GST and other taxes as applicable | Earnest money to be deposited (in Rs.) | Time of completion of work |
|---|---|---|---|---|
| | RFP for Procurement, Design, Fabrication Supply of Floating Restaurant to Directorate of Tourism, Govt. of Jharkhand | 4,00,00,000.00 | 8,00,000.00 | 3 Months |

| | |
|---|---|
| Availability of tender documents on website | From 28/11/2025 (Friday) from 05:00 PM |
| Last date and time for uploading of e-tender | Up to 12/12/2025 (Friday) at 3:00 PM |
| Pre-bid Meeting<br>Google Meet<br>joining info Video call link: **https://meet.google.com/iro-pnzh-cyx**<br>(For any query regarding RFP, kindly mail us before Pre -bid date and time to – dirjharkhandtourism@gmail.com) | 04/12/2025 (Thursday) at 01:00 PM |
| Date and time for opening of Tender (Technical) | 15/12/2025 (Monday) at 04:00 PM |
| Date and time for opening of Tender Part -II (Financial) | will be communicated later on |
| Tendering officer and address for communication | Director, Directorate of Tourism, MDI Building, 2nd Floor, Dhurwa, Ranchi-834004 |

1. e-Tender document and BOQ including terms & conditions, Tender specification, etc. can be downloaded from website https://jharkhandtenders.gov.in. Any details required in the regard can also be procured from the office of the undersigned (0651-2400493) during office hours. NIC helpline no. is 0651-2400178.
2. The bids will be received only through electronic tendering mode.
3. No claim shall be entertained on account of disruption of internet services while uploading the bid. Bidders are advised to upload their bids well in advance to avoid last minute technical snag.
4. Bidders must submit a copy of the UTR/reference number as proof of online payment of the tender fee and EMD, as mentioned in the NIT, before the specified cutoff date and time. The details of the finally uploaded BOQ, EMD, and payment instruments (DD/Cheque, etc.) must exactly match the details submitted online (scanned copies); any discrepancies will result in the bid being rejected. Additionally, all bidders are required to submit a hard copy of technical documents of the tender document to the Directorate of Tourism, Govt. of Jharkhand prior to the tender opening date as specified above.

Sd/-
**Director,**
Tourism

PR 367246 (Tourism, Art Culture Sports And Youth Affairs) 25-26 (D)

# ସଂସ୍କୃତ ଭାଷା ସମସ୍ତ ଜ୍ଞାନ ବିଜ୍ଞାନର ଭିତ୍ତିଭୂମି


ଏକଦିବସୀୟ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ସହ ଛାତ୍ରୀମାନେ।

ଢେଙ୍କାନାଳ,୨୭।୧୧(ରତନ ନାୟାର)

## ଏକ ଦିବସୀୟ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପଠନ ସଭାଗୃହରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ପ୍ରୋତ୍ସାହନରେ ସଂସ୍କୃତ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଏକଦିବସୀୟ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ-୨୦୨୫ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସଂସ୍କୃତ ବିଭାଗ ମୁଖ୍ୟ ବିକାଶ ରଞ୍ଜନ ରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ପୌରୋହିତ୍ୟ କରିଥିଲେ। ସଂସ୍କୃତ ସମ୍ଭାଷଣ ଶିକ୍ଷକ ଅରିନ୍ଦମ ପାରୁଇଙ୍କ ତତ୍ତ୍ୱାବଧାନରେ ଓ ଦେବସ୍ମିତା ପାଲୌରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ସହକାରୀ ପ୍ରାଧ୍ୟାପକ ଡ.ରମାକାନ୍ତ ସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଯୁକ୍ତି କ୍ଷେତ୍ରରେ ସଂସ୍କୃତ ଭାଷା ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ସଂସ୍କୃତ ଭାରତୀ ପୂର୍ବ ଉତ୍କଳମନ୍ତ୍ରୀ ପଣ୍ଡିତ ନୃସିଂହ ଚରଣ ପଣ୍ଡା ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଜ୍ଞାନ ବିଜ୍ଞାନର ଭିତ୍ତିଭୂମି ଓ ଏହାର ପରିବ୍ୟାପ୍ତତା ସୁଦୂରପ୍ରସାରୀ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡ. ସୁରେନ୍ଦ୍ର ନାଥ ଷଡ଼ଙ୍ଗୀ, ପ୍ରାଧ୍ୟାପକ ଡ.ନିର୍ମଳ ସୁନ୍ଦର ମିଶ୍ର, ପ୍ରଶାସନିକ ଅଧିକାରୀ ଡ.ବିଭୂଦତ୍ତ ଦାଶ, ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜିତ କୁମାର ମହାପାତ୍ର, ଅମ୍ବିକା ପ୍ରସାଦ ରଥ ଓ ଶିକ୍ଷାବିତ୍ ଡ.ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ସଂସ୍କୃତ ଅଧ୍ୟୟନ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ବିକାଶ ରଞ୍ଜନ ରଣା ମଞ୍ଚାସୀନ ଥିଲେ। ଏହି କେନ୍ଦ୍ରଦ୍ୱାରା ଶିକ୍ଷାପ୍ରାପ୍ତ ଜଗବନ୍ଧୁ ସାହୁ, ଜ୍ଞାନ ରଞ୍ଜନ ସାହୁ, ବିଭୁ ପ୍ରସାଦ ପାଣି ନିଜସ୍ୱ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସଂସ୍କୃତ ଗୀତକୁ ଛାତ୍ରୀଛାତ୍ର ମାନେ ନାଟକ ଶୈଳୀରେ 'ଦ୍ରାକ୍ଷା ଫଳମ୍' ଓ ସଂସ୍କୃତ ନାଟକ 'ସଂସ୍କୃତ ମାତା' ଉପସ୍ଥାପନ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପିକା ଡ.ଚିନ୍ମୟୀ ମିଶ୍ର, କାଦମ୍ବିନୀ ରାଉଳ, ଦୀପାଞ୍ଜଳି ସେଠୀ, ଛାତ୍ରୀ ଶୁଭସ୍ମିତା ପତି, ଦୀପ୍ତିପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଦେବସ୍ମିତା ପାଲୌର ସଭା ସଂଯୋଜନା କରିଥିଲେ। ଅତିଥି ଅଧ୍ୟାପକ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**100+ AI Tools**

Scan to Master the Future of Technologies

OKCL
ODISHA KNOWLEDGE CORPORATION LIMITED
Contact 0674-3520021 OR send 'Hi' to 7735552044
to know more about OS-CIT

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ପିପଳା ଛକରେ ଗୁରୁବାର ସକାଳେ ବାଇକ୍ ଧକ୍କାରେ ଗଙ୍ଗେଇଲ ଗ୍ରାମର ଅଙ୍କୁର ଖୁଣ୍ଟିଆ(୭୦)ଙ୍କ ମୃତ୍ୟୁ ହୋଇଛି। ଅଙ୍କୁର ଧାନ କାଟିବାକୁ ମୂଲିଆ ବୁଝିବା ପାଇଁ ସାଇକେଲରେ ପିପଳା ଗ୍ରାମକୁ ଯାଉଥିଲେ। ମହୁଲପାଳ ଜିରାଳ ରାସ୍ତାର ପିପଳା ଛକରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# କୃଷକ ଉତ୍ପାଦକ ସଂଘଗୁଡ଼ିକର ଶିକ୍ଷାମୂଳକ ଯାତ୍ରା

**ଅନୁଗୋଳ,୨୭।୧୧(ମାନସ ବିଶ୍ୱାଳ)**

କୃଷକ ଉତ୍ପାଦକ ସଂଘର ଉତ୍କର୍ଷ କେନ୍ଦ୍ର ଭାବେ ପରିଲକ୍ଷିତ କୃଷି ବିଜ୍ଞାନ କେନ୍ଦ୍ର ଅନୁଗୋଳ ଦ୍ୱାରା ଜିଲାର ସମସ୍ତ ଏଫ୍‌ପିଓ ଅଧୀନରେ ଥିବା ୧୫ ଜଣ ଚାଷୀଙ୍କୁ ନେଇ ବୁଧବାର ସମ୍ବଲପୁର ଜିଲାକୁ ଏକ ଏକ୍ସପୋଜର୍ ଭିଜିଟ ଆୟୋଜିତ ହୋଇଥିଲା। ଚାଷୀମାନଙ୍କୁ ଆଧୁନିକ କୃଷି ପ୍ରଣାଳୀ ଓ ନୂତନ ପ୍ରଯୁକ୍ତି ସମ୍ପର୍କରେ ଅନୁଭବ ଦେବା ଏହି ଭ୍ରମଣର ଉଦ୍ଦେଶ୍ୟ ଥିଲା। ସମ୍ବଲପୁର ଜିଲା ଅନ୍ତର୍ଗତ ସବୁଜ ସନତନପଲ୍ଲି କୃଷକ ଉତ୍ପାଦକ ସଂଘ ଭ୍ରମଣ ସମୟରେ ଚାଷୀମାନେ ସଫଳ କୃଷକମାନଙ୍କ ଖେତ ପ୍ରଦର୍ଶନ କରିଥିଲେ। ଏହା ନୂତନ ଚାଷ ଯଥା ଷ୍ଟବେରି, ଯୁଷ୍ଟୋମା ଫୁଲ, ଗେଣ୍ଡୁ ଫୁଲ, କାଶ୍ମୀର କୋଳି, ରଙ୍ଗିନ କୋବି ସମ୍ବନ୍ଧରେ ଦେଖିବା ସହିତ ସେଗୁଡ଼ିକର ଅନୁଗୋଳ ଜିଲାରେ ବ୍ୟବସାୟିକ ସମ୍ଭାବ୍ୟତା ସମ୍ବନ୍ଧରେ ଆଲୋଚନା କରିଥିଲେ।

# ବସ୍‌ରେ ପିଟିହେଲା କାର୍, ଜଣେ ଗୁରୁତର

**ବଇଣ୍ଡା, ୨୭।୧୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ହଣ୍ଡପା ଥାନା ନୂଆଁଭୂଇଁ ନିକଟରେ ଗୁରୁବାର ଏକ ବସ୍ ପଛରେ କାର୍ ପିଟି ହୋଇଯିବାରୁ କାର୍ ଚାଳକ ଗୁରୁତର ହୋଇଛନ୍ତି। କାରରେ ଥିବା ଅନ୍ୟ ୩ ଜଣ ରକ୍ଷା ପାଇଯାଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଏକ ଘରୋଇ ଯାତ୍ରୀବାହୀ ବସ୍ ଯାଉଥିବାବେଳେ କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଉକ୍ତ କାର୍ (ଓଡି ୧୫ ଏଏ-୭୫୭୫) ବସ୍ ପଛରେ ପିଟି ହୋଇଯାଇଥିଲା। କାର୍ ଚାଳକଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହଣ୍ଡପା ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଗ୍ରନ୍ଥ




ତାଳଚେର ଓକିଲ ସଂଘ ପକ୍ଷରୁ ଆଇନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ତାଳଚେର ଓକିଲ ସଂଘ ପକ୍ଷରୁ ଆଇନ ଦିବସ ପାଳନ

**ତାଳଚେର,୨୭।୧୧(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ଓକିଲ ସଂଘ ପକ୍ଷରୁ ବୁଧବାର ଆଇନ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ସନ୍ତୋଷ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟରେ ମାନ୍ୟବର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଯୋଗଦେଇ ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଗ୍ରନ୍ଥ ବୋଲି ପ୍ରକାଶ କରିଥିଲେ। ସମସ୍ତ ସଭ୍ୟତାର ମୂଳମନ୍ତ୍ର ହେଉଛି ଲୋକମାନଙ୍କୁ ରକ୍ଷା କରିବା ଓ ଏହା ଆମ ସମ୍ବିଧାନରେ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବାର୍ କାଉନସିଲ୍ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଯୋଗଦେଇ ସମ୍ବିଧାନ ହେଉଛି ଆଇନର ସର୍ବୋଚ୍ଚ ବୋଲି କହିଥିଲେ। ଏହି ଅବସରରେ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାଧାରଣ ସମ୍ପାଦକ ମାନସ ରଞ୍ଜନ ବାଇ ତାଳଚେରଠାରେ ପରିବାର କୋର୍ଟ, ଭିଜିଲାନ୍ସ କୋର୍ଟ, ପୋକ୍ସୋ କୋର୍ଟ, ରେଲୱେ କୋର୍ଟ ଓ ଇ-ଲାଇବ୍ରେରି ସ୍ଥାପନ ପାଇଁ ଦାବି କରିଥିଲେ। ଏଥିରେ ଜିଲା ଦୌରାଜଜ୍ ଦାମୋଦର ରଥ, ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟନାରାୟଣ କର, ସିଭିଲ ଜଜ୍ ସ୍ୱର୍ଣ୍ଣଲତା ନାୟକ, ସହକାରୀ ସିଭିଲ ଜଜ୍ ମଧୁସ୍ମିତା ଜେନା, ଏସ୍‌ଡିଜେଏମ୍ ସୁଶାନ୍ତ କୁମାର ନାୟକ, ଜେଏମ୍‌ଏଫ୍‌ସି କୃଷ୍ଣା ସୁବୁଦ୍ଧି, ଜେଏମ୍‌ଏଫ୍‌ସି ମେଘ୍ନା ପଣ୍ଡାଙ୍କ ସମେତ ବିଚାର ବିଭାଗୀୟ ଅଧିକାରୀ, ପ୍ରଶାସନିକ ପୋଲିସ ଅଧିକାରୀ ଓ ଆଇନଜୀବୀ ଉପସ୍ଥିତ ଥିଲେ। ସଂଘର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଏମ୍‌ପି ରବିନାରାୟଣ ପାଣି, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ରଥ, ସନ୍ତୋଷ କୁମାର ରଥ, ଅନୁପ କୁମାର ସେନଗୁପ୍ତ, ଯଦୁମଣି ସାହୁ, କୁମୁଦ ରଞ୍ଜନ ମିଶ୍ର, ବିଶେଶ୍ୱର ମିଶ୍ର, ସନ୍ତୋଷ ପ୍ରସାଦ ମିଶ୍ର, ନାଗାର୍ଜୁନ ବିଦ୍ୟୁତ କୁମାର ମିଶ୍ର ଓ ରାମଚନ୍ଦ୍ର ନନ୍ଦ, ଶମ୍ଭୁନାଥ ବେହେରା, ସର୍ବେଶ୍ୱର ନାୟକ, ଅଶୋକ ମହାପାତ୍ର, ପ୍ରତାପ କୁମାର ଭୁଛା, ନିରଞ୍ଜନ ସାହୁ, ସୁଶାନ୍ତ କୁମାର ଜେନା, ପୁଷ୍ପକ ସ୍ୱାଇଁ, ପ୍ରଫୁଲ୍ଲ କୁମାର ନାୟକ ଓ ନିମାଇଁ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରମାନନ୍ଦ ମିଶ୍ର ଟ୍ରଷ୍ଟ ଆୱାର୍ଡ ଆଇନଜୀବୀ ହିମାଂଶୁ ଭୂଷଣ ବାରିକ ଓ ସୁଚିତ୍ରା ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଉପସଭାପତି ପ୍ରମୋଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସଂଘର ଯୁଗ୍ମ ସମ୍ପାଦକ ମାନସ କୁମାର ରାୟ, କୋଷାଧ୍ୟକ୍ଷ ତନୋଜ କୁମାର ପ୍ରଧାନ, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ସିଂହ, ସେମିନାର ସମ୍ପାଦକ କରୁଣାକର ନାୟକ ଓ ଅଡିଟର ଜଳଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ତ୍ରିରଙ୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଡେରଙ୍ଗ/ଅନୁଗୋଳ, ୨୭।୧୧ (ମାନସ ବିଶ୍ୱାଳ)**

କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଅଧୀନ ମାଝୀସାହି ଗ୍ରାମ ସ୍କୁଲ ପଡ଼ିଆରେ ଗୁରୁବାର ୨୮ତମ ବାର୍ଷିକ ତ୍ରିରଙ୍ଗା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜେଆଇପିଏଲ୍ ଡେରଙ୍ଗର ଭାଇସ ପ୍ରେସିଡେଣ୍ଟ ସୁରେଶ ବଂଶଲ, ସରପଞ୍ଚ ସଂଯୁକ୍ତା ବେହେରା, ଗ୍ରାମ ସଭାପତି ପ୍ରଶ୍ନ ନାଏକ, ସମ୍ପାଦକ ସୁଜିତ ସାହୁ, ପବିତ୍ର ସାହୁ, ନାଏବ ସରପଞ୍ଚ ବୁଲୁ ସାହୁ, ଶ୍ୟାମସୁନ୍ଦର ସାହୁ, ଶିବ ଦାସ, ଜିତେନ କୁମାର ସାହୁ, ଦୁଷ୍ମନ୍ତ ବେହେରା, ବଳଭଦ୍ର ନାଏକ, ସମିତି ସଭ୍ୟ ସନ୍ତୋଷ ନାଏକ, ସାମାଜିକ କର୍ମୀ ସନ୍ତୋଷ ବେହେରା, ମୁଲିଆ ସାହୁ, କାଳିଆ ସାହୁ, ମୁଲିଆ ଦାସ, ନୀଳମଣି ସାହୁ, କନ୍ଦର୍ପ ବେହେରା, ଟିକନ ମହାନ୍ତି, ସୁଧାକର ବେହେରା, ସତ୍ୟାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ଚନ୍ଦନନଗରରେ କୁରାଳ ପଞ୍ଚମୀ ପାଳିତ

**ଛେଣ୍ଡିପଦା,୨୭।୧୧(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ କୋଶଳା ଚନ୍ଦନନଗର ଗ୍ରାମବାସୀଙ୍କ ସହଯୋଗରେ ସାହି କୋଠଘରଠାରେ କୁରାଳ ସମାଜ ପକ୍ଷରୁ କୁରାଳ ପଞ୍ଚମୀ ମହୋତ୍ସବ ପାଳିତ ହୋଇଯାଇଛି। କୁମ୍ଭକାର ସମାଜର ଇଷ୍ଟ ଦେବତା ରୁଦ୍ରପାଳ ତଥା ବିଷ୍ଣୁଙ୍କ ପୂଜା କୁମ୍ଭକାରମାନେ ୩ଦିନ ଧରି ଧୁମ୍‌ଧାମରେ ପାଳନ କରିଛନ୍ତି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀ ଓ ସରପଞ୍ଚ ଉଦିତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାହି ଯୁବଗୋଷ୍ଠୀଙ୍କ ଦ୍ୱାରା ଏହା ପରିଚାଳନା ହୋଇଥିଲା। ପୂଜା କମିଟି ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ରିତେଶ କୁମାର ବେହେରା ଓ ସଭ୍ୟ ଯୋଗେଶ୍ୱର ବେହେରା, ବିପିନ ବିହାରି ବେହେରା, ତ୍ରିବେଣୀ ବେହେରା, ସରୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।


**ନାଲକୋ NALCO**
National Aluminium Company Limited
(A Government of India Enterprise)

Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**RFP FOR PHYSICAL VERIFICATION ASSIGNMENTS**

**No. NALCO/PV/ RFP/2025** **Dated: 25/11/2025**

National Aluminium Company Limited (NALCO) invites applications from reputed and experienced Chartered Accountant / Cost Accountant Firms or LLPs for **physical verification of Stock and Movable assets** for 3 years at its various locations. The detailed Request for Proposal (RFP) is available on the following websites: **www.nalcoindia.co.in/www.icmai.in / www.pdicai.org**

Interested CA/CMA Firms/LLPs having their Head Offices in Odisha or Visakhapatnam(AP) are requested to submit their profiles both by email and in physical form, as specified in the RFP documents. Last date for receipt of both email and signed physical copies: **15.12.2025 (by 5:00 pm).**

**Gagan Bihari Pradhan**
**DGM(F)**



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for "**Repair of overhead Tank of Academic Block at NLUO, Cuttack**". Last date & time of receipt is **09-12-2025 at 11.00 A.M**. For details please visit website- **https://nluo.ac.in/tenders/**

**Sd/- Registrar**



**OFFICE OF THE**
**MEDICAL OFFICER I/C CHC, BELTIKIRI, DHENKANAL**

**Letter No. NHM/1132/25** **Date: 26.11.2025**

**TENDER CALL NOTICE FOR HIRING OF VEHICLES**

No. E-539: Sealed proposals as per the prescribed RFP document are invited from interested eligible bidders (Private individuals/Tour operators/ Travel agency) for hiring & empanelment of vehicles for Mobile Health Team (MHT) at Block CHCs level on a monthly basis for implementation of the Rashtriya Bal Swasthya Karyakram (RBSK) activities. The eligibility criteria, terms of reference and the formats for submission of bid are set forth in the RFP document, which can be downloaded from the website **www.dhenkanal.nic.in**. Interested bidders fulfilling the eligibility criteria may submit their proposals with EMD & documents as per RFP to the MO I/C of this CHC. The bidders have to submit their proposals with all required documents to the MO I/C, CHC, Beltikiri, P.O.: Beltikiri, Dist.: Dhenkanal on or before Dt.15.12.2025 by 4 P.M. through Speed Post/Regd. Post/Courier only. The opening date of tenders will be on 17.12.2025 at 12 Noon at the Chamber of M.O. I/C CHC, Beltikiri. The undersigned reserves the right to reject any or all the proposals without assigning any reason thereof and is not responsible for any postal delay.

**OIPR:** **Sd./- Medical Officer I/C, CHC, Beltikiri, Dhenkanal**



**ପୌରପରିଷଦ କାର୍ଯ୍ୟାଳୟ, ରାୟଗଡ଼**
ଜିଲ୍ଲା: ରାୟଗଡ଼, ପିନ୍ କୋଡ୍ – ୭୬୫୦୦୧, ଓଡ଼ିଶା
E-mail ID: raygadam.hud@od.gov.in

**ପ୍ରେସ୍ ବିଜ୍ଞପ୍ତି**

- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶମୂଳକ କାର୍ଯ୍ୟରେ ଲଗାଯାଇଥାଏ। ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
- ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ରୋଗରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳର ପରିବେଶକୁ ସଫା ରଖିବା ସଙ୍ଗେସଙ୍ଗେ ନିଜର ଘର ଚାରିପଟ ସଫାରଖନ୍ତୁ।
- ସହରର ଆଭ୍ୟନ୍ତରସ୍ଥ ରାସ୍ତାଗୁଡ଼ିକ ଉପରେ ଗୃହପାଳିତ ପଶୁଗୁଡ଼ିକୁ ଅନଧିକାର ରୂପେ ଛାଡ଼ନ୍ତୁ ନାହିଁ।
- ରାସ୍ତାକଡ଼ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ୍ତ ରୁହନ୍ତୁ।
- ପରିମଳ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକ୍‌କରି ଅଳିଆ ଗାଡ଼ିରେ ଦିଅନ୍ତୁ।
- ନାଳ ଉପରକୁ ଅତିକ୍ରମଣ କରନ୍ତୁ ନାହିଁ ଏବଂ ବର୍ଜ୍ୟବସ୍ତୁ ନାଳ ଭିତରେ ପକାନ୍ତୁ ନାହିଁ।
- ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ।
- ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ।
- ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇ ନ ଥିବା ଖାଲିସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ। ଗୃହ ନିର୍ମାଣ ପୂର୍ବରୁ ଗୃହ ପ୍ଲାନ୍ ଅନୁମୋଦନ କରାଇ ନିଅନ୍ତୁ।
- ବିନା ବ୍ୟବସାୟ ପରିଚୟପତ୍ରରେ କୌଣସି ବ୍ୟବସାୟ କରାନ୍ତୁ ନାହିଁ।

ଶ୍ରୀ କୁଳଦୀପ କୁମାର, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ରାୟଗଡ଼
ଶ୍ରୀମତୀ ଶୁଭ୍ରା ପଣ୍ଡା, ଉପାଧ୍ୟକ୍ଷା, ପୌରପରିଷଦ, ରାୟଗଡ଼
ଶ୍ରୀଯୁକ୍ତ ପି ମହେଶ ପଟ୍ଟନାୟକ, ଅଧ୍ୟକ୍ଷ, ପୌରପରିଷଦ, ରାୟଗଡ଼



**GOVERNMENT OF ORISSA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**EASTERN MINOR IRRIGATION CIRCLE, KEONJHAR**
e-Mail ID: seemickeonjhar@gmail.com
"e" Procurement Notice
Lr. No.1060, Dated 25.11.2025

**BID IDENTIFICATION NO. Addl.C.E.EMIC No.04/EMIC/2025-26**

**No.A-997:** The Additional Chief Engineer, Eastern Minor Irrigation Circle, Keonjhar on behalf of Governor of Odisha invites percentage rate bids in Double Cover only in ONLINE mode for the works detailed in the table from contractors registered with the State Government and contractors of equivalent Grade/Class registered with Central Government/M.E.S./ Railways for execution of civil works on production of definite proof from the appropriate authority. The bidders may submit bids for any or all of the works.

| | | | |
|---|---|---|---|
| 1. | Name of the Works | : | Civil Construction Works under the Scheme "WSIDP" & "DPIW" |
| 2. | Total No. of Work | : | 03 (Three) Nos. |
| 3. | Estimated Cost | : | Varies from Rs.183.088 Lakh to Rs.570.645 Lakh Approximately (Detail list of work Annexed) |
| 4. | Period of Completion | : | As mentioned against work in Annexure |
| 5. | Date & Time of Availability of Bid documents in the portal for online bidding | : | 29.11.2025 at 10.00 AM to 15.12.2025 upto 5.00 PM |
| 6. | Last date/Time for receipt of Bid only in ONLINE | : | 15.12.2025 upto 5.00 PM |
| 7. | Date/Time of Opening of Technical Bid | : | 16.12.2025 at 11.00 AM onwards through Website |
| 8. | Date/Time of Opening of Financial Bid | : | To be intimated online after offline evaluation of Technical Bids |
| 9. | Date of Transparent Lottery (If required) | : | To be intimated later on. |
| 10. | Name & Address of the OIT | : | Additional Chief Engineer, Eastern Minor Irrigation Circle, Keonjhar, At/PO- Keonjhar, Dist-Keonjhar, PIN-758001 (Odisha) e_mail Id:seemickeonjhar@gmail.com |
| 11. | Mode of Payment of Bid Cost | : | Online |

Further details can be seen from the "e" Procurement Portal **https://tendersodisha.gov.in.**

OIPR-

**Sd./- Additional Chief Engineer**
**Eastern M.I. Circle, Keonjhar**



**ରେଳ ମନ୍ତ୍ରଣାଳୟ**
**ପୂର୍ବତଟ ରେଳପଥ (ନିର୍ମାଣ)**
**ବିଜ୍ଞପ୍ତି**
**ଭୁବନେଶ୍ୱର, 09 ଅକ୍ଟୋବର 2025**
**ରେଳବାଇ ଅଧିନିୟମ, ୧୯୮୯ର ଧାରା ୨୦ଇ ଅନୁଯାୟୀ ବିଜ୍ଞପ୍ତି**

**ଏସ.ଓ. 4621(ଇ).-** ଯେତେବେଳେ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ, ନିର୍ମାଣ ସଂଗଠନ), ବିଜ୍ଞପ୍ତି ସଂଖ୍ୟା, ଏସ.ଓ. 1558 (ଇ) ତାରିଖ 01 ଏପ୍ରିଲ୍ 2025ରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ II, ଧାରା 3 ଉପ-ଧାରା (ii), ତାରିଖ 01 ଏପ୍ରିଲ୍ 2025 (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ଏବଂ ରେଳ ଆଇନ, 1989 (1989 ର 24) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଧାରା (1) ଅନୁଯାୟୀ ଜାରି କରାଯାଇଛି, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର **ଅନୁଗୁଳ** ଜିଲ୍ଲାରେ **"ତାଳଚେର - ବିମଳାଗଡ ମଧ୍ୟରେ ନୂତନ ବ୍ରଡ଼ଗେଜ ରେଳ ପଥ ସଂଯୋଗ ପ୍ରକଳ୍ପ"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପର କାର୍ଯ୍ୟକାରୀ, ରକ୍ଷଣାବେକ୍ଷଣ, ମାପ ଏବଂ ପରିଚାଳନା ଉଦ୍ଦେଶ୍ୟରେ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଉଦ୍ଦେଶ୍ୟ ଘୋଷଣା କରୁଛନ୍ତି।

ଏବଂ ଯେହେତୁ, ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା 20ଏ ର ଉପଧାରା (4) ଅନ୍ତର୍ଗତ 22 ମଇ 2025 ରେ ଦୈନିକ ୨ ଗୋଟି ସ୍ଥାନୀୟ ସମ୍ବାଦପତ୍ର ଯଥା "ଦି ସମାଜ" ଓଡ଼ିଆରେ (କଟକ ସଂସ୍କରଣ) ଏବଂ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" ଇଂରାଜୀରେ (ଭୁବନେଶ୍ୱର ସଂସ୍କରଣ) ପ୍ରକାଶିତ ହୋଇଥିଲା;

ଏବଂ ଯେତେବେଳେ, ଆପତ୍ତି ଗ୍ରହଣ କରାଯାଇଥିଲା; ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିଗୁଡ଼ିକ ଶୁଣିଛନ୍ତି ଏବଂ ଉକ୍ତ ଆଇନର ଧାରା 20ଡି ଅନୁଯାୟୀ ଆଦେଶ ପାସ କରାଯାଇଛି।

ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ, ଦକ୍ଷ ଅଧିକାରୀଙ୍କ ରିପୋର୍ଟ ପ୍ରାପ୍ତ ହେବା ପରେ, ଏବଂ ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ଭାରରୁ ମୁକ୍ତ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

**ଅନୁସୂଚୀ**

ଓଡ଼ିଶା ରାଜ୍ୟର **ଅନୁଗୁଳ** ଜିଲ୍ଲାରେ **"ତାଳଚେର - ବିମଳାଗଡ ମଧ୍ୟରେ ନୂତନ ବ୍ରଡ଼ଗେଜ ରେଳ ପଥ ସଂଯୋଗ ପ୍ରକଳ୍ପ"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ମଧ୍ୟରେ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା। ଓଡ଼ିଶା ରାଜ୍ୟର ଅନୁଗୁଳ ଜିଲ୍ଲାରେ ପାଲ୍ଲହଡା ତହସିଲରେ 2 ଟି ଗ୍ରାମ ଏବଂ କାନିହା ତହସିଲରେ 01 ଟି ଗ୍ରାମ ଅବସ୍ଥିତ ଯାହାର ଅଧିକାରୀ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ, **ତାଳଚେର-ବିମଳାଗଡ ନୂତନ ବ୍ରଡ଼ଗେଜ ରେଳ ପଥ ସଂଯୋଗ, ତାଳଚେର** ଓଡ଼ିଶା ରାଜ୍ୟର **ଅନୁଗୁଳ** ଜିଲ୍ଲା ଅଧୀନରେ ଅବସ୍ଥିତ।

**ଜିଲ୍ଲାର ନାମ- ଅନୁଗୁଳ**

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଖାତା ନଂ. | ପ୍ଲଟ ନଂ. | ସମୁଦାୟ କ୍ଷେତ୍ର (ଏକରରେ) | ଆଧିକୃତ କ୍ଷେତ୍ର (ଏକରରେ) | କିସମ | ଅଭିଲିଖିତ ପ୍ରଜାର ନାମ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| **ଗ୍ରାମର ନାମ : ଫପଣ୍ଡା** | | | | | | | |
| 1 | ଫପଣ୍ଡା | 131/161 | 919 | 0.850 | 0.850 | ବିଆଲି | ଉମାକାନ୍ତ ଗଡନାୟକ ପି: ନିତ୍ୟାନନ୍ଦ ଗଡନାୟକ, ଜାତି: ଚସା, ବା: ଫପଣ୍ଡା |
| | | | ମୋଟ | **0.850** | **0.850** | | |
| 2 | ସୁନାଖଣି | 29 | 1262 | 0.030 | 0.030 | ପତିତ | ଘନ ମହାରଣା, କାନ୍ଧୁରୁ ମହାରଣା, ଗୁରୁବାରୀ ମହାରଣା ପି:ଭଗବାନ୍ ମହାରଣା ଜାତି: ଖାଡି ବା: ନିଜଗାଁ |
| 3 | ସୁନାଖଣି | 59 | 1289 | 7.300 | 0.030 | ଟଇଳା-1 | ପ୍ରତାପ ଚନ୍ଦ୍ର ଦେବ ପି: ହୃଦଯ ଚନ୍ଦ୍ର ହରିଚନ୍ଦନ, ଜାତି: କ୍ଷତ୍ରିୟ, ବା: ତାଳଚେର୍ |
| 4 | ସୁନାଖଣି | 59 | 1287 | 3.200 | 0.300 | ପତିତ | ପ୍ରତାପ ଚନ୍ଦ୍ର ଦେବ ପି: ହୃଦଯ ଚନ୍ଦ୍ର ହରିଚନ୍ଦନ, ଜାତି: କ୍ଷତ୍ରିୟ, ବା: ତାଳଚେର୍ |
| 5 | ସୁନାଖଣି | 59 | 1264 | 0.060 | 0.060 | ପତିତ | ପ୍ରତାପ ଚନ୍ଦ୍ର ଦେବ ପି: ହୃଦଯ ଚନ୍ଦ୍ର ହରିଚନ୍ଦନ, ଜାତି: କ୍ଷତ୍ରିୟ, ବା: ତାଳଚେର୍ |
| 6 | ସୁନାଖଣି | 59 | 1265 | 0.080 | 0.080 | ଟଇଳା-1 | ପ୍ରତାପ ଚନ୍ଦ୍ର ଦେବ ପି: ହୃଦଯ ଚନ୍ଦ୍ର ହରିଚନ୍ଦନ, ଜାତି: କ୍ଷତ୍ରିୟ, ବା: ତାଳଚେର୍ |
| 7 | ସୁନାଖଣି | 85 | 531 | 0.840 | 0.300 | ମାହାରା | ମଙ୍ଗୁଲୁ ପ୍ରଧାନ, ଜୟ କୃଷ୍ଣ ପ୍ରଧାନ ପି:କ୍ଷେତ୍ରବାସୀ ପ୍ରଧାନ ମହାର୍ଥା ସ୍ୱାଇଁ ପି: ସୁନିଆ ସ୍ୱାଇଁ, ଖଡି ପ୍ରଧାନ ସ୍ୱବା: ବାଉରି ପ୍ରଧାନ, ନବଘନ ପ୍ରଧାନ ପି: ବାଉରି ପ୍ରଧାନ, କୁଞ୍ଜ ବେହେରା ପି:- ଗୋପି ବେହେରା, ଭାଗୀରଥୀ ପ୍ରଧାନ, ଶଙ୍କର ପ୍ରଧାନ ପି:- ଅପର୍ତି ପ୍ରଧାନ, ଶ୍ରୀନିବାସ ସାହୁ ପି:- ରତନା ସାହୁ, ଟିକେଇ ସାହୁ, ଶ୍ରୀ ହରିହର ସାହୁ, ଦୁଃଖବନ୍ଧୁ ସାହୁ ପି: ନଟ ସାହୁ, ଭାସ୍କର ଚନ୍ଦ୍ର ବିଶ୍ୱାଳ, କେଶବ ଚନ୍ଦ୍ର ବିଶ୍ୱାଳ, ପି:- ସାହଦେବ ବିଶ୍ୱାଳ, ଚନ୍ଦ୍ର ସାହୁ, ଶତ୍ରୁ ସାହୁ, ପି: କୃପା ସାହୁ, ପାର୍ବତୀ ସ୍ୱାଇଁ ସ୍ୱବା: ଶଙ୍କାଳୀ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ, ଗଜିନ୍ଦ୍ର ସ୍ୱାଇଁ, କର୍ପୁର ସ୍ୱାଇଁ ପି: - ଶଙ୍କାଳୀ ସ୍ୱାଇଁ, ଦାଶରଥୀ ପ୍ରଧାନ, ପ୍ରଭାକର ପ୍ରଧାନ ପି: ପଦ୍ମଲାଭ ପ୍ରଧାନ, ଗୌରାଙ୍ଗ ସାହୁ, ପରମା ସାହୁ, ନାକଫୋଡି ସାହୁ ପି: - ଚନ୍ଦ୍ର ସାହୁ, ପିତବାସ ସାହୁ, ନିତ୍ୟାନନ୍ଦ ସାହୁ, ପି: - ଫକିର ସାହୁ, ରଘୁନାଥ ପ୍ରଧାନ ପି: କ୍ଷେତ୍ରବାସୀ ପ୍ରଧାନ, ଦେବରାଜ ପ୍ରଧାନ, ପି: ଭୁବନ ପ୍ରଧାନ, ଦଣ୍ଡ ସାହୁ, ବୃନ୍ଦାବନ ସାହୁ, ପି: ଶଙ୍କାଳୀ ସାହୁ, ପୁନୁଆ ବିଶ୍ୱାଳ, ସୁନିଆ ବିଶ୍ୱାଳ, ପି: ରାହାସ ବିଶ୍ୱାଳ, ପୁନିଆ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ଭଜନା ପ୍ରଧାନ, ପି: ନଟବର ପ୍ରଧାନ, ହୃଷିକେଶ ସାହୁ, ଦୁଖବାନ୍ଧୁ ସାହୁ, ଦୁଃଖିଆ ସାହୁ, ସଦାନନ୍ଦ ସାହୁ, ପି: ଧନି ସାହୁ, ବାଉରି ବେହେରା ପି: ଗତିକୃଷ୍ଣ ବେହେରା, ସୁଦାମ ବିଶ୍ୱାଳ, ଉମେଶ ବିଶ୍ୱାଳ, ବିଦ୍ୟାଧର ବିଶ୍ୱାଳ, ଭାଗୀରଥୀ ବିଶ୍ୱାଳ, ପି: ରଘବ ବିଶ୍ୱାଳ, ମାଗୁଣି ଦେହୁରି, ଚୈତନ୍ୟ ଦେହୁରି ପି: - ଯୋଗି ଦେହୁରି, ଗଣେଶ୍ୱର ବେହେରା, ପି: - କ୍ଷେତ୍ର ବେହେରା, କସ୍ତୁ ପ୍ରଧାନ, ପି: - ପଦ୍ମଲାଭ ପ୍ରଧାନ, ଭାଗବତିଆ ପ୍ରଧାନ, ପି - ନିରାକର ପ୍ରଧାନ, ଧୁଶାସନ ପ୍ରଧାନ, ପି: - ପୁନିଆ ପ୍ରଧାନ, କୈଳାସ ପ୍ରଧାନ, ରମାନାଥ ପ୍ରଧାନ ପି: ରାହାସ ବିହାରୀ ପ୍ରଧାନ, ସୁରେଶ ବେହେରା, ପି: - ଟିହିଲୁ ବେହେରା, ଇନ୍ଦ୍ର ପ୍ରଧାନ, , ପି: - ବୁଟୁ ପ୍ରଧାନ, ବେଡା ସ୍ୱାଇଁ ପି: ଚାଣ୍ଟି ସ୍ୱାଇଁ, ଗୋପାଳ ସ୍ୱାଇଁ, ପି: କାଠିଆ ସ୍ୱାଇଁ, ଗୋବରୀ ସ୍ୱାଇଁ ପି: ଯୋଗି ସ୍ୱାଇଁ, ଜଟିଆ ସାହୁ, ହୃଦା ସାହୁ, ପି: - ଚକ୍ର ସାହୁ, ସୁବାସ ବେହେରା ସ୍ୱବା: ହରି ବେହେରା, ଦିଯାନିଧୀ ବେହେରା, ସମ୍ପଦା ସାହୁ, ଚମ୍ପା ପ୍ରଧାନ, ରାଧିକା ପ୍ରଧାନ ପି: - ହରି ବେହେରା, କୁଳମଣି ପ୍ରଧାନ, ପି: ନିରାକର ପ୍ରଧାନ, ପ୍ରଣବନ୍ଧୁ ପ୍ରଧାନ, , ପି: ରଘବ ପ୍ରଧାନ, କୁଳମଣି ବେହେରା, ଚନ୍ଦ୍ର ବେହେରା, ପାଣ୍ଡୁ ବେହେରା, ପି: ଭଞ୍ଜ ବେହେରା, ବଂଶି ବେହେରା ପି: ପାଣ୍ଡୁ ବେହେରା, ଜଗଦାନନ୍ଦ ସ୍ୱାଇଁ,, ପି: - ବାଘୁ ସ୍ୱାଇଁ, ଶ୍ରୀନିବାସ ବେହେରା ପି: - ଉଦର ବେହେରା, ପୁରନ୍ଦର ଦେହୁରି ପି: - ଭବିତର ଦେହୁରି, ଅଧର ଚନ୍ଦ୍ର ପ୍ରଧାନ ପି: ବିଷ୍ଣୁ ପ୍ରଧାନ, ଜାତି-କେଉଟ, ବିଟ ପ୍ରଧାନ ପି: ଶଶି ପ୍ରଧାନ, ଜାତି-ଚଷା, ଯୋଗିଆ ଭୁଡିଆ, ପି: ପୁରି ଭୁଡିଆ, ଚନ୍ଦ୍ର ଭୁଡିଆ, ପି: ଆକର୍ମା ଭୁଡିଆ, ମାହି ବେହେରା, ପି: - ପରମା ବେହେରା, ଜାତି-ଗୋପାଳ, ଜୟ ବେହେରା, ପି: - ସଙ୍ଖାଳୀ ବେହେରା, ଜାତି-କେଉଟ, , ବା: -ବଲଣ୍ଡା |
| ୮ | ସୁନାଖଣି | 109 | 1268 | 0.220 | 0.040 | ରାସ୍ତା | ସୌଭାଗ୍ୟ ଚନ୍ଦ୍ର ଦେବ, ଅହ୍ଲାଦ ଚନ୍ଦ୍ର ଦେବ, ପ୍ରତାପ ଚନ୍ଦ୍ର ଦେବ & ନୃପେନ୍ଦ୍ର ଚନ୍ଦ୍ର ଦେବ, ପୂର୍ଣ୍ଣେନ୍ଦୁ ଚନ୍ଦ୍ର ଦେବ , ପି: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ତାଳଚେର୍ ଟାଉନ୍, ଗୌରବ ଚନ୍ଦ୍ର ଦେବ ପି: ହୃଦୟ ଚନ୍ଦ୍ର ବିରାବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ବାମିଖୋଲ, ବି.ବି.ଏସ୍, ବିବେକ ଚନ୍ଦ୍ର ଦେବ, ଦିପ୍ତେନ୍ଦ୍ର ଚନ୍ଦ୍ର ଦେବ, ରୁପେନ୍ଦ୍ର ଚନ୍ଦ୍ର ଦେବ, ସୁରମାଳି ଦେବ ପି: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ, ସୁଚାରୁମାଳି ଦେବୀ ସ୍ୱବା: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ତାଳଚେର୍ ଟାଉନ୍ । |
| ୯ | ସୁନାଖଣି | 109 | 618 | 2.380 | 1.540 | ରାସ୍ତା | ସୌଭାଗ୍ୟ ଚନ୍ଦ୍ର ଦେବ, ଅହ୍ଲାଦ ଚନ୍ଦ୍ର ଦେବ, ପ୍ରତାପ ଚନ୍ଦ୍ର ଦେବ & ନୃପେନ୍ଦ୍ର ଚନ୍ଦ୍ର ଦେବ, ପୂର୍ଣ୍ଣେନ୍ଦୁ ଚନ୍ଦ୍ର ଦେବ , ପି: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ତାଳଚେର୍ ଟାଉନ୍, ଗୌରବ ଚନ୍ଦ୍ର ଦେବ ପି: ହୃଦୟ ଚନ୍ଦ୍ର ବିରାବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ବାମିଖୋଲ ,ଭୁବନେଶ୍ୱର, ବିବେକ ଚନ୍ଦ୍ର ଦେବ, ଦିପ୍ତେନ୍ଦ୍ର ଚନ୍ଦ୍ର ଦେବ, ରୁପେନ୍ଦ୍ର ଚନ୍ଦ୍ର ଦେବ, ସୁରମାଳି ଦେବ ପି: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ, ସୁଚାରୁମାଳି ଦେବୀ ସ୍ୱବା: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ତାଳଚେର୍ ଟାଉନ୍ । |
| 10 | ସୁନାଖଣି | 111/48 | 1263 | 0.280 | 0.070 | ଟଇଳା-1 | ଚୈତ ଦେହୁରି ପି: ଗୌରାଙ୍ଗ ଦେହୁରି ଜାତି: କନ୍ଧ ବା: ଏକଘରିଆ । |
| | | | ମୋଟ | **14.390** | **2.450** | | |
| **ଗ୍ରାମର ନାମ : ମୁନିପାଲପୁର** | | | | | | | |
| 11 | ମୁନିପାଲପୁର | 25/80 | 248/501 | 6.000 | 1.450 | Taila-1 | ପ୍ରଶ୍ନ କୁମାର ପ୍ରଧାନ ପି:ତ୍ରିଲୋଚନ ପ୍ରଧାନ, ଜାତି: ଗୋଦରା, ବା: ଗୁରୁସୁଲେଇ |
| 12 | ମୁନିପାଲପୁର | 25/85 | 481/506 | 1.750 | 0.840 | ଟଇଳା-1 | ଯୁଧିଷ୍ଠିର ପ୍ରଧାନ, ସୁରେଶ କୁମାର ପ୍ରଧାନ, ହେମନ୍ତ କୁମାର ପ୍ରଧାନ ପି: କୁର୍ତ୍ତିବାସ ପ୍ରଧାନ, ଜାତି: ଚଷା, ବା: ଗୁରୁଣ୍ଡିଆମୁଣ୍ଡା |
| 13 | ମୁନିପାଲପୁର | 25/85 | 481/506/533 | 0.100 | 0.100 | ଟଇଳା-1 | ଯୁଧିଷ୍ଠିର ପ୍ରଧାନ, ସୁରେଶ କୁମାର ପ୍ରଧାନ, ହେମନ୍ତ କୁମାର ପ୍ରଧାନ ପି: କୁର୍ତ୍ତିବାସ ପ୍ରଧାନ, ଜାତି: ଚଷା, ବା: ଗୁରୁଣ୍ଡିଆମୁଣ୍ଡା |
| 14 | ମୁନିପାଲପୁର | 25/76 | 345/481 | 1.850 | 0.700 | ଘରବାଡ଼ି | ଡିଲେଶ୍ୱର ନାୟକ ପି: କମଳ ନାୟକ ଜାତି: ପାଣ, , ବା: ଗୁରୁଣ୍ଡିଆମୁଣ୍ଡା । |
| 15 | ମୁନିପାଲପୁର | 25/113 | 243/473 | 1.100 | 0.050 | ଟଇଳା-1 | ଲମ୍ବୋଦର ନାୟକ ପି: କଷଟୁ ନାୟକ, ଜାତି: ପାଣ, ବା: ଗୁରୁଣ୍ଡିଆମୁଣ୍ଡା |
| 16 | ମୁନିପାଲପୁର | 25/113 | 248/474 | 0.400 | 0.150 | ଟଇଳା-1 | ଲମ୍ବୋଦର ନାୟକ ପି: କଷଟୁ ନାୟକ, ଜାତି: ପାଣ, ବା: ଗୁରୁଣ୍ଡିଆମୁଣ୍ଡା |
| | | | ମୋଟ | **11.200** | **3.290** | | |
| | | | ସମୁଦାୟ ମୋଟ: | **26.440** | **6.590** | | |

**ଗ୍ରାମ ଅନୁଯାଇ ସାରାଂଶ**

| କ୍ରମିକ ସଂଖ୍ୟା | ଗ୍ରାମ | ଅଧିକୃତ ହେବାକୁ ଥିବା କ୍ଷେତ୍ର (ଏକରରେ) |
|---|---|---|
| 1 | ଫପଣ୍ଡା | 0.850 |
| 2 | ସୁନାଖଣି | 2.450 |
| 3 | ମୁନିପାଲପୁର | 3.290 |
| | ମୋଟ | **6.590** |

**Dy. CE/Con-II/Angul**

PR-168/CI/25-26

## ହଂକଂ ଉଚ୍ଚ ଅଟ୍ଟାଳିକାରେ ନିଆଁ: ମୃତ୍ୟୁସଂଖ୍ୟା ୫୫

ହଂକଂ,୨୭।୧୧

ହଂକଂର ତାଇ ପୋ ଜିଲାରେ ଥିବା ହାଉସିଂ କମ୍ପ୍ଲେକ୍ସର ୭ଟି ସୁଉଚ୍ଚ ଅଟ୍ଟାଳିକାରେ ବୁଧବାର ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ମୃତ୍ୟୁସଂଖ୍ୟା ୫୫ରେ ପହଞ୍ଚିଛି। ୨୭୯ ଜଣ ଏବେବି ନିଖୋଜ ଥିବା ଚାଇନା ସରକାରୀ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ହଂକଂରେ ବହୁବର୍ଷ ମଧ୍ୟରେ ସବୁଠୁ ଭୟାବହ ଅଗ୍ନିକାଣ୍ଡ ବୋଲି କୁହାଯାଉଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପୋଲିସ ଏବଂ ଅଗ୍ନିଶମ ବିଭାଗ ଅଲଗା ତଦନ୍ତକାରୀ ଟିମ୍ ଗଠନ କରି ତଦନ୍ତ ଚଳାଇଛି। ବୁଧବାର ମଧ୍ୟରାତ୍ର ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିବା ହଂକଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଜନ୍ ଲି କହିଛନ୍ତି। ଏହି ଘଟଣାରେ ୩ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ହସ୍ପିଟାଲରେ ୬୮ ଜଣ ଚିକିତ୍ସିତ ହେଉଥିବାବେଳେ ୧୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବିଲ୍ଡିଂ ଚାରିପଟେ ଲାଗିଥିବା ସୁରକ୍ଷା ନେଟ୍, ୱାଟରପ୍ରୁଫ୍ କାନ୍‌ଭାସ୍ ଅଗ୍ନିନିରୋଧକ ମାନର ନ ଥିଲା ବୋଲି ପୋଲିସ କହିଛି।

### ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନ ପ୍ରଥମ ହୋଇଛି। ଗୁରୁବାର ପୁରସ୍କାର ବିତରଣ ଉତ୍ସବରେ ଆଇଟିପିଓ ପରିଚାଳନା ନିର୍ଦ୍ଦେଶକ ଡ. ନୀରଜ ଖରୱାଲଙ୍କଠାରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅତିରିକ୍ତ ଆବାସିକ କମିଶନର ସୁଚରିତା ଷଡ଼ଙ୍ଗୀ ଏବଂ ଓଡ଼ିଶା ପାଭିଲିୟନ ନିର୍ଦ୍ଦେଶକ ଅଶ୍ୱିନୀ ଭୋଇ ପୁରସ୍କାର ଗ୍ରହଣ କରୁଛନ୍ତି। (ଫଟୋ: ଚମନ ଗୌତମ)

## ଦୁର୍ନୀତି ମାମଲାରେ ହାସିନାଙ୍କୁ ୨୧ ବର୍ଷ ଜେଲ

ଢାକା,୨୭।୧୧(ପି.ଟି.)



ବାଂଲାଦେଶର ଏକ ଅଦାଲତ ୩ଟି ଦୁର୍ନୀତି ମାମଲାରେ ଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଗୁରୁବାର ୨୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ହାଉସିଂ ପ୍ରକଳ୍ପ ପାଇଁ ଜମି ମଞ୍ଜୁରୀରେ ଅନିୟମିତତା ନେଇ ତାଙ୍କ ବିରୋଧରେ ଦୁର୍ନୀତି ମାମଲାର ବିଚାର ଚାଲିଥିଲା। ଢାକା ସ୍ୱତନ୍ତ୍ର ବିଚାରପତି କୋର୍ଟ-୫ର ବିଚାରପତି ମହମ୍ମଦ ଅବଦୁଲ୍ଲା ଅଲ୍ ମାମୁନ୍ ୭୮ ବର୍ଷୀୟ ହାସିନାଙ୍କୁ ୩ଟି ଦୁର୍ନୀତି ମାମଲାରେ ୭ ବର୍ଷ ଲେଖାଏ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହିତ ତାଙ୍କୁ ପ୍ରତି ମାମଲା ପାଇଁ ୧ ଲକ୍ଷ ଟାକା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ସେ ଏହା ଜମା କରିବାରେ ବିଫଳ ହେଲେ ଅଧିକ ୧୮ ମାସ ଜେଲରେ ରହିବେ। ଏହା ବ୍ୟତୀତ ହାସିନାଙ୍କ ପୁଅ ସାଜିବ ୱାଜେଦ୍ ଜୟ ଏବଂ ଝିଅ ସାଇମା ୱାଜେଦ ପୁତୁଲଙ୍କୁ ୫ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ରାଜଧାନୀ ନିକଟରେ ହାଉସିଂ ପ୍ରୋଜେକ୍ଟ ଘଟଣାରେ ସେମାନଙ୍କ ବିରୋଧରେ ମାମଲା ଦାଏର ହୋଇଥିଲା। ସେମାନଙ୍କୁ ମଧ୍ୟ ୧ ଲକ୍ଷ ଟାକା ଲେଖାଏ ଜରିମାନା ହୋଇଛି। ବିନା ଆବେଦନରେ ହାସିନାଙ୍କୁ ଜମି ଆବଣ୍ଟନ କରାଯାଇଥିଲା ଯାହା ଆଇନ ଅନୁଯାୟୀ ଅଧିକୃତ କ୍ଷେତ୍ରାଧିକାର ବାହାରେ ବୋଲି ବିଚାରପତି ମାମୁନ୍ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ହାସିନାଙ୍କ ସରକାରର କାର୍ଯ୍ୟାନୁଷ୍ଠାନ ମାନବୀୟତା ବିରୋଧରେ ଅପରାଧ ବୋଲି ୧୦ ଦିନ ପୂର୍ବରୁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ କହିବା ସହ ହାସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ।

# ହ୍ୱାଇଟ୍ ହାଉସ୍ ବ୍ଲକ୍‌ରୁ ଗୁଳିକାଣ୍ଡ

## ୨ ସୁରକ୍ଷା କର୍ମୀ ଆହତ

## ଆତଙ୍କବାଦୀ କାର୍ଯ୍ୟ କହିଲେ ଟ୍ରମ୍ପ

ୱାଶିଂଟନ,୨୭।୧୧

ଆମେରିକାର ହ୍ୱାଇଟ୍‌ହାଉସ୍ ବ୍ଲକ୍‌ରୁ ବୁଧବାର ଅପରାହ୍ନରେ ଗୁଳିକାଣ୍ଡ ହୋଇଛି। ଜାତୀୟ ରାଜଧାନୀରେ ମୁତୟନ ଥିବା ୨ ଜଣ ୱେଷ୍ଟ ଭର୍ଜିନିଆ ନ୍ୟାଶନାଲ ଗାର୍ଡ ସଦସ୍ୟ ଗୁଳିମାଡ଼ରେ ଆହତ ହୋଇଛନ୍ତି। ସେମାନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ସଂଘୀୟ ତଦନ୍ତ ବ୍ୟୁରୋ (ଏଫ୍‌ବିଆଇ) ନିର୍ଦ୍ଦେଶକ କାଶ୍ ପଟେଲ ଏବଂ ୱାଶିଂଟନ ମେୟର ମ୍ୟୁରିୟେଲ୍ ବୋସର କହିଛନ୍ତି। ଏହା ଏକ ଟର୍ଗେଟ ଆକ୍ରମଣ ବୋଲି ମେୟର ଦର୍ଶାଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ୨ ନ୍ୟାଶନାଲ ଗାର୍ଡଙ୍କୁ ଗୁଳିମାଡ଼ ଘଟଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିନ୍ଦା କରିଛନ୍ତି। ଏହା ଏକ ଆତଙ୍କବାଦୀ କାର୍ଯ୍ୟ। ୨୦୨୧ରେ ଆଫଗାନିସ୍ତାନରୁ ସନ୍ଦିଗ୍ଧ ଜଣକ ଆମେରିକାରେ ପ୍ରବେଶ କରିଥିଲେ। ଜୋ ବାଇଡେନ୍‌ଙ୍କ ଶାସକ କାଳରେ ଆମେରିକାରେ ପ୍ରବେଶ କରିଥିବା ସମସ୍ତ ଆଫଗାନ ଶରଣାର୍ଥୀଙ୍କ ଉପରେ ପୁନର୍ବାର ତଦନ୍ତ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

ଫ୍ଲୋରିଡାରୁ ଉଦ୍‌ବୋଧନ ଦେଇ ଟ୍ରମ୍ପ କହିଛନ୍ତି, ଧନ୍ୟବାଦ ପ୍ରଦାନ ଛୁଟିର ପୂର୍ବ ସନ୍ଧ୍ୟାରେ ୱାଶିଂଟନ ଡିସିରେ କାର୍ଯ୍ୟରତ ନ୍ୟାଶନାଲ ଗାର୍ଡର ୨ ସଦସ୍ୟଙ୍କୁ ଅଳ୍ପ ଦୂରତାରୁ ଗୁଳି କରାଯିବା ହ୍ୱାଇଟ୍ ହାଉସ୍‌ର ମାତ୍ର କେଇପାଦ ଦୂରରେ ଘାତକ ଆକ୍ରମଣ। ଏହି ବୀଭତ୍ସ ଆକ୍ରମଣ ଘୃଣିତ ଏବଂ ଆତଙ୍କବାଦୀ କାର୍ଯ୍ୟ। ଏହା ସମଗ୍ର ରାଷ୍ଟ୍ର ଏବଂ ମାନବତା ବିରୋଧରେ ଅପରାଧ। ସମସ୍ତ ଆମେରିକୀୟଙ୍କ ହୃଦୟ ନ୍ୟାଶନାଲ ଗାର୍ଡର ୨ ସଦସ୍ୟ ଓ ସେମାନଙ୍କ ପରିବାର ସହ ରହିଛି ବୋଲି ଟ୍ରମ୍ପ କହିଛନ୍ତି।



ଗୁଳିକାଣ୍ଡ ସ୍ଥଳରେ ସୁରକ୍ଷା କର୍ମୀ ଅନୁଧ୍ୟାନ କରୁଛନ୍ତି।



ରହମନୁଲ୍ଲା ଲକନୱାଲ

ନ୍ୟାଶନାଲ ଗାର୍ଡ ଯବାନଙ୍କ ଉପରେ ଆକ୍ରମଣ ଘଟଣାରେ ଆମେରିକା ଆଫଗାନମାନଙ୍କ ଆପ୍ରବାସନ ନିବେଦନକୁ ସ୍ଥଗିତ ରଖିଛି। ଆକ୍ରମଣକାରୀ ୨୯ ବର୍ଷୀୟ ରହମନୁଲ୍ଲା ଲକନୱାଲ, ଯିଏ କି ଆମେରିକା ସେନା ଏବଂ ଆଫଗାନିସ୍ତାନରେ ସିଆଇଏରେ କାର୍ଯ୍ୟ କରିଥିଲେ। ୧୯୯୬ରେ କାବୁଲରେ ଜନ୍ମିତ ରହମନୁଲ୍ଲା ଆଫଗାନିସ୍ତାନରେ ଶେଷବର୍ଷ ଯୁଦ୍ଧ ସମୟରେ ଆମେରିକା ଠିକାଦାରଙ୍କ ଲଜିଷ୍ଟିକ୍ କୋଅର୍ଡିନେଟର ଭାବେ କାର୍ଯ୍ୟ କରିଥିଲେ। ହେଲ୍‌ମଣ୍ଡ ପ୍ରଦେଶରେ ଆମେରିକାର ସ୍ପେଶାଲ ଫୋର୍ସ ୟୁନିଟ୍‌କୁ ବିଭିନ୍ନ ସାମଗ୍ରୀ ଯୋଗାଣରେ ସେ ସହଯୋଗ କରୁଥିଲେ। କାନ୍ଦାହାରରେ ସେ ସିଆଇଏ ସହ କାର୍ଯ୍ୟ କରିଥିଲେ ବୋଲି ଏହାର ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍ କହିଛନ୍ତି। ସୁରକ୍ଷା କର୍ମୀଙ୍କ ଗୁଳିରେ ଆହତ ହୋଇଥିବା ରହମନୁଲ୍ଲାଙ୍କୁ ହାଜତରେ ରଖାଯାଇଛି। ସଂଘୀୟ ତଦନ୍ତକାରୀ ସଂସ୍ଥା ଘଟଣାର ତଦନ୍ତ କରୁଛି।

## ୨ କୋଟି ଆଧାର କାର୍ଡ ନିଷ୍କ୍ରିୟ

ନୂଆଦିଲ୍ଲୀ,୨୭।୧୧

ଦେଶବ୍ୟାପୀ ଡେଟା କ୍ଲିନିଂ (ଆଧାର ସମ୍ପର୍କିତ ତଥ୍ୟରୁ ତ୍ରୁଟି ଖୋଜି ସୁଧାରିବା) ପଦକ୍ଷେପ ସ୍ୱରୂପ ଭାରତର ଏକକ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ମୃତ ବ୍ୟକ୍ତିମାନଙ୍କ ୨ କୋଟିରୁ ଉର୍ଦ୍ଧ୍ୱ ଆଧାର ନମ୍ବରକୁ ନିଷ୍କ୍ରିୟ କରିଛନ୍ତି। ଆଧାର ଡେଟାବେସ୍‌ର ସଚ୍ଚୋଟତାର ସୁରକ୍ଷା ଏବଂ ପରିଚୟଗତ ତଥ୍ୟର ଦୁରୁପଯୋଗ ରୋକିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି। ଆଧାର ରେକର୍ଡକୁ ମୃତ୍ୟୁ ପଞ୍ଜିକା ଏବଂ ଭାରତର ମହାପଞ୍ଜିକାର ଓ ରାଜ୍ୟ ସରକାରଙ୍କଠାରୁ ମିଳିଥିବା ଅନ୍ୟାନ୍ୟ ତଥ୍ୟ ସହ ମେଳ କରିବା ପରେ ଉକ୍ତ କାର୍ଡଗୁଡ଼ିକୁ ଅକାମୀ କରିଦିଆଯାଇଛି। ପରିବାର ସଦସ୍ୟମାନେ ମଧ୍ୟ କୌଣସି ବ୍ୟକ୍ତିର ମୃତ୍ୟୁ ସମ୍ପର୍କରେ ମାଇଁଆଧାର ପୋର୍ଟାଲରେ ରିପୋର୍ଟ କରିପାରିବେ। ଏଥିପାଇଁ ଆଧାର ନମ୍ବର ସହ ମୃତ୍ୟୁ ପଞ୍ଜୀକରଣ ନମ୍ବର ଓ ଅନ୍ୟାନ୍ୟ ବିବରଣୀ ଦେବାକୁ ହେବ। ୟୁଆଇଡିଏଆଇ ସେଗୁଡ଼ିକର ଅନୁଧ୍ୟାନ ଓ ଯାଞ୍ଚ କରିବା ପରେ ଆଧାର ନମ୍ବରକୁ ନିଷ୍କ୍ରିୟ କରାଇବେ।

## ସ୍କାଏରୁଟ୍‌ର ଅର୍ବିଟାଲ ରକେଟ୍ ଉନ୍ମୋଚନକଲେ ପ୍ରଧାନମନ୍ତ୍ରୀ

ହାଇଦ୍ରାବାଦ,୨୭।୧୧(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସ୍ପେସ୍ ଷ୍ଟାର୍ଟଅପ୍ ସ୍କାଏରୁଟ୍‌ର ପ୍ରଥମ ଅର୍ବିଟାଲ ରକେଟକୁ ଉନ୍ମୋଚନକରିବା ସହ ନୂଆ ପ୍ରଯୁକ୍ତି ସୃଷ୍ଟି ଲାଗି ଜେନ୍ ଜି ପେସାଦାରମାନଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ସ୍କାଏରୁଟ୍‌ର ଇନ୍‌ଫିନିଟି କ୍ୟାମ୍ପସ୍‌କୁ ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି। ଉକ୍ତ କମ୍ପାନୀର ଅର୍ବିଟ ରକେଟ ବିକ୍ରମ-୧ ଉପଗ୍ରହଗୁଡ଼ିକୁ କକ୍ଷପଥକୁ ପଠାଇପାରିବ। ଆଜି ଜେନ୍ ଜି ଇଞ୍ଜିନିୟର, ଡିଜାଇନର, କୋଡର ଏବଂ ବୈଜ୍ଞାନିକମାନେ ନୂଆ ପ୍ରଯୁକ୍ତି ସୃଷ୍ଟି କରିଛନ୍ତି। ମହାକାଶ କ୍ଷେତ୍ରରେ ସଂସ୍କାର ସ୍ୱରୂପ ଏହ ସେକ୍ଟରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିଦିଆଯାଇଛି। ଫଳରେ ସ୍କାଏରୁଟ୍ ସମେତ ଅନ୍ୟ କମ୍ପାନୀମାନେ ବିଭିନ୍ନ ନବପ୍ରବର୍ତ୍ତନ ସହ ଆଗେଇ ଆସିଛନ୍ତି। ୩୦୦ରୁ ଉର୍ଦ୍ଧ୍ୱ ସ୍ପେସ୍ ଷ୍ଟାର୍ଟଅପ୍ ଏହି ସେକ୍ଟର ପାଇଁ ନୂଆ ଆଶା ଆଣିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଇମ୍ରାନ୍ ସମ୍ପୂର୍ଣ୍ଣ ସୁସ୍ଥ: ଜେଲ କର୍ତ୍ତୃପକ୍ଷ

ଲାହୋର,୨୭।୧୧(ପି.ଟି.)

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆଡିଆଲା ଜେଲରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜେଲ କର୍ତ୍ତୃପକ୍ଷ ଗୁରୁବାର କହିବା ସହ ସୋସିଆଲ ମିଡିଆରେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରକାଶିତ ଗୁଜବକୁ ଖଣ୍ଡନ କରିଛନ୍ତି। ଇମ୍ରାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ନେତୃତ୍ୱକୁ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ କରାଯାଇଛି। ପିଟିଆଇ ମୁଖ୍ୟଙ୍କୁ ଜେଲ ଭିତରେ ସମସ୍ତ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉଥିବା ଆଡିଆଲା ଜେଲ ପ୍ରଶାସନ କହିଛି। ବିଭିନ୍ନ ମାମଲାରେ ଇମ୍ରାନ୍ ୨୦୨୩ ଅଗଷ୍ଟରୁ ଜେଲରେ ରହିଛନ୍ତି। ଇମ୍ରାନ୍ ଖାନ୍‌ଙ୍କୁ ଜେଲରେ ରହସ୍ୟଜନକ ଭାବେ ହତ୍ୟା କରାଯାଇଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଥିଲା। ଇମ୍ରାନ୍ ଏବେ କେଉଁଠି ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ଆଫଗାନିସ୍ତାନ ଏବଂ ପାକିସ୍ତାନରୁ କେତେକ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଖବର ପ୍ରକାଶ ପାଇବା ପରେ ଇମ୍ରାନ୍‌ଙ୍କୁ ଦେଖାକରିବା ପାଇଁ ୩ ଭଉଣୀ ଜେଲକୁ ଯାଇଥିଲେ। ସେମାନଙ୍କୁ ସୁରକ୍ଷା କର୍ମୀ ଜେଲ ବାହାରୁ ମାଡ଼ମାରି ତଡ଼ିଦେଇଥିଲେ। ଇମ୍ରାନ୍‌ଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଗୁଜବକୁ ନେଇ କେତେକ ବିଦେଶୀ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା ଏବଂ 'ଇମ୍ରାନ୍ ଖାନ୍ ଏବେ କେଉଁଠି' ବୋଲି Xରେ ଟ୍ରେଣ୍ଡ କରିଥିଲା। ଗୁଜବର କୌଣସି ସତ୍ୟତା ନାହିଁ ବୋଲି ଜେଲ କର୍ତ୍ତୃପକ୍ଷ କହିଛନ୍ତି।



ଇମ୍ରାନ୍ ଖାନ୍

## ସୁମାତ୍ରାରେ ଭୂସ୍ଖଳନ, ବନ୍ୟାରେ ୧୭ ମୃତ

ମେଦାନ(ଇଣ୍ଡୋନେସିଆ),୨୭।୧୧

ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଲଗାଣ ବର୍ଷା ଯୋଗୁ ହଠାତ୍ ବନ୍ୟା ମାଡ଼ିଆସିବା ସହ ଭୂସ୍ଖଳନ ଘଟିଛି। ଏଥିରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ନିଖୋଜ ଅଛନ୍ତି। ମାଟି ଅତଡ଼ା ତଳେ ଅଧିକ ଲୋକ ପୋତିହୋଇ ରହିଥିବା ଆଶଙ୍କାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସପ୍ତାହେ ହେଲା ପ୍ରବଳ ବର୍ଷା ଲାଗିରହିଥିବାରୁ ବିଭିନ୍ନ ନଦୀରେ ବନ୍ୟା ଆସି ବିପର୍ଯ୍ୟୟ ସୃଷ୍ଟି କରିଛି। ସର୍ବାଧିକ କ୍ଷତିଗ୍ରସ୍ତ ସିବୋଲ୍‌ଗା ସହରରୁ ବୁଧବାର ଉଦ୍ଧାରକାରୀ ଦଳ ୫ ମୃତଦେହ ମାଟି ଅତଡ଼ା ତଳୁ ବାହାର କରିବା ସହ ୩ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଛନ୍ତି।

## ଅନ୍ୟ ରାଜ୍ୟର ମହିଳା ବିବାହ ପରେ ଉତ୍ତରାଖଣ୍ଡରେ ସଂରକ୍ଷଣ ପାଇଁ ହକ୍‌ଦାର ନୁହନ୍ତି: ହାଇକୋର୍ଟ

ଡେରାଡୁନ୍,୨୭।୧୧

ଅନ୍ୟ ରାଜ୍ୟର ଅନୁସୂଚିତ ଜାତି ବର୍ଗର ମହିଳା ବିବାହ ପରେ ଉତ୍ତରାଖଣ୍ଡରେ ରହିଲେ, ସେଠାର ସରକାରୀ ନିଯୁକ୍ତିରେ ସଂରକ୍ଷଣ ସୁବିଧା ପାଇବାକୁ ହକ୍‌ଦାର ନୁହନ୍ତି। ଉତ୍ତରାଖଣ୍ଡ ହାଇକୋର୍ଟ ମଙ୍ଗଳବାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଷ୍ଟିସ୍ ମନୋଜ କୁମାର ତିୱାରୀଙ୍କ ଖଣ୍ଡପୀଠ କେତେଗୁଡ଼ିଏ ପିଟିଶନ୍‌ର ଶୁଣାଣି କରି ସଂରକ୍ଷଣ ଆଇନର ମୌଳିକ ସିଦ୍ଧାନ୍ତକୁ ଗୁରୁତ୍ୱ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ସଂରକ୍ଷଣର କ୍ଷେତ୍ର ପରିସର ନିର୍ଦ୍ଦିଷ୍ଟ ଏବଂ ଏହା ସ୍ଥାନାନ୍ତର ହୁଏ ନାହିଁ।



## ପୁରୁଣା ପରମ୍ପରା ଭାଙ୍ଗିଲେ ସଲମାନ

ବଲିଉଡର ଭାଇଜାନ ସଲମାନ ଖାନ୍‌ଙ୍କ ପରବର୍ତ୍ତୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ' ରିଲିଜ ହେବାକୁ ଯାଉଛି। ସଲମାନ ଏହି ଫିଲ୍ମ ସେଟ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ପରିବର୍ତ୍ତନ ଆଣିଛନ୍ତି। ଅଧିକାଂଶ କ୍ଷେତ୍ରରେ ଫିଲ୍ମ ସେଟ୍‌ରେ ସାଧାରଣତଃ ଅଭିନେତା ଏବଂ ମୁଖ୍ୟ କର୍ମଚାରୀଙ୍କ ପାଇଁ ଅଲଗା ଖାଦ୍ୟ ସ୍ତର ବ୍ୟବସ୍ଥା ଥାଏ। ସଲମାନ ଏହି ପାର୍ଥକ୍ୟକୁ ଦୂର କରିଦେଇଛନ୍ତି। ଏବେ ସମସ୍ତଙ୍କୁ ସମାନ ଖାଦ୍ୟ ପରିବେଷଣ କରାଯିବ। ଫିଲ୍ମ ସେଟରେ ସାଧାରଣତଃ ତିନି ପ୍ରକାରର ଖାଦ୍ୟ ପରିବେଷଣ କରାଯାଏ: ପ୍ରଥମଟି ତାରକାମାନଙ୍କ ପାଇଁ, ଦ୍ୱିତୀୟଟି ବିଭିନ୍ନ ବିଭାଗର ଟେକ୍ନିସିଆନ୍‌ଙ୍କ ପାଇଁ ଏବଂ ତୃତୀୟ ୟୁନିଟ ଅନ୍ୟ ଲୋକଙ୍କ ପାଇଁ। ସଲମାନ ଏହି ପାର୍ଥକ୍ୟକୁ ନାପସନ୍ଦ କରିଛନ୍ତି ଏବଂ ଏହି ପ୍ରଥାକୁ ଶେଷ କରିବାକୁ ପଦକ୍ଷେପ ନେଇଛନ୍ତି। ସେ ଏବେ ତାଙ୍କର ମୋବାଇଲ କିଚେନ୍ ବିଇଂ ହାଙ୍ଗ୍ରି ମାଧ୍ୟମରେ ସମସ୍ତଙ୍କୁ ସମାନ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଅନୁଯାୟୀ, ଫିଲ୍ମ ସହିତ ଜଡିତ ସମସ୍ତେ ସମାନ ଖାଦ୍ୟ ଖାଇବେ। ଏହି କାର୍ଯ୍ୟ ସଲମାନ 'ସିକନ୍ଦର' ସେଟ୍‌ରେ ଆରମ୍ଭ କରିଥିଲେ। ଏହାକୁ ଏବେ 'ବ୍ୟାଟଲ୍ ଅଫ୍ ଗଲୱାନ'ର ଶୁଟିଂ ସମୟରେ ଜାରି ରଖାଯାଇଛି। ଫିଲ୍ମ ବ୍ୟତୀତ, ଏହାକୁ 'ବିଗ ବସ' ସେଟ୍‌ରେ ମଧ୍ୟ ବ୍ୟବହାର କରାଯାଏ।



# ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାରୁ ମାରିଦେଲେ

ଭୁବନେଶ୍ୱର,୨୭।୧୧(ତ୍ରିନାଥ ମହାନ୍ତି)



**ଗୋଡ଼ିବାରି ଶତ୍ରୁଘ୍ନ ବିରୁଆ ହତ୍ୟା ଘଟଣା**
- ୫ ଅଭିଯୁକ୍ତଙ୍କୁ ଗିରଫ କଲା ଚନ୍ଦକା ପୋଲିସ
- ପ୍ରମାଣ ଲୁଚାଇବାକୁ ସ୍କୁଟିକୁ ଜଙ୍ଗଲ ଭିତରେ ରଖି ଦେଇଥିଲେ

ଚନ୍ଦକା ଗୋଡ଼ିବାରି ଶତ୍ରୁଘ୍ନ ବିରୁଆ ହତ୍ୟା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଚନ୍ଦକା ପୋଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତ ହେଲେ ଗୋଡ଼ିବାରି ଗ୍ରାମର ବାହାଦୁଲା ବାନ୍ଦ୍ରା ଓରଫ ପଣ୍ଡା, ରୂପା ପିଙ୍ଗୁଆ ଓରଫ ଲାଲା, ପୀତାମ୍ବର କଙ୍କେଲ ଓରଫ ବେତାଳିଆ, ନବ ତିରିଆ ଏବଂ ଗୁଲୁଟୁ ହେମ୍ବ୍ରମ। ସେମାନଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟରେ ହାଜର କରାଯାଇ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିବା ନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।

ପୋଲିସ କମିଶନରଙ୍କ ସୂଚନା ଅନୁସାରେ, ଗତ ୨୪ତାରିଖରେ ଚନ୍ଦକା ଗୋଡ଼ିବାରି ରାସ୍ତା କଡ଼ରୁ ଶତ୍ରୁଘ୍ନଙ୍କ ମୃତଦେହ ମିଳିଥିଲା। ମୃତଦେହର ମୁହଁରେ କ୍ଷତଚିହ୍ନ ଥିବାରୁ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଜଙ୍ଗଲ ଭିତରୁ ଜବତ କରିଥିବା ସ୍କୁଟିକୁ ନେଇ ସନ୍ଦେହ ଉପୁଜିବାରୁ ହତ୍ୟା ସନ୍ଦେହ କରି ତଦନ୍ତ କରିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ନେବା ପରେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ପୋଲିସ ଗୋଡିବାରି ଗ୍ରାମର ୫ଜଣଙ୍କୁ ହତ୍ୟା ମାମଲାରେ ଗିରଫ କରିଛି। ଶତ୍ରୁଘ୍ନ ୧୫ ଦିନ ତଳେ ସମ୍ପର୍କୀୟ ଭାଇଙ୍କ ଜରିଆରେ ଏଠାକୁ ଆସି ଭୋଲା ଅଞ୍ଚଳରେ ଥିବା ଟେଷ୍ଟ ହାଉସରେ କାମ କରୁଥିଲେ। ଘଟଣାଦିନ ସକାଳ ୯ଟାରେ ଶତ୍ରୁଘ୍ନ ଟେଷ୍ଟ ମାଲିକଙ୍କ ଗାଡ଼ି ନେଇ ହାଣ୍ଡିଆ ପିଇବା ପାଇଁ ଗୋଡ଼ିବାରି ଗ୍ରାମକୁ ଯାଇଥିଲେ। ସେଠାରେ ହାଣ୍ଡିଆ ବିକ୍ରି କରୁଥିବା ଅନନ୍ତ ହୋ ନାମକ ମହିଳାଙ୍କ ଦୋକାନରୁ ହାଣ୍ଡିଆ ପିଇଥିଲେ। ହାଣ୍ଡିଆ ପିଇବା ସମୟରେ ଉଭୟଙ୍କ ମଧ୍ୟରେ ଭାବବିନିମୟ ହେବା ପରେ ଉକ୍ତ ମହିଳାଙ୍କୁ ସାଥିରେ ନେଇ ନିକଟ ଜଙ୍ଗଲରେ ଶତ୍ରୁଘ୍ନ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ଏହି ସମୟରେ ଉଭୟଙ୍କୁ ଲାଲା ଏବଂ ବେତାଳିଆ ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମଲୋକ ଆସିବା ପରେ ସେଠାରୁ ଚପଲ, ମୋବାଇଲ, ସ୍କୁଟି ଛାଡ଼ି ଶତ୍ରୁଘ୍ନ ଫେରାର ହୋଇଯାଇଥିଲେ। ଏହାପରେ ଶତ୍ରୁଘ୍ନଙ୍କୁ ଧରିବା ପାଇଁ ଲାଲା, ପୀତାମ୍ବର ଏବଂ ଅନ୍ୟମାନେ ଏକାଠି ହୋଇଥିଲେ। ବେତାଳିଆ ମହିଳାଙ୍କ ସ୍ୱାମୀଙ୍କୁ ଜଣାଇବାପରେ ସେ ମଧ୍ୟ ଏହି ଗୋଷ୍ଠୀରେ ସାମିଲ ହୋଇଥିଲେ। ଖବରପାଇ ବାହୁଲା, ଗୁଲୁଟୁ, ବିକା ଏବଂ ନବ ଘଟଣା ସ୍ଥଳକୁ ଟାକ୍ଟରରେ ଆସି ପହଞ୍ଚିଥିଲେ। ଶତ୍ରୁଘ୍ନ ଭୋଲା ଅଞ୍ଚଳକୁ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ପଳାଇଥିବା ଲାଲାଙ୍କ ଠାରୁ ସ୍ପଷ୍ଟ ହେବା ପରେ ବାହାଦୁଲା, ନବ ଏବଂ ବେତାଳିଆ ବାଇକ୍‌ରେ ଯାଇ ଖୋଜିଥିଲେ। ହେଲେ ଶତ୍ରୁଘ୍ନଙ୍କୁ ନ ପାଇବାରୁ ବାହାଦୁଲ ସ୍କୁଟିକୁ ଘଟଣାସ୍ଥଳରୁ ନେଇ ନିଜ ଘରେ ରଖିଥିଲେ। ଶତ୍ରୁଘ୍ନ ଗାଡ଼ି ନେବାକୁ ନିଶ୍ଚିତ ଆସିବା ଜାଣି ବାହାଦୁଲା, ବେତାଳିଆ, ନବ, ଲାଲା ଏବଂ ଗୁଲଟୁ ଏକ ଟିମ୍ ଗଠନ କରି କଲ୍‌ଭର୍ଟ(ଶଙ୍ଖ) ନିକଟରେ ଜଗି ରହିଥିଲେ। ଦିନ ୧୨ଟା ସମୟରେ ଶତ୍ରୁଘ୍ନ ସ୍କୁଟି ନେବାକୁ ଗୋଡ଼ିବାରି ଗ୍ରାମକୁ ଆସିଥିବାବେଳେ ବାହାଦୁଲା ତାଙ୍କୁ ପ୍ରଥମେ କାବୁ କରି ମୁହଁକୁ ମୁଥ, ଗୋଇଠା ମାରିବା ସହ ପଥରରେ ଆକ୍ରମଣ କରିଥିଲେ। ଶତ୍ରୁଘ୍ନ ପଡ଼ିଯିବା ପରେ ବାହାଦୁଲା ତାଙ୍କ ବେକକୁ ଚିପି ହତ୍ୟା କରି କଲ୍‌ଭର୍ଟ ବାମ ପଟକୁ ଫିଙ୍ଗି ପଳାଇଥିଲେ। ଶତ୍ରୁଘ୍ନ ମରିଯିବା ପରେ ଭୟରେ ବାହାଦୁଲା ଘରେ ରଖିଥିବା ସ୍କୁଟିକୁ ନେଇ ମୃତଦେହଠାରୁ ୧୦୦ ମିଟର ଦୂରରେ ରଖି ପଳାଇ ଆସିଥିଲେ। ପୋଲିସ ମୃତଦେହ ପାଇବା ପରେ ଛାନ୍‌ଭିନ୍ କରିଥିଲା। ହେଲେ ସ୍କୁଟିକୁ ବାହାଦୁଲା ରଖିବା ସମୟରେ ଗ୍ରାମର କେତେଜଣ ଯୁବକ ଦେଖିଥିବା ନେଇ ପୋଲିସକୁ ଜଣାଇଥିଲେ। ଏହା ପରେ ପୋଲିସ ବାହାଦୁଲାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସତ ପଦାକୁ ଆସିଥିଲା।

# ବାଘଛାଲ ଜବତ ମାମଲାର ତଦନ୍ତ କଲା ଏସ୍‌ଟିଏଫ୍

ଭୁବନେଶ୍ୱର, ୨୭।୧୧(ତ୍ରିନାଥ ମହାନ୍ତି)

- ଏକାଧିକ ସ୍ଥାନରେ ଚଢ଼ାଉ, ରାଜ୍ୟ ବାହାରେ ମାଷ୍ଟରମାଇଣ୍ଡ୍
- କର୍ନାଟକରୁ ବାଘଛାଲ ଆଣି ରାଜଧାନୀରେ ଡିଲ୍ ହୋଇଥିଲା

ଭୁବନେଶ୍ୱରସ୍ଥିତ ମେ ଫେୟାର ବସ୍ତି ପଛରୁ ଜବତ ହୋଇଥିବା ବାଘ ଛାଲ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ଦିଆଯାଇଛି। ଗୁରୁବାର ଏସ୍‌ଟିଏଫ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଛାନଭିନ କରୁଛି। ଏହି ର୍ୟାକେଟ୍ ସହ ୫ ରାଜ୍ୟର ବନ୍ୟପ୍ରାଣୀ ଚାଲାଣକାରୀଙ୍କ ଲିଙ୍କ୍ ଥିବାରୁ ମାମଲାର ତଦନ୍ତ କରିବାକୁ ଏସ୍‌ଟିଏଫ୍‌କୁ ଦାୟିତ୍ୱ ଦିଆଯାଇଛି। ତେବେ ଗିରଫ ହୋଇଥିବା ୩ ଅଭିଯୁକ୍ତ ନୟାଗଡ଼ ଟାଉନ୍‌ର ରୋହିତ ମହାପାତ୍ର, ଭୁବନେଶ୍ୱର ଗଣ୍ଡମୁଣ୍ଡାର ଶମ୍ଭୁ ବିଶୋଇ ଓରଫ ବାବୁ ଓ ଗଞ୍ଜାମ ଭଞ୍ଜନଗରର ମଞ୍ଜିତସାବତ ଓରଫ ବାଦଲଙ୍କ ବିରୋଧରେ ବିଏନ୍‌ଏସ୍ ଧାରା ୫୫, ୩୦୩(୨), ୩୧୭(୨), ୬୧(୨)(ଏ)ରେ ମାମଲା ରୁଜୁ ହୋଇଛି। ଏଥିସହ ପୂର୍ବରୁ ତଦନ୍ତ କରୁଥିବା କମିଶନରେଟ ପୋଲିସର ସ୍ୱେଶାଲ କ୍ରାଇମ୍ ୟୁନିଟ୍ ସମସ୍ତ ଦସ୍ତାବିଜ୍ ଏସ୍‌ଟିଏଫ୍‌କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ଗିରଫ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବା ପାଇଁ ଏସ୍‌ଟିଏଫ୍ ପ୍ରକ୍ରିୟା ଆରମ୍ଭ କରିଛି।

ଗତମାସ ୮ ତାରିଖରେ ରୋହିତ ଦିଲ୍ଲୀରୁ ଭୁବନେଶ୍ୱର ଆସି ଖଣ୍ଡଗିରି ଥାନା ପଞ୍ଚସଖାନଗରରେ ଘର ଭଡ଼ା ନେଇ ରହୁଥିଲେ। ସେ କର୍ନାଟକ ସମେତ ଅନ୍ୟ ରାଜ୍ୟରୁ ବାଘ ଓ ଅନ୍ୟ ଜୀବଜନ୍ତୁ ଛାଲ, ନଖ, କାତି ଆଦି ଚୋରାରେ ଆଣି ଏଠାରେ ବିକ୍ରି କରୁଥିଲେ। ତେବେ ସେ କର୍ନାଟକରୁ ଏକ ବାଘ ଛାଲ ଧରି ରାଉରକେଲା ଦେଇ ଭୁବନେଶ୍ୱର ଆସି ଗ୍ରାହକ ଖୋଜୁଥିବା ଜାଣିବା ପରେ ସ୍ୱେଶାଲ କ୍ରାଇମ୍ ୟୁନିଟ୍ ତାଙ୍କୁ ଧରିବାକୁ ଯୋଜନା କରିଥିଲା। ପୋଲିସ ଗ୍ରାହକ ସାଜି ଏଜେଣ୍ଟ ମାଧ୍ୟମରେ ବାଘଛାଲ ବିକ୍ରି ପାଇଁ ରୋହିତଙ୍କ ସହ ୩୦ ଲକ୍ଷ ଟଙ୍କାରେ ଡିଲ୍ କରିଥିଲେ। ଅଭିଯୁକ୍ତ ଶମ୍ଭୁ, ରୋହିତ ଓ ମଞ୍ଜିତ ବାଘ ଛାଲ ଧରି ମେ ଫେୟାର ବସ୍ତି ନିକଟରେ ଗତ ୨ ତାରିଖ ସନ୍ଧ୍ୟାରେ ଛିଡ଼ା ହୋଇଥିବାବେଳେ ସ୍ୱେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ସେମାନଙ୍କୁ ଘେରିଯାଇ ଗିରଫ କରିଥିଲା।

# ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କରୁଛି ସିବିଆଇ

ଭୁବନେଶ୍ୱର, ୨୭।୧୧ (ତ୍ରିନାଥ ମହାନ୍ତି)

**ପୋଲିସ୍ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**
- ୩ ପରୀକ୍ଷାର୍ଥୀଙ୍କ ସହ ମୁହାଁମୁହିଁ ଜେରା
- ଦିଲ୍ଲୀରୁ ଆସିଲା ସିବିଆଇର ଟେକ୍ନିକାଲ ଟିମ୍

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ୪ ଅଭିଯୁକ୍ତ ଲୋକନାଥ ସାହୁ, ତଫିମ୍ ଅହମ୍ମଦ ଖାନ୍, ବିଶ୍ୱରଞ୍ଜନ ବେହେରା ଏବଂ ବିଶ୍ୱରଞ୍ଜନ ହରିଚନ୍ଦନଙ୍କୁ ଗୁରୁବାର ୩ଦିନିଆ ରିମାଣ୍ଡରେ ନେଇ ସିବିଆଇ ମାରାଥନ ଜେରା କରୁଛି। ଗତକାଲି ସ୍ୱେଶାଲ ସିବିଆଇ କୋର୍ଟ ଅନୁମତି ଦେବା ପରେ ଗୁରୁବାର ସିବିଆଇ ଟିମ୍ ଝାରପଡ଼ା ଜେଲକୁ ଯାଇ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଥିଲେ। ସିବିଆଇ କାର୍ଯ୍ୟାଳୟରେ ପ୍ରଥମେ ସମସ୍ତଙ୍କୁ ପୃଥକ ଭାବେ ପଚରାଉଚରା କରିବା ପରେ ମୁହାଁମୁହିଁ ଜେରା କରାଇ ତଥ୍ୟ ଉଗାଳୁଛି ସିବିଆଇ ଟିମ୍। ଏଥିସହ ୩ଜଣ ପରୀକ୍ଷାର୍ଥୀଙ୍କୁ ମଧ୍ୟ ୪ ଅଭିଯୁକ୍ତଙ୍କ ସହ ମୁହାଁମୁହିଁ ଜେରା କରାଯାଇଛି। ପୂର୍ବରୁ ଜାଲିଆତିର ମାଷ୍ଟରମାଇଣ୍ଡ୍ ଶଙ୍କର ପୃଷ୍ଟି ଏବଂ ମୁନାକୁ ସିବିଆଇ ପଚରାଉଚରା କରିଥିବା ବେଳେ ସେମାନେ ମିଛ କହିବା ସହ ତଦନ୍ତରେ ସହଯୋଗ କରି ନ ଥିଲେ। ତେଣୁ ସବିଆଇ ସେମାନଙ୍କ ସହ ଏହି ୪ ଅଭିଯୁକ୍ତଙ୍କ ମିଛଧରା ପରୀକ୍ଷା ବା ଲାଏ ଡିଟେକ୍ସନ ଟେଷ୍ଟ କରିବ ବୋଲି ଜଣାପଡ଼ିଛି। ଆହୁରି ମଧ୍ୟ ଏସ୍‌ଆଇ ପରୀକ୍ଷା ସ୍କାମ୍‌ରେ ଟେକ୍ନୋଲୋଜି ମାଧ୍ୟମରେ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କ ନିକଟରୁ ପଠାଯାଇଥିବାରୁ ତଦନ୍ତ ପାଇଁ ଦିଲ୍ଲୀରୁ ସିବିଆଇର ଏକ ସ୍ୱେଶାଲ ଟେକ୍ନିକାଲ ଟିମ୍ ଭୁବନେଶ୍ୱର ଆସିଛି। ସେମାନେ ଏଠାରେ ଥିବା ସିବିଆଇ ଟିମ୍‌କୁ ତଦନ୍ତରେ ସହାୟତା କରିବେ। ମିଳିଥିବା ଫୋରେନସିକ୍ ରିପୋର୍ଟ ଏବଂ ଡିଜିଟାଲ ପ୍ରମାଣକୁ ତର୍ଜମା କରି ମାମଲା ଆଗକୁ ବଢାଉଛି ସିବିଆଇ।

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତିକୁ ବଡ଼ ନିଯୁକ୍ତି ଘୋଟାଲା ବୋଲି କୁହାଯାଉଛି। ଏହି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହୋଇଥିଲା। ପ୍ରଥମେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ସିଆଇଡିକୁ ଦିଆଯାଇଥିଲା। ଦୁର୍ନୀତିରେ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହରେ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଥିବା ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ଏହି ବଡ ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ଏହି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜାମିନ ପ୍ରଦାନ କରିଛନ୍ତି।

# ଚୋରି ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍

ଭୁବନେଶ୍ୱର,୨୭।୧୧(ସତ୍ୟଜିତ ରାଉତ)

ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ମୋବାଇଲ ଚୋରି ମାମଲାର ରାୟ ଗୁରୁବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ କୋର୍ଟରେ ପ୍ରକାଶ ପାଇଛି। ଅଭିଯୁକ୍ତ ମନୋଜ ବେହେରା ଓରଫ ଚନ୍ଦନ (୨୮)ଙ୍କୁ ୭ ମାସ ଜେଲଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ମାସେ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ଇତିଶ୍ରୀ ମହାପାତ୍ର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, ମଧୁସୁଦନ ସମବାୟ ନଗରରେ ରହୁଥିବା ତଥାଗତ ମହାରଣା ଓ ତାଙ୍କ ବନ୍ଧୁ ଏପ୍ରିଲ ୧୪ରେ ଘରେ ଶୋଇଥିବା ବେଳେ ଚନ୍ଦନ ସେମାନଙ୍କ ମୋବାଇଲ ଚୋରି କରିନେଇଥିଲେ। ଏତଲାକ୍ରମେ ପୋଲିସ ମାମଲା (ନଂ.୨୩୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଭିଜିଲାନ୍ସ କୋର୍ଟରେ ବିଦ୍ୟୁତ୍ ବିଭାଗର ହିସାବରକ୍ଷକ ଦଣ୍ଡିତ

ଭବାନୀପାଟଣା,୨୭।୧୧
(ଉତ୍ତମ କୁମାର ଦାଶ)

**ଲାଞ୍ଚ ମାମଲା**
**୩ ବର୍ଷ ଜେଲ ଦଣ୍ଡାଦେଶ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିଦ୍ୟୁତ୍ ବିଭାଗର (ଏସ୍‌ଡିଓ) ସବ୍‌ଡିଭିଜନ ଅଫିସରେ କାର୍ଯ୍ୟରତ ପୂର୍ବତନ ଆକାଉଣ୍ଟାଣ୍ଟ (ହିସାବ ରକ୍ଷକ) ଅଜିତ କୁମାର ମିଶ୍ର ଏକ ଲାଞ୍ଚ ମାମଲାରେ ଗୁରୁବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ଆକାଉଣ୍ଟାଣ୍ଟ ମିଶ୍ରଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସଦର ବ୍ଲକ ଗୋପୀନାଥପୁର ଗ୍ରାମର ସରଜୁ ପାଢ଼ୀ ନାମକ ଜଣେ ଉପଭୋକ୍ତାଙ୍କୁ ତାଙ୍କ ବକେୟା ବିଦ୍ୟୁତ୍ ବିଲର ସମାଧାନ କରିବା ପାଇଁ ଅଭିଯୁକ୍ତ ଆକାଉଣ୍ଟାଣ୍ଟ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଉପଭୋକ୍ତା ପାଢ଼ୀ ତାଙ୍କ ନାମରେ ଗତ ୨।୧୦।୨୦୧୯ରେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ୍ ୩।୧୦।୨୦୧୯ରେ ଉପଭୋକ୍ତା ପାଢ଼ୀଙ୍କଠାରୁ ଏକାଉଣ୍ଟାଣ୍ଟ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରୁଥିଲେ।

## Business

# ତରାଇ ଅଞ୍ଚଳରେ ରେଳ ସଂଯୋଗ ବୃଦ୍ଧି

ଭୁବନେଶ୍ୱର,୨୭।୧୧(ଅନୁରାଧା ମହାରଣା)



ଉତ୍ତରପ୍ରଦେଶର ତରାଇ ଅଞ୍ଚଳର ସଂଯୋଗୀକରଣକୁ ନୂଆ ଦିଗନ୍ତ ଦେଇ ଗୋରଖପୁର-ପିଲିଭିତ୍ ଏକ୍ସପ୍ରେସ୍ ଟ୍ରେନ୍‌କୁ ଗୁରୁବାର ଇଜତନଗର (ବରେଲି) ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ବାଣିଜ୍ୟ ଓ ଶିଳ୍ପ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ନୂଆଦିଲ୍ଲୀସ୍ଥିତ ରେଳ ଭବନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ସେବାର ଉଦ୍‌ଘାଟନ କରିଛନ୍ତି। ଏହି ଟ୍ରେନ୍ ପୂର୍ବରୁ ଲଖିମପୁର-ଗୋରଖପୁର ମଧ୍ୟରେ ଚଳାଚଳ କରୁଥିଲା। କିଛି ମାସ ପୂର୍ବରୁ ଏହାକୁ ପିଲିଭିତ୍ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ବର୍ତ୍ତମାନ ଏହାକୁ ବରେଲି ଚଳାଚଳ କରାଯାଇଛି। ଏହି ପଦକ୍ଷେପ ଉତ୍ତରପ୍ରଦେଶର ତରାଇ ଅଞ୍ଚଳର ରେଳ ସଂଯୋଗକୁ ଅଭୂତପୂର୍ବ ଉନ୍ନତି ଦେବ ଏବଂ ଅଞ୍ଚଳର କୃଷି ଓ ଜଙ୍ଗଲ ଉତ୍ପାଦନର ବଜାର ପହଞ୍ଚ ବଢ଼ାଇବା ସହ ପର୍ଯ୍ୟଟନ ଓ ନିଯୁକ୍ତି ସୃଷ୍ଟିରେ ବଡ଼ ଭୂମିକା ନିର୍ବାହ କରିବ। ଏ ଅବସରରେ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ୨୦୧୪ ପରଠାରୁ ଉତ୍ତରପ୍ରଦେଶରେ ରେଳ ବିକାଶ ଅଭୂତପୂର୍ବ। ରାଜ୍ୟରେ ୫,୨୭୨ କିଲୋମିଟର ନୂଆ ରେଳପଥ ନିର୍ମାଣ ହୋଇଛି, ଯାହା ସୁଇଜରଲାଣ୍ଡର ସମ୍ପୂର୍ଣ୍ଣ ରେଳ ନେଟ୍‌ୱର୍କଠାରୁ ଅଧିକ। ରାଜ୍ୟରେ ୧୦୦% ବିଦ୍ୟୁତୀକରଣ ସମ୍ପୂର୍ଣ୍ଣ ହୋଇଛି। ୧,୬୬୦ଟି ଫ୍ଲାଇଓଭର ଓ ରୋଡ୍ ଅଣ୍ଡରବ୍ରିଜ ନିର୍ମାଣ ହୋଇଛି। ଯାତ୍ରୀ ସୁବିଧା ପାଇଁ ରାଜ୍ୟରେ ୧୫୪ଟି ଲିଫ୍ଟ, ୧୫୬ଟି ଏସ୍କାଲେଟର ଏବଂ ୭୭୧ଟି ଷ୍ଟେଶନରେ ଫ୍ରି ୱାଇ-ଫାଇ ସୁବିଧା ଦିଆଯାଇଛି। ବର୍ତ୍ତମାନ ରାଜ୍ୟରେ ୩୪ଟି ବନ୍ଦେ ଭାରତ ଏବଂ ୨୬ଟି ଅମୃତ ଭାରତ ଏକ୍ସପ୍ରେସ୍ ଚଳାଚଳ କରୁଛି। ବୈଷ୍ଣବ ଆହୁରି କହିଛନ୍ତି, ୨୦୧୪ ପୂର୍ବରୁ ଯାହା ଦଶନ୍ଧି ଧରି ଅଟକି ରହିଥିଲା, ସେସବୁ ୪୮ଟି ଦୀର୍ଘଦିନର ପ୍ରୋଜେକ୍ଟ ଏବେ ସମ୍ପୂର୍ଣ୍ଣ ହୋଇଛି। ଲକ୍ଷ୍ନୌ-ପିଲିଭିତ୍, ପିଲିଭିତ୍-ଶାହଜାହାନପୁର ଏବଂ ବରେଲି-ତନକପୁର ଗେଜ କନଭର୍ସନ ଭଳି ପ୍ରୋଜେକ୍ଟ ଏହି ତାଲିକାରେ ରହିଛି। ରାଜ୍ୟର ରେଳ ବଜେଟ ୧,୧୦୯ କୋଟିରୁ ୧୮ ଗୁଣ ବଢ଼ି ୧୯,୮୫୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅମୃତ ଭାରତ ଷ୍ଟେଶନ ଯୋଜନାରେ ୧୫୭ଟି ଷ୍ଟେଶନର ପୁନର୍ବିକାଶ ଚାଲିଛି, ଯେଉଁଥିରୁ ୧୦ଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିସାରିଛନ୍ତି। ଜିତିନ ପ୍ରସାଦ କହିଛନ୍ତି, ରେଳ ସଂଯୋଗ ବୃଦ୍ଧି ଦ୍ୱାରା ଛାତ୍ର, କୃଷକ ଏବଂ ପର୍ଯ୍ୟଟକମାନେ ସବୁଠାରୁ ଅଧିକ ଲାଭବାନ ହେବେ। ଏହି କାର୍ଯ୍ୟକ୍ରମରେ ବରେଲି ଏମ୍‌ପି ଛତ୍ରପାଲ ସିଂହ ଗଙ୍ଗବାର, ବିଧାୟକ ବାବୁରାମ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିନ୍ଦ୍ରାର ଏକ୍ସଇଭି ୯ଏସ୍ ଉନ୍ମୋଚିତ

ଭୁବନେଶ୍ୱର,୨୭।୧୧(ଅନୁରାଧା ମହାରଣା)



ମହିନ୍ଦ୍ରା ପକ୍ଷରୁ ଭାରତ ବୃହତ୍ ନୂଆ ୭ ସିଟ୍ ବିଶିଷ୍ଟ ଇଲେକ୍ଟ୍ରିକ୍ ଏସ୍‌ୟୁଭି 'ଏକ୍ସଇଭି ୯ଏସ୍' ଉନ୍ମୋଚନ କରାଯାଇଛି। ଏହାକୁ କମ୍ପାନି ଏହାର ଇଙ୍ଗଲୋ ଢ଼ାଞ୍ଚାରେ ପ୍ରସ୍ତୁତ କରିଛି। ଗ୍ରାହକଙ୍କୁ ଅଧିକ ସ୍ଥାନ ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ଏହି ଏସ୍‌ୟୁଭିର ବିକାଶ କରାଯାଇଛି। ଏହାର ବୃହତ କ୍ୟାବିନ, ତିନି ଧାଡ଼ିର ସିଟ୍ ଗ୍ରାହକଙ୍କ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଅଧ୍ୟକ୍ଷ ତଥା ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅଟୋମୋବାଇଲ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଆର୍ ବେଲୁସାମୀ କହିଛନ୍ତି ଯେ, ଆମେ ସବୁବେଳେ ବିଶ୍ୱାସ କରିଆସିଛୁ ଯେ ପ୍ରଯୁକ୍ତିର ଅର୍ଥ ସେଥିରେ ରହିଛି ଯାହା ମାନବ ସମ୍ଭାବନାକୁ ବଢ଼ାଇଥାଏ। ଇଙ୍ଗଲୋ ଇଲେକ୍ଟ୍ରିକ୍ ଅରିଜିନ୍ ପ୍ଲାଟଫର୍ମ ଉପରେ ନିର୍ମିତ ଏକ୍ସଇଭି ୯ଏସ୍ ଅନ୍ୟ କୌଣସି ଗାଡ଼ିଠାରୁ ଅଧିକ ଜାଗା ସୃଷ୍ଟି କରି ଏକ ଶବ୍ଦହୀନ ଯାତ୍ରା ପ୍ରଦାନ କରଥାଏ । ଏମଏଆଇଏ ବ୍ରେନ୍ ଏହାର ଅନେକ ହାଇ-ଟେକ୍ ସୁବିଧାକୁ ସକ୍ଷମ କରୁଛି । ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଅଟୋମୋଟିଭ୍ ଡିଭିଜନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅଟୋମୋବାଇଲ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନଳିନୀକାନ୍ତ ଗୋଲାଗୁଣ୍ଟା କହିଛନ୍ତି, ଏକ୍ସଇଭି ୯ଏସ୍ ମହିନ୍ଦ୍ରା ପାଇଁ ଏକ ବଡ଼ ନୂଆ ଇଲେକ୍ଟ୍ରିକ୍ ଯୁଗର ଆରମ୍ଭର ସଙ୍କେତ ଦେଉଛି। ୧୯.୯୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବା ଏହି ଗାଡ଼ିର ବୁକିଂ ୧୪ ଜାନୁଆରୀରୁ ଖୋଲାଯିବ ଏବଂ ଡେଲିଭରି ୨୩ ଜାନୁଆରୀରୁ ଆରମ୍ଭ ହେବ। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଚିଫ୍ ଡିଜାଇନ୍ ଆଣ୍ଡ କ୍ରିଏଟିଭ୍ ଅଫିସର-ଅଟୋ ଆଣ୍ଡ ଫାର୍ମ ସେକ୍ଟର୍ସ ପ୍ରତାପ ବୋଷ କହିଛନ୍ତି ଏହାର ଗ୍ରାଉଣ୍ଡ କ୍ଲିୟରାନ୍ସ ୨୦୫ ଏମଏମ ରହିଛି। ଏହାର ସାର୍ବାଢ ଶକ୍ତି ୨୧୦କେଡବ୍ଲୁ ଓ ଟର୍କ ୩୮୦ ଏନଏମ ରହିଛି। ଏହା ୭ ସେକେଣ୍ଡରେ ଘଣ୍ଟା ପ୍ରତି୧୦୦ କିମି ବେଗରେ ଗତି କରିପାରିବ। ଏହାର ଶ୍ରେଷ୍ଠ ସ୍ପିଡ୍ ହେଉଛି ୨୦୨ କିମି। ଏହାର କ୍ୟାବିନ୍ ସ୍ଥାନ ୪୦୭୬ ଲିଟର, ୫୨୭ ଲିଟର ବୁଟ ସ୍ପେସ, ୱାୟରଲେସ ଫୋନ ଚାର୍ଜ, ଲାଉଞ୍ଜ ଡେସ୍କ, ୭ ଏୟାରବ୍ୟାଗ, ଡ୍ରାଇଭ ଡ୍ରାଉଜିନେସ ଡିଟେକ୍ସନ ଭଳି ସୁବିଧା ରହିଛି।

# ରୂପାନ୍ତରିତ ହେବ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଅଭିଜ୍ଞତା

NBBL
NPCI Bharat BillPay Ltd.

ଭୁବନେଶ୍ୱର,୨୭।୧୧

ନ୍ୟାଶନାଲ୍ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ସମ୍ପୂର୍ଣ୍ଣ ମାଲିକାନା ଥିବା ସହାୟକ କମ୍ପାନୀ ଏନ୍‌ପିସିଆଇ ଭାରତ ବିଲ୍‌ପେ' ଲିମିଟେଡ୍ (ଏନ୍‌ବିବିଏଲ୍), ବ୍ୟାଙ୍କିଙ୍ଗ୍ କନେକ୍ଟ ସହ ଏହାର ଡିଜିଟାଲ ପେମେଣ୍ଟ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇଛି। ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ଉପସ୍ଥିତିରେ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟିଭାଲ୍ ୨୦୨୫ ସମୟରେ ବ୍ୟାଙ୍କିଙ୍ଗ୍ କନେକ୍ଟ ଆରମ୍ଭ କରାଯାଇଥିଲା। ବର୍ତ୍ତମାନର ନେଟ୍ ବ୍ୟାଙ୍କିଙ୍ଗ୍ କାର୍ଯ୍ୟପ୍ରଣାଳୀ ପାଇଁ ପ୍ରାୟତଃ ବହୁବିଧ ସମନ୍ୱୟ, ଜଟିଳ ଗ୍ରାହକ ପ୍ରମାଣପତ୍ର ଏବଂ ଅଣ- ମାନକିତ ସମାଧାନ ପ୍ରକ୍ରିୟା ଆବଶ୍ୟକ ହୁଏ। ବ୍ୟବସାୟୀ ଏବଂ ପେମେଣ୍ଟ ଏଗ୍ରିଗେଟର୍ ଅନ୍‌ବୋର୍ଡିଂ ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ସମୟ ନେଇପାରେ, ଯାହା ପେମେଣ୍ଟ ଇକୋସିଷ୍ଟମରେ ଅସନ୍ତୋଷ ସୃଷ୍ଟି କରିଥାଏ। ଇକୋସିଷ୍ଟମ୍ ପାର୍ଟନରମାନଙ୍କ ସହଯୋଗରେ ଏନ୍‌ବିବିଏଲ୍ ଦ୍ୱାରା ବିକଶିତ, ବ୍ୟାଙ୍କିଙ୍ଗ୍ କନେକ୍ଟ ଗ୍ରାହକ, ବ୍ୟାଙ୍କ ଏବଂ ପେମେଣ୍ଟ ଏଗ୍ରିଗେଟର ସମେତ ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଯାତ୍ରାକୁ ସରଳ ଏବଂ ଆଧୁନିକୀକରଣ କରିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି। ବ୍ୟାଙ୍କିଙ୍ଗ୍ କନେକ୍ଟ ଏକ ସୁରକ୍ଷିତ ଏବଂ ଦକ୍ଷ ପେମେଣ୍ଟ ସିଷ୍ଟମ ସହଏହି ସମସ୍ୟାଗୁଡ଼ିକର ସମାଧାନକରେ ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମେଗା ଋଣ ମେଳା




ଭୁବନେଶ୍ୱର,୨୭।୧୧

କେନ୍ଦୁଝର ସ୍ଥିତ ମୁନିସିପାଲଟି ଅଡିଟୋରିଅମ ଠାରେ ଓଡିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏବଂ କେନ୍ଦୁଝର ଜିଲା ପ୍ରଶାସନ ସହଭାଗିତାରେ ଏକ ମେଗା କ୍ରେଡିଟ ଆଉଟ ରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ଏମପି ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାରେ ଓଡିଶା ଗ୍ରାମୀଣ ବ୍ୟାଙ୍କର ଅବଦାନକୁ ପ୍ରସଂଶା କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ମୁନିସିପାଲଟି ଅଧକ୍ଷା ନିକୁ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଅଗ୍ରଣୀ ଜିଲା ଅଧିକାରୀ ହୀରାଲାଲ ମହାମାଲିକ, କୂରେଷ କୁମାର ନାୟକ, ଡ଼ି ଡ଼ି ଏମ, ନାବାର୍ଡ , ଓଜିବିର ମହାପ୍ରବନ୍ଧକ ଶ୍ରୀଯୁକ୍ତ ବାସୁଦେବ ରାଉତରାୟ ଏବଂ କେନ୍ଦୁଝର ଆଞ୍ଚଳିକ ପ୍ରବନ୍ଧକ ସତ୍ୟବ୍ରତ ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ବିଭିନ୍ନ ସରକାରୀ ଯୋଜନା ଅନ୍ତର୍ଗତ ଅନ୍ୟ ହିତାଧିକାରୀ ମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ୧୦୦ କୋଟି ରୁ ଊର୍ଦ୍ଧ ରାଶି ପ୍ରଦାନ ପ୍ରଦାନ କରାଯାଇଥିଲା କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ବ୍ୟବସାୟ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ଗୌରୀ ଶଙ୍କର ଦାଶ, କାର୍ଯ୍ୟ ସମ୍ପାଦନା ବିଭାଗ ମୁଖ୍ୟ ସୁଧାଂଶୁ ଶେଖର ସେଠୀ ଏବଂ ଖୁଚୁରା ଋଣ ବିଭାଗ ମୁଖ୍ୟ ଜ୍ୟୋତି ବିକାଶ ପଣ୍ଡା ସଭାକୁ ପରିଚାଳନା କରିଥିଲେ। ଋଣ ବିଭାଗ ପରିଚାଳିକା ସୀମା ସର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧିକାରୀ ସତ୍ୟରଞ୍ଜନ ପ୍ୟାରୀମୋହନ ସ୍ୱାଇଁ, ଅଭିମନ୍ୟୁ ବେହେରା, ବିଶ୍ୱନାଥ ନାୟକ ତଥା ଅଧିକାରିଣୀ ତମସ୍ୱିନୀ ସେଠୀ, ସ୍ନେହପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# '୧୨୦ ବାହାଦୁର' ସହ ଯୋଡ଼ିହେଲା ଡା. ଅର୍ଥୋ

ଭୁବନେଶ୍ୱର,୨୭।୧୧




ଫରହାନ ଅଖ୍ତରଙ୍କ ଅଭିନୀତ ଆକ୍ସନ ଚଳଚ୍ଚିତ୍ର '୧୨୦ ବାହାଦୁର' ସହିତ ଆୟୁର୍ବେଦିକ ବ୍ରାଣ୍ଡ 'ଡା. ଅର୍ଥୋ' କୋ-ବ୍ରାଣ୍ଡିଂ ମାଧ୍ୟମରେ ଯୋଡ଼ିହୋଇଛି। ରଜନୀଶ ଧରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ରଟି ୧୨୦ ଜଣ ବୀର ଯୋଦ୍ଧାଙ୍କ ସାହସ, ଅଦମ୍ୟ ସଂକଳ୍ପ ଓ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼ିବାର ଅନୁପ୍ରେରଣାଦାୟୀ କାହାଣୀ କହୁଛି। ଚଳଚ୍ଚିତ୍ରଟିର ସଫଳତା କାମନାକରି ବ୍ରାଣ୍ଡର ମାଲିକ ତଥା ଉଦ୍ୟୋଗପତି ଡା. ସଞ୍ଜୀବ ଜୁନେଜା କହିଛନ୍ତି, '୧୨୦ ବାହାଦୁର' ସାହସ ଓ ଅଧ୍ୟବସାୟର ଏକ ଅସାଧାରଣ କାହାଣୀ। ଆୟୁର୍ବେଦିକ ବ୍ରାଣ୍ଡ ଡା. ଅର୍ଥୋକୁ ଚଳଚ୍ଚିତ୍ର ସହିତ ଯୋଡ଼ିହେବାକୁ ପ୍ରେରଣା ଦେଇଛି। ଯେଉଁଭଳି ଏହି ୧୨୦ ବାହାଦୁର କେବେ ହାର ମାନି ନ ଥିଲେ, ସେହିଭଳି ଡା. ଅର୍ଥୋ ଆୟୁର୍ବେଦିକ ତେଲ ମଧ୍ୟ ଗଣ୍ଠି ଯନ୍ତ୍ରଣା ବିରୋଧରେ ଅବିରାମ ଲଢ଼େଇକରି ଆରାମ ଦେଇଥାଏ। ଏହି କୋ-ବ୍ରାଣ୍ଡିଂ ଉପରେ ଫର୍‌ହାନ ଖତର କହିଛନ୍ତି, ୧୨୦ ବାହାଦୁରଙ୍କ ଭଳି ଡା. ଅର୍ଥୋ ମଧ୍ୟ ଯନ୍ତ୍ରଣା ବିରୋଧରେ ଠିଆ ହୋଇଛି ଏବଂ ଏହି ୧୨୦ ବୀରଙ୍କୁ ସଲାମ କରୁଛି। ଦିବିସା ହର୍ବାଲ୍ସର ପ୍ରତିନିଧି କହିଛନ୍ତି, ଡା. ଅର୍ଥୋ ଉତ୍ପାଦ ଦେଶର ପ୍ରାୟ ପ୍ରତିଟି ଘରେ ପହଞ୍ଚି ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିଛି। ଡା. ଅର୍ଥୋ ତେଲ ବ୍ୟତୀତ ବ୍ରାଣ୍ଡଟି ଷ୍ଟ୍ରଙ୍ଗ୍ ଅଏଲ, କ୍ୟାପ୍‌ସୁଲ, ଅଏଣ୍ଟମେଣ୍ଟ, ବାମ୍, ସ୍ପ୍ରେ, ପ୍ରିମିୟମ ନି କ୍ୟାପ୍, ବ୍ୟାକ୍ ସପୋର୍ଟ, ପୋଷ୍ଚର କରେକ୍ଟର, ଆଙ୍କଲ ବାଇଣ୍ଡର, ସର୍ଭାଇକାଲ ପିଲୋ, ମ୍ୟାଟ୍ରେସ୍ ଆଦି ଉପଲବ୍ଧ କରାଉଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସାଇ ରିପଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶା ଆଜି ଆନ୍ଧ୍ରକୁ ଭେଟିବ

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)
ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ଶୁକ୍ରବାର ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ କେରଳ ନିକଟରୁ ୧୦ ଉଇକେଟରେ ପରାସ୍ତ ହୋଇଛି। ତେଣୁ ଆନ୍ଧ୍ର ବିପକ୍ଷ ମ୍ୟାଚ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଦଳପାଇଁ ବହୁ ଗୁରୁତ୍ୱ ବହନ କରୁଛି। ଅନ୍ୟପକ୍ଷରେ ଆନ୍ଧ୍ର ଏହାର ପ୍ରଥମ ମ୍ୟାଚରେ ଆସାମକୁ ୨୯ ରନରେ ପରାସ୍ତ କରିଛି। ତେଣୁ ଏହି ଦଳ ମୋମେଣ୍ଟମ ବଜାୟ ରଖି ପରବର୍ତ୍ତୀ ମ୍ୟାଚରେ ଓଡ଼ିଶାକୁ ହରାଇବା ଲକ୍ଷ୍ୟରେ ରହିବ। ଆସାମ ବିପକ୍ଷ ମ୍ୟାଚରେ ବ୍ୟାଟରଙ୍କ ବିଫଳତା ସତ୍ତ୍ୱେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନକୁ ଭିତ୍ତିକରି ଆନ୍ଧ୍ର ମ୍ୟାଚ ଜିତିବାରେ ସକ୍ଷମ ହୋଇଥିଲା। ଏହି ମ୍ୟାଚରୁ ୪ ପଏଣ୍ଟ ହାସଲ କରିଥିବା ଆନ୍ଧ୍ର ଏବେ ୮ ଦଳ ବିଶିଷ୍ଟ ଏଲିଟ ଗ୍ରୁପ୍ 'ଏ' ଟେବୁଲର ତୃତୀୟ ସ୍ଥାନରେ ରହିଛି। ନିଜର ଦ୍ୱିତୀୟ ମ୍ୟାଚ ଜିତିପାରିଲେ ଦଳ ଆହୁରି ଉପରକୁ ଉଠିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ପଏଣ୍ଟ ଖାତା ଖୋଲିବା ଓଡ଼ିଶା ଦଳର ମୁଖ୍ୟ ଲକ୍ଷ୍ୟ ରହିବ।

**ଓଡ଼ିଶା ଦଳ:** ବିପ୍ଳବ ସାମନ୍ତରାୟ (ଅଧିନାୟକ), ଗୌରବ ଚୌଧାରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ସୌରଭ ଗୌଡ଼ା, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଭଗେଶ ଶର୍ମା, ସୌମ୍ୟରଞ୍ଜନ ଲେଙ୍କା, ଶୁଭ୍ରାଂଶୁ ସେନାପତି, ଶୁଭମ୍ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ରାଜ ଯାଦବ, ବାଦଲ ବିଶ୍ୱାଳ, ପପୁ ରୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି, ଅନିଲ ପରିଡ଼ା।

**ଆନ୍ଧ୍ର ପ୍ରଦେଶ ଦଳ:** ରିକି ଭୁଇ (ଅଧିନାୟକ), ଅଶ୍ୱିନ ହେବ୍ବାର, ପ୍ୟାଲା ଅବିନାଶ, ଶ୍ରୀକର ଭରତ, ପୃଥ୍ୱୀରାଜ, ସାଇ ରାହୁଲ, ସତ୍ୟନାରାୟଣ ରାଜୁ, ପଣ୍ଡୁରଙ୍ଗା ରାଜୁ, ଶେକ୍ ରଶିଦ, କେ.ଭି. ଶଶିକାନ୍ତ, ସୌରଭ କୁମାର, ଚିପୁରାପଲ୍ଲୀ ଷ୍ଟିଫେନ, ମୁନୀଷ ବର୍ମା, ତ୍ରିପୁରନା ବିଜୟ, ବୈଲାପୁଡି ଯଶବନ୍ତ।

## ମହିଳା ପ୍ରିମିୟର ଲିଗ୍ ଖେଳାଳି ନିଲାମ

ଦିପ୍ତୀ ଶର୍ମା: ୫୦ଲକ୍ଷ, ୟୁପି ୱାରିଅର୍ଜ, ୩.୨ କୋଟି
ଆମେଲି କେର୍: ୫୦ ଲକ୍ଷ, ମୁମ୍ବାଇ ଇଣ୍ଡିଆନ୍ସ, ୩ କୋଟି
ସୋଫି ଡିଭାଇନ୍: ୫୦ ଲକ୍ଷ, ଗୁଜରାଟ ଜାଏଣ୍ଟ୍ସ, ୨କୋଟି
ମେଗ୍ ଲାନିଂ: ୫୦ ଲକ୍ଷ, ୟୁପି ୱାରିଅର୍ଜ, ୧.୯ କୋଟି
ଚିନେଲି ହେନ୍‌ରୀ: ୩୦ ଲକ୍ଷ, ଦିଲ୍ଲୀ କ୍ୟାପିଟାଲ୍ସ,୧.୩ କୋଟି
ଶ୍ରୀ ଚାରନୀ: ୩୦ ଲକ୍ଷ, ଦିଲ୍ଲୀ କ୍ୟାପିଟାଲ୍ସ, ୧.୩ କୋଟି
ଫୋଏବ ଲିଚ୍‌ଫିଲ୍ଡ: ୫୦ ଲକ୍ଷ, ୟୁପି ୱାରିଅର୍ଜ, ୧.୨ କୋଟି
ଲାଉରା ଓଲ୍‌ଭାର୍ଟ: ୩୦ ଲକ୍ଷ, ଦିଲ୍ଲୀ କ୍ୟାପିଟାଲ୍ସ, ୧.୧ କୋଟି
ଆଶା ଶୋଭାନା: ୩୦ ଲକ୍ଷ, ୟୁପି ୱାରିଅର୍ଜ, ୧.୧ କୋଟି
ରେଣୁକା ସିଂ: ୪୦ଲକ୍ଷ, ଗୁଜରାଟ ଜାଏଣ୍ଟ୍ସ, ୬୦ ଲକ୍ଷ
ସୋଫି ଏକ୍ଲେଷ୍ଟୋନ୍: ୫୦ ଲକ୍ଷ, ୟୁପି ୱାରିଅର୍ଜ, ୮୫ ଲକ୍ଷ
ଭାରତୀ ଫୁଲ୍‌ମାଲି: ୩୦ ଲକ୍ଷ, ଗୁଜରାଟ ଜାଏଣ୍ଟ୍ସ, ୭୦ ଲକ୍ଷ
ଜର୍ଜିଆ ଭୋଲ୍: ୪୦ ଲକ୍ଷ, ଆରସିବି, ୬୦ ଲକ୍ଷ
କିରଣ ନାବଗିରେ: ୪୦ ଲକ୍ଷ, ୟୁପି ୱାରିଅର୍ଜ, ୬୦ ଲକ୍ଷ
ନାଡିନ ଡି'କ୍ଲର୍କ: ୩୦ଲକ୍ଷ, ଆରସିବି, ୬୫ ଲକ୍ଷ
ସ୍ନେହ ରାଣା: ୩୦ ଲକ୍ଷ, ଦିଲ୍ଲୀ କ୍ୟାପିଟାଲ୍ସ, ୫୦ ଲକ୍ଷ
ରାଧା ଯାଦବ: ୩୦ ଲକ୍ଷ, ଆରସିବି, ୬୫ ଲକ୍ଷ
ହର୍ଲିନ ଦେଓଲ: ୫୦ ଲକ୍ଷ, ୟୁପି ୱାରିଅର୍ଜ, ୫୦ ଲକ୍ଷ
ଲିଜେଲି ଲି': ୩୦ ଲକ୍ଷ, ଦିଲ୍ଲୀ କ୍ୟାପିଟାଲ୍ସ, ୩୦ ଲକ୍ଷ
ଲରେନ ବେଲ୍: ୩୦ ଲକ୍ଷ, ଆରସିବି, ୯୦ ଲକ୍ଷ
କ୍ରାନ୍ତି ଗୌଡ଼: ୫୦ ଲକ୍ଷ, ୟୁପି ୱାରିଅର୍ଜ, ୫୦ ଲକ୍ଷ
ସବ୍‌ନିମ୍ ଇସ୍‌ମାଇଲ: ୪୦ ଲକ୍ଷ, ମୁମ୍ବାଇ ଇଣ୍ଡିଆନ୍ସ, ୬୦ ଲକ୍ଷ
ତିତାସ ସାଧୁ: ୩୦ ଲକ୍ଷ, ଗୁଜରାଟ ଜାଏଣ୍ଟ୍ସ, ୩୦ ଲକ୍ଷ
ଲିନ୍‌ସେ ସ୍ମିଥ୍: ୩୦ ଲକ୍ଷ, ଆରସିବି, ୩୦ ଲକ୍ଷ
ଦିୟା ଯାଦବ: ୧୦ ଲକ୍ଷ, ଦିଲ୍ଲୀ କ୍ୟାପିଟାଲ୍ସ, ୧୦ ଲକ୍ଷ
ପ୍ରେମା ରାୱତ: ୧୦ ଲକ୍ଷ, ଆରସିବି, ୨୦ ଲକ୍ଷ

# ପ୍ରଥମ ଦିବସରେ ଓଡ଼ିଶାକୁ ୫ ପଦକ

**ଉତ୍ତର-ପୂର୍ବ ଭାରୋତ୍ତୋଳନ**






ପଦକ ସହ ବନିତା ନାଏକ ଓ ମୀନା ସିଂ।

ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)
କୋଲକାତାର ଖୁଦିରାମ ଅନୁଶୀଳନ କେନ୍ଦ୍ରରେ ଗୁରୁବାର ଉତ୍ତର ପୂର୍ବ ଜୋନାଲ ଭାରୋତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୮ କେଜି ଯୁବ ବର୍ଗରେ ବନିତା ନାଏକ ସ୍ୱର୍ଣ୍ଣ, ଜୁନିୟରରେ ରୌପ୍ୟ ଏବଂ ସିନିୟରରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୮୦ ଏହିପରି ମୋଟ ୧୪୦ କେଜି ଉତ୍ତୋଳନ କରିଥିଲେ। ସେହିପରି ୫୩ କେଜି ବର୍ଗରେ ମୀନା ସିଂ ଜୁନିୟର ଓ ସିନିୟରରେ ୨ଟି ବ୍ରୋଞ୍ଜ ଜିତିଛନ୍ତି। ସେ ସ୍ନାଚ୍‌ରେ ୬୨, କ୍ଲିନ୍ ଆଣ୍ଡ ଜର୍କରେ ୭୯ କେଜି ଉତ୍ତୋଳନ କରିଥିଲେ। ପ୍ରତିଯୋଗିତାରେ ବିହାର, ଆସାମ, ମେଘାଳୟ, ଝାଡ଼ଖଣ୍ଡ, ତ୍ରିପୁରା, ମିଜୋରାମ, ମଣିପୁର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଭୟ ବନିତା ଓ ମିନା ଭୁବନେଶ୍ୱରସ୍ଥିତ ଭାରୋତ୍ତୋଳନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ଦୁଇ ଭାରୋତ୍ତୋଳିକାଙ୍କୁ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ପୁରୀରେ ଜୁନିୟର ଖୋ ଖୋ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)
ଓଡ଼ିଶା ଖୋ ଖୋ ଆସୋସିଏଶନ ଆନୁକୂଲ୍ୟରେ ଜୁନିୟର ରାଜ୍ୟ ଖୋ ଖୋ (ବାଳିକା ଓ ବାଳକ) ଚାମ୍ପିୟନଶିପ୍‌ର ୧୩ଶ ସଂସ୍କରଣ ଗୁରୁବାର ପୁରୀରେ ଆରମ୍ଭ ହୋଇଛି। ଏଥିରେ ୧୨ ବାଳିକା ଓ ୨୩ ବାଳକ ଦଳ ଅଂଶଗ୍ରହଣ କରିଛନ୍ତି। ଲିଗ୍ ଫର୍ମାଟରେ ହେବାକୁଥିବା ଏହି ପ୍ରତିଯୋଗିତା ଡିସେମ୍ବର ୧ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ସୁପରିଚାଳନା ପାଇଁ ୪୦ ଅଫିସିଆଲ, ୪୫ କୋଚ୍ ଏବଂ ୪୫ ଟେକ୍ନିକାଲ ଅଫିସିଆଲ ଏଥିରେ ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ସଦୃଶ ହୋଇଛି। ନୂଆ ପ୍ରତିଭାଙ୍କ ଅନୁସନ୍ଧାନ ମଧ୍ୟ ହୋଇପାରିବ। ଅଂଶଗ୍ରହଣକାରୀଙ୍କ ସଂଖ୍ୟା ବଢ଼ିବା ଦ୍ୱାରା ରାଜ୍ୟର ବିଭିନ୍ନ ଜିଲାରେ ଖୋ ଖୋ'ର ଲୋକପ୍ରିୟତା ବଢ଼ୁଥିବା ପ୍ରମାଣ ମିଳୁଛି ବୋଲି ରାଜ୍ୟ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରକାଶ କରିଛନ୍ତି। ପୂର୍ବରୁ ପୁରୀରେ ୨୦୨୫ ମାର୍ଚ୍ଚ ୩୧ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ୫୭ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜନ ହୋଇଛି। ଏଥିରେ ମହିଳା ଓ ପୁରୁଷରେ ୪୦ ଜଣ ଲେଖାଏ ରେକର୍ଡ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ ଯେ, ତେଲଙ୍ଗାନାରେ ୪୪ତମ ଆନ୍ତଃରାଜ୍ୟ ଖୋ ଖୋ ଚାମ୍ପିୟନଶିପ୍ ଚଳିତ ମାସ ୨୮ରୁ ୩୦ ମଧ୍ୟରେ ଅନୁଷ୍ଠିତ ହେବ।

# ଡିଫ୍ ଅଲିମ୍ପିକ୍ ମେଡାଲିଷ୍ଟ ଲୋମାଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)
ଜାପାନରେ ଅନୁଷ୍ଠିତ ଡିଫ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟିନୀ ଲୋମା ସ୍ୱାଇଁଙ୍କୁ ଗୁରୁବାର ଭୁବନେଶ୍ୱର ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଲୋମା ଡିଫ୍ ଅଲିମ୍ପିକ୍ସର କରାଟେର ୫୦ କେଜି ଫାଇଟ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଅଧିକାରୀ ବିଜୟ କୁମାର ରାଉତ, ଓଡ଼ିଶା ସ୍ପୋର୍ଟ୍ସ କାଉନ୍ସିଲ ଫର ଡିଫ୍‌ର ସଭାପତି ଅମିତ ମିଶ୍ର, ଉତ୍କଳ କରାଟେ ସ୍କୁଲର କରାଟେକା ତଥା ଜୁ-ଜିତ୍‌ସୁ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ସନ୍ତୋଷ ମହାରଣା, ସ୍ୱରାଜ ଜାନି, ଓମ୍ ଶୁଭମ୍ ମହାନ୍ତି, କୃଷ୍ଣଚନ୍ଦ୍ର ନାୟକ, ରଜନୀ ବିଶି, ସୁସ୍ମିନ ପାଲଟାସିଂ, ନ୍ୟାଶା କୁମାରୀ ପ୍ରମୁଖ ଉପସ୍ଥିତ ରହି ଲୋମାଙ୍କୁ ସ୍ୱାଗତ କରିଥିଲେ। ଲୋମାଙ୍କ ମା' ଜ୍ୟୋତିର୍ମୟୀ ସ୍ୱାଇଁ ଓ ବାପା ସଞ୍ଜୟ କୁମାର ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।

# ଏକାମ୍ରର ଶୁଭଶ୍ରୀ, କୃଷ୍ଣପ୍ରିୟାଙ୍କ ସାଫଲ୍ୟ

**ଆନ୍ତଃ କଲେଜ ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)
ଉତ୍କଳ ବିଶ୍ୱବିଦ୍ୟାଳୟର ୭୪ତମ ଆନ୍ତଃକଲେଜ ଆଥ୍‌ଲେଟିକ୍ସ ମିଟ୍ ଅଡଶପୁରସ୍ଥିତ ଉଦୟନାଥ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଏକାମ୍ର କଲେଜର ଶୁଭଶ୍ରୀ ପରିଡ଼ା ଓ କୃଷ୍ଣପ୍ରିୟା ବରିସଲ୍ୟ ଏକାଧିକ ପଦକ ହାସଲର କୃତିତ୍ୱ ଅର୍ଜନ କରିଛନ୍ତି। ଶୁଭଶ୍ରୀ ୧୦୦ ଓ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କୃଷ୍ଣପ୍ରିୟା ୧୦୦ ଓ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଶିଷ୍ଟ କ୍ରିକେଟ କୋଚ୍ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ଶୁଭଶ୍ରୀ ଓ କୃଷ୍ଣପ୍ରିୟା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।



କୃଷ୍ଣପ୍ରିୟା ବରିସଲ୍ୟ, ମନୋଜ ମହାପାତ୍ର ଓ ଶୁଭଶ୍ରୀ ପରିଡ଼ା।

# ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

**ଆଜଲାନ ଶାହ କପ୍ ହକି**

ଇପୋ, ୨୭।୧୧ (ପି.ଟି.)
ଚଳିତ ସୁଲ୍‌ତାନ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟର ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୩-୨ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ସେଲଭମ କାର୍ଥି ଅନ୍ତିମ କ୍ୱାର୍ଟରରେ ବିଜୟସୂଚକ ଗୋଲ୍ ସ୍କୋର କରିଥିଲେ। ବୁଧବାର ମାଲେସିଆ ବିପକ୍ଷରେ ୪-୩ ଗୋଲ୍‌ରେ ରୋମାଞ୍ଚକ ବିଜୟ ଲାଭ କରିଥିବା ଭାରତ ତରଫରୁ ଅମିତ ରୋହିଦାସ (୪ର୍ଥ ମିନିଟ), ସଞ୍ଜୟ (୩୨ତମ) ଓ ସେଲ୍‌ଭାମ (୫୪ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ନ୍ୟୁଜିଲାଣ୍ଡ ତରଫରୁ ଜର୍ଜ ବେକର (୪୨ତମ ଓ ୪୮ତମ) ଦୁଇଟି ଗୋଲ ଦେଇଥିଲେ। ମ୍ୟାଚ୍ ଆରମ୍ଭରେ ନ୍ୟୁଜିଲାଣ୍ଡ ମିଡ୍‌ଫିଲ୍ଡରେ ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଥିଲା। ମାତ୍ର ଭାରତର ଡିଫେନ୍ସ ଦୃଢ଼ ରହିବାରୁ ସେମାନେ କୌଣସି କ୍ଷତି ଘଟାଇ ପାରି ନ ଥିଲେ। ଚତୁର୍ଥ ମିନିଟ୍‌ରେ ଏକ ପେନାଲଟି କର୍ନର ମିଳିଥିଲା। ଷ୍ଟଲୱାର୍ଟ ଅମିତ ରୋହିଦାସ ଚତୁର୍ଥ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନରକୁ ଏକ ଚମତ୍କାର ଡ୍ରାଗ୍ ଫ୍ଲିକ ଜରିଆରେ ଗୋଲ୍‌ରେ ପରିଣତ କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ।

# ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ;ମୟୂରଭଞ୍ଜ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ମୟୂରଭଞ୍ଜ ଦଳ।

ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ସୋଆ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଷ୍ଟାଡିୟମରେ ୩ ଦିନିଆ ୭ମ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ବାଲେଶ୍ୱର ରାଣୀପାଟଣାର ସ୍କୁଲ ଫର ଦି ବ୍ଲାଇଣ୍ଡକୁ ହରାଇ ମୟୂରଭଞ୍ଜ ଦଳ ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ବାଲେଶ୍ୱର ଦଳ ୧୦ ଉଇକେଟରେ ଶୈଳବାଳା ମହାବିଦ୍ୟାଳୟ ଏବଂ ଦ୍ୱିତୀୟ ସେମିରେ ମୟୂରଭଞ୍ଜ ଦଳ ରମାଦେବୀ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପହଞ୍ଚିଥିଲା।

**Classified Everyday**
0674-2580101, 9692975378



REAL ESTATE
SALE

LIG House (136, 137, 138, 139) for sale at Sector- 3, Niladri Vihar, Near Pani Tanki, Bhubaneswar. Contact- 9437229575. D-2649

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. D- 2685

**Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452.** D-218




All types of physiotherapy Contact number 9556924059/ 7656969134, Jharapada. D-2686

The massage felt totally professional, & comfortable at all times- 7978109255. D-216

AFFIDAVIT

I, Hitherto Known As Dinabandu Matam S/O Mohan Majhi, R/O At 25, Godiput, Bilaput, Koraput, Odisha-764041, Have Changed My Name And Shall Hereafter Be Known As Dinabandhu Majhi For All Future Purposes. D-2693




ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପ୍ରଶାନ୍ତ କୁମାର ମିଶ୍ର
ପ୍ରତିଷ୍ଠାତା - ସହକାରୀ ଆବାସ ପ୍ରଦ୍ୟୋଗ
ମାଁସଡ଼ା, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ-୧୫।୦୬।୧୯୬୨
ତିରୋଧାନ- ୦୮।୧୨।୨୦୨୪
ହେ ପୁଣ୍ୟାତ୍ମା ଆପଣଙ୍କ ଅବର୍ତ୍ତମାନକୁ ଏକ ବର୍ଷ ବିତିଗଲାଣି। ହେଲେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଭୁଲିହେଉନି ଆପଣଙ୍କ କର୍ମମୟ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ତ୍ୟାଗ। ଆପଣଙ୍କ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ:- ହତଭାଗିନୀ ସ୍ତ୍ରୀ-ସ୍ନେହଲତା, ଭାଉଜ-ଶାନ୍ତିଲତା, ଭାଇ-ସୁଶାନ୍ତ,ଭାଇବୋହୂ- ସୁନନ୍ଦା ପୁତ୍ର-ପ୍ରତୀକ,ଝିଅ-ପଲ୍ଲବୀ,ଜ୍ୱାଇଁ, ଦକ୍ଷପ୍ରସାଦ, ଗୋପୀନାଥ,ପୁତୁରା-ଗିରିଜା,ବିରଜା,ସ୍ୱସ୍ତିକ, ଝିଆରୀ-ଅନନ୍ୟା,ସ୍ୱୟଂସିଦ୍ଧା,ସୋନାଲୀ,ପରିବାରବର୍ଗ ଓ ସହକାରୀ ଆବାସ ପ୍ରଦ୍ୟୋଗର ସମସ୍ତ କର୍ମଚାରୀବୃନ୍ଦ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଡା. ଯୁଗଳ କିଶୋର ପରିଜା
ଜଗନ୍ନାଥପୁର, ଖୋର୍ଦ୍ଧା
ଆବିର୍ଭାବ: ୨୦।୧୦।୧୯୫୪
ତିରୋଧାନ: ୦୮।୧୨।୨୦୨୪
ଆପଣଙ୍କର ଅବର୍ତ୍ତମାନରେ ପ୍ରତିଟି କ୍ଷଣ ଆମପାଇଁ ଦୁର୍ବିସହ। ନିରନ୍ତର ସେବା ମନୋବୃତ୍ତି, ଅମାୟିକ ବ୍ୟବହାର, ପରୋପକାରିତା ଓ ସ୍ନେହଶ୍ରଦ୍ଧା ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ। ଆଜିର ଏ ପୁଣ୍ୟତିଥିରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର- ଜ୍ୟୋତିରଞ୍ଜନ, ଦୀପ୍ତିରଞ୍ଜନ, ସୌମ୍ୟରଞ୍ଜନ, ନାତି- ସାଇଜ୍ୟୋତି, ଦିବ୍ୟଜ୍ୟୋତି, ପରିଜା ପରିବାର ଓ ବନ୍ଧୁବର୍ଗ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କାନନ ବିହାରୀ ଶତପଥୀ
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆବିର୍ଭାବ- ୨୬।୧୦।୧୯୩୮
ତିରୋଧାନ- ୧୭।୧୧।୨୦୨୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ- ସମ୍ବିତ, ସଂଜିତ, ପୁତ୍ରବଧୂ- ଚନ୍ଦ୍ରମା, ଅପରୂପା, ଝିଅ - ରିନା, ଲିନା, ଜ୍ୱାଇଁ - ନିର୍ମଳ, ବିକାଶ, ନାତିନାତୁଣୀ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।

ଏକାଦଶାହ ଉପଲକ୍ଷେ



୰ଦେବବ୍ରତ ପଟ୍ଟନାୟକ
ପ୍ରତିଷ୍ଠାତା ସଭ୍ୟ ତଥା ପ୍ରାକ୍ତନ ସଭାପତି,
ବସ୍ ମାଲିକ ସଂଘ, ଭୁବନେଶ୍ୱର
ଆବିର୍ଭାବ: ୧୩।୦୩।୧୯୫୦
ତିରୋଧାନ: ୧୮।୧୧।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ:
ବସ୍ ମାଲିକ ସଂଘ, ଭୁବନେଶ୍ୱର।

ଦ୍ୱାଦଶାହ କ୍ରିୟା



ତା.୨୮।୧୧।୨୫ ରିଖ
ସ୍ୱର୍ଗତା ସ୍ୱପ୍ନା ମିଶ୍ର
ସାମନ୍ତରାପୁର, ଭୁବନେଶ୍ୱର
ଆବିର୍ଭାବ-୦୨।୦୭।୧୯୫୮
ତିରୋଧାନ- ୧୭।୧୧।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ- ମନୋଜ, ଝିଅ -ପୁପୁନି ଓ ରୂପା, ଜ୍ୱାଇଁ -କୃତ୍ତିବାସ, ନାତୁଣୀ -ପୁଟୁ, ଭଉଣୀ -ଜ୍ୟୋସ୍ନା, କଳ୍ପନା, ସାନ୍ତ୍ୱନା ଓ ଅଞ୍ଜନା, ଭାଇ-ବାବୁଲି, ଭାଉଜ- ମୀନାକ୍ଷୀ, ପୁତୁରା-ମାଧବ ଓ ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।

# ପରିବାର ଲୋକଙ୍କ କାନ୍ଧରେ ବୁହା ହେଉଛନ୍ତି ରୋଗୀ

- ପିଏମ୍‌ପି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଅବ୍ୟବସ୍ଥା
- ରଖାଯାଉନି ଆବଶ୍ୟକ ଷ୍ଟ୍ରେଚର, ହ୍ୱିଲ ଚେୟାର
- ରୋଗୀ ମହଲରେ ବଢ଼ୁଛି ଅସନ୍ତୋଷ





ରୋଗୀମାନଙ୍କୁ ପରିବାର ଲୋକେ ଟେକି ଟେକି ନେଉଛନ୍ତି।

ଅନୁଗୋଳ,୨୭।୧୧(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲାରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଲୋକାର୍ପଣ ହେବା ପରେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିବ ବୋଲି ଲୋକେ ଆଶା ରଖିଥିଲେ। ସରକାର ସମସ୍ତ ବ୍ୟବସ୍ଥା ଏଠାରେ ଖଞ୍ଜି ଦେଇଥିଲେ ମଧ୍ୟ କେତେଜଣ କର୍ମଚାରୀଙ୍କ ଅବହେଳା କାରଣରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ବିଶେଷକରି ଡାକ୍ତରଖାନାର ୪ ମହଲା ବିଶିଷ୍ଟ ଏହି କୋଠା ଭିତରକୁ ରୋଗୀଙ୍କୁ ନେବାକୁ ଆବଶ୍ୟକ ଷ୍ଟ୍ରେଚର କି ହ୍ୱିଲ୍ ଚେୟାର ରଖାଯାଉ ନାହିଁ। ଏପରି କି ଏ ଦିଗରେ ନିୟୋଜିତ କର୍ମଚାରୀମାନେ ଆବଶ୍ୟକ ଧ୍ୟାନ ଦେଉନାହାନ୍ତି। ଫଳରେ ଅନେକ ସମୟରେ ରୋଗୀମାନଙ୍କୁ ପରିବାର ଲୋକେ ଟେକି ଟେକି ନେଉଥିବା ଦେଖିବାକୁ ମିଳୁଛି।


ସୂଚନା ମୁତାବକ, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଲାଗି ରହିଥିବା ଟ୍ରମା କେୟାର କୋଠାରେ ଆରମ୍ଭ ହୋଇଛି ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ। ପ୍ରତିଦିନ ତାଳଚେରରେ ଥିବା ମେଡିକାଲ କଲେଜରୁ ଡାକ୍ତରୀ ଛାତ୍ରୀଛାତ୍ରମାନେ ଏଠାକୁ ପ୍ରାକ୍ଟିକାଲ ପାଇଁ ଆସୁଛନ୍ତି। ଏଥିସହ ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେବାକୁ ରୋଗୀମାନେ ଆଗ୍ରହ ପ୍ରକାଶ କରି ମେଡିକାଲ କଲେଜକୁ ଆସୁଛନ୍ତି। କିନ୍ତୁ ଏଠାରେ ପହଞ୍ଚିବା ପରେ ରୋଗୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଗୁରୁବାର ମଧ୍ୟାହ୍ନରେ ବନ୍ତଲା ଅଞ୍ଚଳର ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇ ମେଡିକାଲ କଲେଜକୁ ଆସିଥିଲେ। ତାଙ୍କ ଗୋଡ଼ ଏବଂ ଆଣ୍ଠୁରେ ଗଭୀର ଆଘାତ ଲାଗିଥିବା ବେଳେ ରକ୍ତସ୍ରାବ ହେଉଥିଲା। ସେ ଚାଲିବା ସ୍ଥିତିରେ ନ ଥିବାରୁ ପରିବାର ଲୋକଙ୍କ କାନ୍ଧରେ ହାତ ଦେଇ ସେ ଛୋଟେଇ ଛୋଟେଇ ମେଡିକାଲ ଭିତରକୁ ଯାଇଥିଲେ। ସେହିପରି ଦୁର୍ଘଟଣାରେ ୧୫ ବର୍ଷର ଜଣେ ନାବାଳକଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଉପର ମହଲାରେ ଥିବା ଅସ୍ଥିଶଲ୍ୟ ବିଭାଗକୁ ଚିକିତ୍ସା ପାଇଁ ଆସିଥିଲେ। ହ୍ୱିଲ ଚେୟାର ନ ଥିବାରୁ ନାବାଳକଙ୍କ ପରିବାର ଲୋକ ତାଙ୍କୁ ବୋହି ନେଉଥିବା ଦେଖାଯାଇଥିଲା। ପ୍ରତିଦିନ ଏପରି ଅନେକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଠିକ୍ ସମୟରେ ସେମାନଙ୍କ ପାଇଁ ହ୍ୱିଲ ଚେୟାର କିମ୍ବା ଷ୍ଟ୍ରେଚର ମହଜୁଦ ରହୁନାହିଁ। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ହେଲ୍ପ ଡେସ୍କରେ ଅଭିଯୋଗ କଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟିଦେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ତରଙ୍ଗିଣୀ ଦାସ କହିଛନ୍ତି, ଯଥେଷ୍ଟ ପରିମାଣର ହ୍ୱିଲ ଚେୟାର ଏବଂ ଷ୍ଟ୍ରେଚର ମହଜୁଦ ରହିଛି। କିନ୍ତୁ ଏହାକୁ ଠିକ୍ ଭାବେ ବ୍ୟବହାର କରିବା ପାଇଁ ମାନବ ଶକ୍ତି ଉପଲବ୍ଧ ନାହିଁ। ଏ ନେଇ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଛି। ସୁପରଭାଇଜର ଠାରୁ ମଲ୍ଟିୱାର୍କ ଷ୍ଟାଫ ପଦବୀ ଫାଙ୍କା ପଡ଼ିଛି। ଏହା ପୂରଣ ହୋଇଗଲେ ସମସ୍ୟା ଦୂର ହେବ।

## ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ରେ ଓଡ଼ିଶା ପ୍ରଥମ

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧୧ (ସୁନିତ୍ ମିଶ୍ର)

ନୂଆଦିଲ୍ଲୀଠାରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୫ରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାରକରି ଗୋଲ୍ଡ ମେଡାଲ ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଅବସରରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଙ୍ଗଠନ(ଇଣ୍ଡିଆ ଟ୍ରେଡ୍ ପ୍ରମୋସନ ଅର୍ଗାନାଇଜେଶନ) ତରଫରୁ ଗୁରୁବାର ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଖୁସି ବ୍ୟକ୍ତ କରିବା ସହ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ମର୍ଯ୍ୟାଦା ବୃଦ୍ଧିକରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ସଫଳତା। ସୂଚନାଯୋଗ୍ୟ, ସମୁଦାୟ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗଦେଇଥିଲେ। ଓଡ଼ିଶା ସାମଗ୍ରିକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ଲାଭକରି ଏହି ସଫଳତା ହାସଲ କରିଛି। କ୍ରମାଗତ ୪ର୍ଥ ଥର ପାଇଁ ଓଡ଼ିଶା ଉକ୍ତ ପୁରସ୍କାର ପାଇବା ସହ ଏଥରକୁ ମିଶାଇ ୨ ଥର ଗୋଲ୍ଡ ମେଡାଲ ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ରାଜ୍ୟ ସରକାରଙ୍କର ୯ଟି ବିଭାଗର ୨୬ଟି ଷ୍ଟଲ ସ୍ଥାପିତ ହୋଇଥିଲା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ଏବଂ ଏକ୍ ଭାରତ ଶ୍ରେଷ୍ଠ ଭାରତର ଆଭିମୁଖ୍ୟକୁ ଏହି ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ଗତ ୨୨ ତାରିଖରେ ଓଡ଼ିଶା ରାଜ୍ୟ ଦିବସ ସମାରୋହ ପାଳନ ଅବସରରେ ଓଡ଼ିଶା ମଣ୍ଡପ ବୁଲି ଦେଖିବା ସହ ଓଡ଼ିଶାର କଳା, ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନର ଉଚ୍ଚ ପ୍ରଶଂସାକରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।




# ମୟୂରଭଞ୍ଜରେ ବଢ଼ୁଛି ଶୀତ

## ଶିମିଳିପାଳରେ ୩ ଡିଗ୍ରୀ



ଲୋକେ ନିଆଁ ଜାଳି ବସିଛନ୍ତି

ବାରିପଦା/ ଠାକୁରମୁଣ୍ଡା, ୨୭।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲାରେ ଶୀତର ଲହରି ବୃଦ୍ଧି ପାଉଛି। ଶିମିଳିପାଳ ଅଭୟାରଣ୍ୟରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ଶୀତର ପ୍ରକୋପରେ ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ(ତୁଷାରପାତ) ପଡ଼ିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଜିଲାରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସମଗ୍ର ଜିଲାରେ ଶୀତର ପ୍ରଭାବ ପାଇଁ ଲୋକେ ଶୀତବସ୍ତ୍ର ଘୋଡ଼ାଇ ରହୁଛନ୍ତି। ଜିଲାର ୨୬ ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଗୁରୁବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାରହାକାମୁଡା ରେଞ୍ଜରେ ୩ଡିଗ୍ରୀ, ଚହଲା ରେଞ୍ଜରେ ୫ଡିଗ୍ରୀ, ବରେହିପାଣିରେ ୭ଡିଗ୍ରୀ, ଗୁଡ୍‌ଗୁଡିଆରେ ୮ଡିଗ୍ରୀ, ରାମତୀର୍ଥ, କିଆଝରୀରେ ୧୨ଡିଗ୍ରୀ ଓ ସାତକୋଶିଆରେ ୧୩ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ୧୨ ଦିନ ପୂର୍ବରୁ ସର୍ବନିମ୍ନ ୩ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଚଳିତବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା। ଶିମିଳିପାଳ ପାଦଦେଶରେ ଥିବା ଠାକୁରମୁଣ୍ଡା, ଯଶିପୁର, ଶୁକ୍ରୁଳି ଶୀତର ଲହରୀ ଯୋଗୁ ଲୋକେ ରାସ୍ତାକଡ଼ରେ ନିଆଁ ଲଗାଇ ଝୁଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ରାତି ୮ଟା ବେଳକୁ ଦୋକାନ ବଜାର ବନ୍ଦ ହୋଇଯାଉଛି। ସେହିପରି ବାରିପଦା ସହରରେ ତାପମାତ୍ରା ଦିନକୁ ଦିନ ଖସିବାରେ ଲାଗିଛି। ରାତି ଓ ବଡ଼ିଭୋର ସମୟରେ କୁହୁଡ଼ି ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ କୌଣସି ସତର୍କତା ସୂଚନା ଜାରି କରାଯାଇ ନ ଥିବାବେଳେ ପ୍ରତିଦିନ ଶୀତ ବଢ଼ିବାରେ ଲାଗିଛି। ଜିଲାରେ ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୃଦ୍ଧାବୃଦ୍ଧ, ଶିଶୁ, ଗୃହପାଳିତ ପ୍ରାଣୀ ଓ ବନ୍ୟଜନ୍ତୁ କଷ୍ଟ ଭୋଗୁଛନ୍ତି। ସନ୍ଧ୍ୟା ହେଲେ ଗାଁଗଣ୍ଡାଗୁଡ଼ିକ ଶୂନ୍‌ଶାନ୍ ହୋଇଯାଉଛି। ଲୋକେ ନିଆଁ ଜାଳି ଶୀତକଷ୍ଟକୁ ଦୂର କରିବାରେ ଲାଗିଛନ୍ତି। ରାତି ୮ଟା ପରେ ସହର ଶୂନ୍‌ଶାନ୍ ହୋଇଯାଉଛି। ପ୍ରବଳ ଶୀତ ଜାରି ରହିଥିବାରୁ ଫୁଟପାଥିରେ ଶୋଇ ରହୁଥିବା ଲୋକଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## ଶାଢ଼ିରେ ନିଆଁ ଲାଗି ପାଚିକା ଗୁରୁତର

ଆନନ୍ଦପୁର,୨୭।୧୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ହାତିବନ୍ଧା ଗାଁର ପ୍ରାଥମିକ ବିଦ୍ୟାଳୟର ପାଚିକାଙ୍କ ଶାଢ଼ିରେ ନିଆଁ ଲାଗି ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଗ୍ରାମର ତଅପୋଇ ପ୍ରଧାନ। ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ପାଚିକା ଗୁରୁତର ଛାତ୍ରୀଛାତ୍ରଙ୍କ ପାଇଁ ରୋଷେଇ କରୁଥିଲେ। ଅନ୍ୟ ୨ ଜଣ ସହାୟିକା ଓ ପାଚିକା ସଉଦା ଆଣିବାକୁ ଗାଁ ଦୋକାନକୁ ଯାଇଥିଲେ। ସେ ସମୟରେ ଅସାବଧାନତା ବଶତଃ ଚୁଲିରୁ ନିଆଁ ତଅପୋଇଙ୍କ ଶାଢ଼ିରେ ଲାଗିଯାଇଥିଲା। ଛାତ୍ରୀଛାତ୍ର ଦେଖି ତାଙ୍କ ଉପରେ ପାଣି ଢାଳିଥିଲେ। ପରେ ସ୍ଥାନୀୟ ଲୋକେ ପହଞ୍ଚି ତଅପୋଇଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ଡେବ୍ରିଗଡ଼ ଅଭୟାରଣ୍ୟ ପାଇଁ ୭୧.୧୯ କୋଟିର ଡିପିଆର୍‌କୁ ମଞ୍ଜୁରୀ

ଭୁବନେଶ୍ୱର, ୨୭।୧୧ (ସୁନିତ୍ ମିଶ୍ର)



ଧର୍ମେନ୍ଦ୍ର ପ୍ରଧାନ

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏକ ଅନ୍ତର୍ଜାତୀୟ ଇକୋଟୁରିଜମ୍ ଡେଷ୍ଟିନେଶନ ଭାବେ ବିକଶିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରାୟ ୭୧.୧୯ କୋଟି ଟଙ୍କା ମୂଲ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍)କୁ ମଞ୍ଜୁରୀ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'X'ରେ ସୂଚନା ଦେଇଛନ୍ତି। ଏଭଳି ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଏହି ନିଷ୍ପତ୍ତି ଡେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ଦେବା ସହ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ। ଏହି ଇକୋଟୁରିଜମ୍ ପ୍ରକଳ୍ପ ସ୍ଥାନୀୟ ନିଯୁକ୍ତି ଏବଂ ପର୍ଯ୍ୟଟନକୁ ବଡ଼ ଗତି ଦେବ। ସୂଚନାନୁସାରେ, ଅଭୟାରଣ୍ୟର ପ୍ରାୟ ୧୦୦ କି.ମି. ପରିସୀମାରେ ବାଡ଼ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ପ୍ରାୟ ୧୪.୧୮ କୋଟି ଟଙ୍କା ପାଣ୍ଠି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରାଶିକୁ କାମ୍ପା କିମ୍ବା ଅନ୍ୟାନ୍ୟ ରାଜ୍ୟ ସରକାରୀ ପାଣ୍ଠି ମାଧ୍ୟମରେ ଯୋଗାଇବା ପାଇଁ ପରାମର୍ଶ ଦିଆଯାଇଛି । ଏହି ବାଡ଼ ନିର୍ମାଣ ଦ୍ୱାରା ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସଂଘର୍ଷ ହ୍ରାସ ହୋଇପାରିବ। ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ଡିପିଆର୍ ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକଳ୍ପ ଡେବ୍ରିଗଡ଼ରେ ଇକୋଟୁରିଜମ୍ ଭିତ୍ତିଭୂମିର ବିକାଶ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ସୁଦୃଢ଼ କରିବ।

## ପ୍ରଥମରୁ ଯତ୍ନ, ଚିକିତ୍ସା କଲେ ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରିହେବ: ମନ୍ତ୍ରୀ

### ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମର ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)

ଶିଶୁଙ୍କୁ ପ୍ରଥମରୁ ଉପଯୁକ୍ତ ଯତ୍ନ ଓ ଚିକିତ୍ସା କରାଗଲେ ସେମାନଙ୍କ ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରିହେବ। ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଅନେକ ଅନ୍ତର୍ନିହିତ ପ୍ରତିଭା ରହିଛି। ସରକାର ସେମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍‌ଆଇଏସ୍‌ଇଆର୍) ପକ୍ଷରୁ ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା (ସିଆର୍‌ଇ) କାର୍ଯ୍ୟକ୍ରମରେ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଆରମ୍ଭ ହୋଇଛି। ପ୍ରସଙ୍ଗ ରହିଛି 'ବହୁବିଧ ଦିବ୍ୟାଙ୍ଗମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ'। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗଣ୍ଡ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଭିନ୍ନକ୍ଷମ ପିଲାଙ୍କ ପାଇଁ ଜିଲା ଓ ବ୍ଲକସ୍ତରରେ ଡିଡିଆର୍‌ସି, ଆଇଆଇସି ଏବଂ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ପୁନର୍ବାସ କେନ୍ଦ୍ର ଖୋଲାଯାଇଛି। ସ୍ୱତନ୍ତ୍ର ଶିକ୍ଷକଙ୍କ ନିଯୁକ୍ତି ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସାଧାରଣ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଭିନ୍ନକ୍ଷମ ପିଲାମାନେ ଉପଯୁକ୍ତ ଶିକ୍ଷା ପାଇପାରିବେ। ସେହିପରି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା ଉପକରଣ ଯୋଗାଣ, ଜୀବିକା ନିର୍ବାହ ପାଇଁ ସହାୟତା, ସଚେତନତା କାର୍ଯ୍ୟକ୍ରମ ଆଦି ପଦକ୍ଷେପ ହାତକୁ ନିଆଯାଇ ସେମାନଙ୍କୁ ଆତ୍ମନିର୍ଭର କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି। ଏସବୁର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ନାଗରିକମାନେ ସମାଜ ନିମନ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ବିଭାଗୀୟ ନିର୍ଦ୍ଦେଶକ ପାରୁଲ ପଟାୱରୀ କହିଲେ, ବିଭିନ୍ନ ପ୍ରକାର ଶାରୀରିକ ଭିନ୍ନକ୍ଷମତା ଥିବା ପିଲାଙ୍କ ସହ ଅଟିଜିମ୍‌ରେ ପୀଡିତ ଶିଶୁମାନଙ୍କୁ ସ୍ପିଚ୍ ଥେରାପି, ଅକୁପେଶନାଲ ଥେରାପି ଦିଆଯାଇ ସେମାନଙ୍କ ସାମର୍ଥ୍ୟରେ ଉନ୍ନତି ଆଣିହେବ। ଉପଯୁକ୍ତ ଶାରୀରିକ ଓ ମାନସିକ ମାର୍ଗଦର୍ଶନ ସହ ସ୍ୱତନ୍ତ୍ର ଶିକ୍ଷା ସେମାନଙ୍କୁ ଭବିଷ୍ୟତରେ ଆତ୍ମନିର୍ଭର ହୋଇ ଜୀବନଯାପନ କରିବାରେ ସମର୍ଥ କରିପାରିବ। ଅଭିଭାବକଙ୍କୁ ଏ ବାବଦରେ ଶିକ୍ଷିତ କରାଯିବା ସହ ଗୋଷ୍ଠୀଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନି, ଡ. ସ୍ମୃତି ମହାପାତ୍ର ଓ ଜିତେନ୍ଦ୍ର ବିଶ୍ୱାଳ ବକ୍ତବ୍ୟ ରଖିଥିବାବେଳେ ଅତିରିକ୍ତ ଶାସନ ସଚିବ ଭାସ୍କର ରଇତ, ଉପଶାସନ ସଚିବ ଦୀପକ ରାଉତରାୟ ଓ ସୋନିଆ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR**
No.C-1569
Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No.SEPHSBP-07/2025-26 Dt.20.11.2025

| | |
|---|---|
| 01. Name of the Work | : 1 No. Work |
| 02. Type of Bid | : Single Bid System |
| 03. Estimated Cost | : Rs.18.97 Lakhs |
| 04. Period of Completion | : 3 (Three) Calendar Months |
| 05. Date & Time of availability of bid document in the portal | : From 11.00 AM of dt.27.11.2025 to 5.00 PM of 08.12.2025 |
| 06. Last date/time of receipt of bids in the portal | : 5.00 PM of 08.12.2025 |
| 07. Date & Time of opening of Bids | : At 11.30 AM of 09.12.2025 |
| 08. Name and Address of the Officer Inviting Bid | : Additional Chief Engineer P.H. Division, Sambalpur, Brooks' Hill, Near Stadium, At/Po- Motijharan Dist-Sambalpur- 768001 |

Further details can be seen from the website http://tenders.ori.nic.in or www.tendersorissa.gov.in
OIPR-
Sd./- Additional Chief Engineer
P.H. Division, Sambalpur

**Zilla Swasthya Samiti, Kendrapara**
**(Department of Health & FW, Govt. of Odisha)**
Notice No.5881/DPMUKDP Date : 25.11.2025
**NOTICE**
**No.E-544** : In continuation to this office Advt. No.1823/ DPMUKDP Dated 18.06.2025, the **Walk-In-Interview for In-house Recruitment of Co-located AYUSH MO (Homeopathic) under NHM, Kendrapara** which was conducted on 10.07.2025 at 10.30 A.M. at the O/o. CDM & PHO, Kendrapara has been cancelled due to unavoidable circumstances only for the said post of **Co-located AYUSH MO (Homeopathic)**.
OIPR-
Sd./- CDM & PHO-cum-District Mission Director, Kendrapara

**GOVERNMENT OF ORISSA** No.A-994
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, MAYURBHANJ**
e-Mail ID : mi.mayurbhanj@yahoo.co.in
"e" Procurement Notice
No.4336 Dated. 26.11.2025
2ND CORRIGENDUM TO TENDER CALL NOTICE
BID IDENTIFICATION NO.-S.E.M.I.D.Mbj. No.-20/MID,MBJ//2025-26
**No.A-994** : The tender call notice vide Identification No.- **S.E.M.I.D.Mbj.No.-20/MID,MBJ//2025-26 Dated 18.11.2025** of Superintending Engineer, Minor Irrigation Division, Mayurbhanj has been modified as given in the table below due to delay in paper publication.

| As per Original Tender Call Notice vide Identification No.- S.E.M.I.D.Mbj.No.-20/ MID,MBJ//2025-26 Dated 18.11.2025 | Modification in 2nd Corrigendum to above tender call notice |
|---|---|
| Identification No.-S.E.M.I.D.Mbj.No.-20/ MID,MBJ//2025-26 Dated 18.11.2025 the date of sale start from 21.11.2025 to 30.11.2025 | May be read as the date of sale start from 21.11.2025 at 10.00 A.M. to 05.12.2025 upto 5.00 P.M., Date of receipt of Bids 05.12.2025 upto 5.00 P.M. Date of opening of Bid 06.12.2025 at 11.00 A.M. |

N.B-Other term and condition same as per DTCN.
OIPR-
Sd./- Superintending Engineer
M.I. Division, Mayurbhanj

**GOVERNMENT OF ODISHA** No. O-1542
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION, BERHAMPUR**
E-Mail: eerwelelect.bam@yahoo.com
e-Procurement Notice No. EERWELBAM-14/2025-26

| | | |
|---|---|---|
| 1 | Name of the Work | 1) Shifting of 11KV line from the work site "Const. of High Level Bridge over local Nallah of PWD Road to Majhiput" at Majhiput in the Dist. of Koraput. 2) Errection of intermediate pole under MV-79, 33KV near MPV-36 Village from the construction of OLD mm Road in the Dist. of Malkangiri. 3) Shifting of 11KV electric poles with cable for the work "Construction of SH-1 to Jhadepadar road in the Dist. of Kandhamal 4) Construction of RD Road from Ranipathar to Khudhar Road under CAPEX SH-1 in the Dist. of Kandhamal 5) Power Supply to New R.W. Division office Building at Meghamalatota (Jeypore) in the Dist. of Koraput 6) Shifting of Existing 11KV Line over the Bridge at 1st Km. on Mohangiri to Dolabahall Road in the Dist. of Kalahandi 7) Shifting of Electric Utilities for the work improvement to Dainaguda chhak (in Nabarangpur District) to Dahimal (Kalahandi District) under Inter District Inter Block Connectivity Scheme for the year 2021-22 in the Dist. of Nabarangpur |
| 2 | Estimated Cost | Rs.5.00 to 21.00 Lakhs (Excluding GST) |
| 3 | Period of Completion | 120 days |
| 4 | Bid Identification No | EERWELBAM - 14/2025-26 |
| 5 | Date and time of availability of Bid documents in the portal | From Dt.29.11.2025 at 11.00 A.M. to Dt.08.12.2025 upto 5.00 P.M. |
| 6 | Date & time of opening of tender | Dt.09.12.2025 at 01.00 P.M. |
| 7 | Procurement Officer/Name and address of the Officer Inviting Bids | Executive Engineer, R.W. El. Divn., BAM, At: Near I.T. Office, Ambapua, Dist.: Ganjam, Berhampur, Odisha - 760011 |

Further detail can be seen from the Govt. website **www.tenderorissa.gov.in**.
OIPR:
Executive Engineer
Rural Works Elect. Divn., BAM

**GOVERNMENT OF ODISHA** ee_rwbdk2@yahoo.co.in
**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**
"e" Procurement Notice for Building Works
Identification Online Tender-20/RWD/BDK-II/2025-26, Dtd.21.11.2025
**No.O-1586:**1. Name of the Work : Building Works as per Annexure, 2. Total Number of Works: 3 Nos., 3. Approximate Estimated Cost: Rs.65.77 to Rs.77.31 Lakhs. 4. Class of Contractor: As per Annexure. 5. Period of Completion:As per Annexure, 6. Other details: The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Bhadrak | 20 | 27.11.2025 At 11.30 AM | 04.12.2025 upto 5.00 P.M. | 04.12.2025 upto 3.00 PM | 05.12.2025 at 11.00 AM | Will be intimated later |

7. Further details can be seen from the e-Procurement portal "https://www.tendersorissa.gov.in"
8. Any other changes/ Corrigendum may be seen only in website www.tendersorissa.gov.in
OIPR-
Sd./- Executive Engineer, R.W.Division-II, Bhadrak

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, RAYAGADA**
e-mail ID: rw_rayagada@yahoo.co.in
GEPNIC e-Procurement Notice
Bid Identification No: EERWRGD- Online-11/2025-26
Letter No.3717, Date: 18.11.2025
**No.O-1532:**1. Name of the Work : Construction of Building Works, 2. Total No. of Works: 01 No. (Percentage rate tender), 3. Estimated Cost: Varies from 41.96, 4. Class of Contractor: "B" Class, 5. Time of Completion : Specified in DTCN. 6. Mode of submission of tender: Tender should be submitted only in online https://www.tendersodisha.gov.in. 7. Other details: Detailed tender condition specified in DTCN.

| Procurement Officer | Bid Identification No. | No. of Works | Availability of Tender online for Bidding | | Last date & time of seeking tender clarification | Date & Time of Opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online-11/2025-26 | 01 (One) Nos. | 27.11.2025 at 11.00 AM | 09.12.2025 upto 5.00 P.M. | 08.12.2025 upto 5.00 P.M. | 10.12.2025 at 11.00 A.M. |

Further details can be seen from the website: **www.tendersodisha.gov.in**
OIPR-
Sd./- Executive Engineer,
Rural Works Division, Rayagada

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 22469/ଭୁ.ଉ.କ, ଭୁବନେଶ୍ୱର ତା.୧୭.୧୧.୨୦୨୫ ରିଖ
CPL-II(GF&FF)-57/92
**ସୂଚନା**
**No.CAD-2447:**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ.-S-3-204, 205 (L.I.G.-GF&FF) କୁ ଦଇତାରୀ ଦାସ, ପିତା-ସ୍ୱର୍ଗତ ପଦ୍ମ ଚରଣ ଦାସ, ଗ୍ରାମ/ପୋଷ୍ଟ-ସିଦ୍ଧ ମହାବୀର ସାହି, ଜିଲ୍ଲା-ପୁରୀ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଦଇତାରୀ ଦାସ ତା.୦୯.୦୬.୨୦୦୬ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No.3391/2006 dated 13.06.2006)
Legal heir certificate No. E-LHC/2023/19907 dated 28.03.2023 ଅନୁଯାୟୀ ଦଇତାରୀ ଦାସଙ୍କର ଉତ୍ତରାଧିକାରୀ (୧) ଉର୍ମିଳା ଦାସ (ସ୍ତ୍ରୀ), (୨) ଦେବାଶିଷ ଦାସ (ପୁତ୍ର), (୩) ଦେବପ୍ରସାଦ ଦାସ (ପୁତ୍ର), (୩) ଦେବ ଦୁର୍ଲଭ ଦାସ (ପୁତ୍ର) ଓ (୪) ଦେବବ୍ରତ ଦାସ (ପୁତ୍ର) ଅଟନ୍ତି ।
ଉକ୍ତ ଉତ୍ତରାଧିକାରୀମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଏଣୁ ଉକ୍ତ ଗୃହର ମାଲିକାନାସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।
OIPR-
ସ୍ୱା./-ଆବଣ୍ଟନ ଅଧିକାରୀ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

See Career Appointment on every Wednesday & Saturday

**OFFICE OF THE DIVISIONAL FOREST OFFICER**
**MANGROVE FOREST DIVISION (WL), RAJNAGAR**
At/P.O.: Rajnagar, Dist.: Kendrapara - 754225, Phone: 06729-242460
Control Room: 06729-242463, E-mail ID: dfo.rajnagarwl@odisha.gov.in
BID IDENTIFICATION No. DFO MFD - Construction/01/1F (Accts.)/Tender/497/Dated: 25.11.2025
Dated, Rajnagar the 25th November, 2025
No. MM-306
**TENDER CALL NOTICE**

| | |
|---|---|
| Name of Work | Construction of Civil Works for Malkhana at Sansarphal of Rajnagar WL Range under Mangrove Forest Division (WL) Rajnagar during the FY - 2025-26 |
| Total No. of Works | 01 No. |
| Estimated Cost | Rs.15.00 Lakh including GST |
| Period of Completion | Three Calendar Months |
| Date of availability of bid documents in portal and office | Tender document will be available in the O/o. the Divisional Forest Officer, Mangrove Forest Division (WL) Rajnagar on payment of cost of Tender Document in shape of non-refundable Bank Draft in favour of Divisional Forest Officer, Mangrove Forest Division (WL) Rajnagar payable at Rajnagar from 11.00 A.M. of 27.11.2025 to 5.00 P.M. of 10.12.2025 or download from the **https://odishaforest.in** or **https://forest.odisha.gov.in** & **https://wildlife.odisha.gov.in** |
| Last date/time for receipt of bids | Upto 05.00 P.M. of 10.12.2025 |
| Receipt of bid documents | Through direct deposit by Hand/Registered Post/Speed Post to the Divisional Forest Officer, Mangrove Forest Division (WL) Rajnagar, Kendrapara, PIN - 754225 on or before 10.12.2025 by 5.00 P.M. |
| Class of Contractor | "C" & "D" Class Contractor |
| Receipt of EMD | Earnest Money Deposit (EMD) @ 1% of the value of the work shall be submitted along with Tender, EMD will be in the shape of Demand Draft in favour of Divisional Forest Officer, Mangrove Forest Division (WL) Rajnagar, Kendrapar. The EMD will be refunded to the unsuccessful bidder. The EMD for the successful bidder will be released only after completion and handover the work. |
| Date & time of opening of Bid documents | At 11.30 P.M. of 11.12.2025 |
| Name and address of Officer Inviting Bid | Divisional Forest Officer, Mangrove Forest Division (Wildlife) Rajnagar |

a. Further details can be seen from the portal **https://forest.odisha.gov.in** or **https://odishaforest.in**.
b. The addendum/corrigendum if any will be hosted in the website only.
c. The undersigned reserves the right to accept/reject any or all tender without assigning any reason thereof.
OIPR:
Sd./- Divisional Forest Officer
Mangrove Forest Division (Wildlife), Rajnagar

# ଓସିଏର ବାରବାଟୀ ପ୍ରସ୍ତୁତି



ନିର୍ମଳ କୁମାର ମିଶ୍ର




ଫଟୋ: ରାଜକିଶୋର ମହାନ୍ତି

**ଆସନ୍ତା ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଯାଉଛି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ମ୍ୟାଚ୍‌କୁ ଶୃଙ୍ଖଳିତ ଏବଂ ସଫଳତାର ସହ ସମ୍ପନ୍ନ ପାଇଁ ଓସିଏ ପକ୍ଷରୁ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଇଛି। ଗୋଟିଏ ବର୍ଷରେ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ହେଉଥିବାରୁ ଓଡ଼ିଶା କ୍ରିକେଟପ୍ରେମୀଙ୍କ ଉତ୍ସାହ ବଢ଼ିଛି...**

ବାରବାଟୀକୁ ଆସିଛି ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନର ସୁଯୋଗ। ଗୋଟିଏ ବର୍ଷରେ ମିଳିଛି ଦୁଇଟି ଅନ୍ତର୍ଜାତୀୟ ମ୍ୟାଚ। ୧୦ ମାସ ପରେ ଡିସେମ୍ବର ୯ରେ ହେବାକୁ ଯାଉଛି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜର ପ୍ରଥମ ମ୍ୟାଚ। ଗତ ଫେବୃଆରୀ ୯ରେ ଇଂଲଣ୍ଡ ବିପକ୍ଷରେ ଏକଦିବସୀୟ ମ୍ୟାଚ ଖେଳିଥିଲା ଭାରତୀୟ ଦଳ ବାରବାଟୀରେ। ଏକ ସୁନ୍ଦର ବ୍ୟାଟିଂ ଉଇକେଟରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନକରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଫ୍ଲଡ୍ ଲାଇଟ୍ ତ୍ରୁଟି ପାଇଁ ଅଧଘଣ୍ଟା ଖେଳ ବିଳମ୍ବ ହେବା ଯୋଗୁ ଓସିଏକୁ ସମାଲୋଚିତ ହେବାକୁ ପଡିଥିଲା। ବିଶ୍ୱରେ ନିନ୍ଦିତ ହେଲା ଓଡ଼ିଶା। ଯଦିଓ ଏପରି ତ୍ରୁଟି ମନୁଷ୍ୟକୃତ ନ ଥିଲା ତଥାପି ଓସିଏ ଯେପରି ଯତ୍ନବାନ୍ ହେବା କଥା ସେପରି ହୋଇପାରି ନ ଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ୍‌ର ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ କରିବାରେ ସଫଳତାର ହାର ଅଧିକ । ଏପର୍ଯ୍ୟନ୍ତ ମୋଟ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରାଇବାର ଅଭିଜ୍ଞତା ରହିଛି। ଏଥିମଧ୍ୟରେ ୨୨ଟି ଏକଦିବସୀୟ, ୨ଟି ଟେଷ୍ଟ ଏବଂ ୩ଟି ଟି୨୦ ମ୍ୟାଚ ରହିଛି। ତ୍ରୁଟି ଶୂନ୍ୟ ମ୍ୟାଚ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଓସିଏ। ଛୋଟ ବଡ ଭୁଲ୍ ସୁଧାରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛି। ଗ୍ୟାଲେରି ଓ ପଡ଼ିଆ କାର୍ଯ୍ୟ ଆରମ୍ଭ ହୋଇଛି। ଏପରିକି ଏକ ହାଇସ୍କୋରିଂ ମ୍ୟାଚ ଦର୍ଶକମାନେ କିପରି ଦେଖିବେ ସେଥିପାଇଁ ପିଚ୍ ପ୍ରସ୍ତୁତି କାର୍ଯ୍ୟ ପାଖାପାଖି ସରିବା ଉପରେ ରହିଛି। ଏଥିମଧ୍ୟରେ ବାରବାଟୀ ମ୍ୟାଚକୁ ନେଇ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ମୁଖ୍ୟମନ୍ତ୍ରୀ ଏବଂ ଓସିଏ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଏହି ମ୍ୟାଚର ସଫଳତାକୁ ନେଇ ଅନୁଷ୍ଠିତ ହୋଇଯାଇଛି।

**ପ୍ରତ୍ୟେକ ଦୃଷ୍ଟିକୋଣରୁ** ବ୍ୟାପକ ସତର୍କତା ଅବଲମ୍ବନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଗତ ମ୍ୟାଚ୍‌ର ତ୍ରୁଟି ସଜାଡିବା ସହ ଶାନ୍ତିଶୃଙ୍ଖଳା ବଜାଇ ରଖିବା ଓ ଦିଲ୍ଲୀ ବିସ୍ଫୋରଣ ପରେ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହିତ ଏପରି ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବା ଆମ ସମସ୍ତଙ୍କର ଆତ୍ମସମ୍ମାନର ପ୍ରଶ୍ନ ବୋଲି ସ୍ପଷ୍ଟ ସୂଚନା ଦେବା ସହ ବାରମ୍ବାର ସମୀକ୍ଷା ବୈଠକ ଅନୁଷ୍ଠିତ କରିବାକୁ ମଧ୍ୟ କହିଛନ୍ତି। କ୍ରିକେଟର ୩ଟି ଫର୍ମାଟ୍ ମଧ୍ୟରୁ ଟି୨୦ ମ୍ୟାଚ ଅଧିକ ଲୋକପ୍ରିୟ ଫର୍ମାଟ୍। ଭରପୂର ଦର୍ଶକଙ୍କ ମଧ୍ୟରେ ଏହି ମ୍ୟାଚ ଖେଳାଯିବ। ପୂର୍ବ ଅଭିଜ୍ଞତା ଅନୁସାରେ ବାରବାଟୀ ଷ୍ଟାଡିୟମରେ ଯେତେବେଳେ କୌଣସି ଏକଦିବସୀୟ କିମ୍ବା ଟି୨୦ ମ୍ୟାଚ ଖେଳାଯାଇଥାଏ ଷ୍ଟାଡିୟମ କ୍ଷମତାଠାରୁ ମଧ୍ୟ ଅଧିକ ଦର୍ଶକ ମ୍ୟାଚ୍ ଦେଖିଥାନ୍ତି। ପ୍ରାୟ ୨ବର୍ଷ ପରେ ଟି୨୦ ମ୍ୟାଚ ଆୟୋଜନ କରିବ ବାରବାଟୀ। ଦର୍ଶକମାନଙ୍କ ମଧ୍ୟରେ ଏବେଠାରୁ ପ୍ରବଳ ଉତ୍କଣ୍ଠା।

**ଓସିଏ ସମ୍ପାଦକ ସଞ୍ଜୟ** ବେହେରାଙ୍କ କହିବା ଅନୁସାରେ ପାଖାପାଖି ୬ଟି ଗ୍ୟାଲେରିର ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଟିକେଟ ସଂଖ୍ୟା କମିବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଏହା ପ୍ରକାଶ କରିବା ପରେ ଦର୍ଶକମାନେ କିପରି ଟିକେଟ ଖଣ୍ଡିଏ ହାତେଇବେ ସେଥିପାଇଁ ଚିନ୍ତାରେ ଅଛନ୍ତି। ଓଡ଼ିଶାରେ କୌଣସି ଅନ୍ତର୍ଜାତୀୟ ମ୍ୟାଚ ଉପଭୋଗ କରିବାର ସୁଯୋଗ ହାତଛଡ଼ା କରିବା ପାଇଁ ଚାହୁଁନାହାନ୍ତି କ୍ରିକେଟପ୍ରେମୀ। ଦକ୍ଷିଣ ଆଫ୍ରିକା ସହିତ ମ୍ୟାଚର ଅନେକ ଗୁରୁତ୍ୱ ରହିଛି। ଭାରତ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ଦଳ ରନର ଅପ୍ ହୋଇଥିଲା। ଆଗାମୀ ଫେବୃଆରୀରେ ଭାରତ ଓ ଶ୍ରୀଲଙ୍କା ଆୟୋଜକ ଭାବେ ଟି୨୦ ବିଶ୍ୱକପ୍‌ର ସଫଳ ଆୟୋଜନ କରିବାକୁ ଯାଉଛନ୍ତି। ବାରବାଟୀର ଏହି ମ୍ୟାଚ ଉପରେ ସମଗ୍ର କ୍ରିକେଟ ଜଗତର ନଜର ରହିବ।

**ଡିସେମ୍ବର ୧ରୁ** ଅନ୍‌ଲାଇନରେ ଟିକେଟ ବିକ୍ରିହେବ। ଗତ ଥର ପରି ଏଥର ମଧ୍ୟ ଅନ୍‌ଲାଇନ ଟିକେଟ ବିକ୍ରି ଶୀଘ୍ର ସରିଯିବା ସମ୍ଭାବନା ରହିଛି। ଡିସେମ୍ବର ୩ ଓ ୪ ରେ ଓସିଏର ଅନୁବନ୍ଧିତ ଜିଲା ଆସୋସିଏସନ, କ୍ଲବ ଓ ଖେଳାଳିମାନଙ୍କ ପାଇଁ ଟିକେଟ ପ୍ରଦାନ କରାଯିବ। ସେହିପରି ୫ ତାରିଖରେ ୪ଟି କାଉଣ୍ଟରରେ ସାଧାରଣ ଦର୍ଶକଙ୍କୁ ୨ଟି ଲେଖାଏ ଟିକେଟ ଦିଆଯିବ। ଗୋଟିଏ ଦିନ ପୂର୍ବରୁ ଲମ୍ବା ଲାଇନ ଟିକେଟ କିଣିବା ପାଇଁ ଲାଗିବ। ଗତ ଥର ପରି ଏଥର ଯେପରି କୌଣସି ବିଶୃଙ୍ଖଳା ନ ହୁଏ, ସେଥିପ୍ରତି ଓସିଏ ସତର୍କତା ଅବଲମ୍ବନ କରିବା ଉଚିତ। ଟିକେଟ କଳାବଜାର ଏକ ମୁଖ୍ୟ ସମସ୍ୟା। ଏହା ଉପରେ ନିୟନ୍ତ୍ରଣ ରହିବା ନିହାତି ଆବଶ୍ୟକ। ସାଧାରଣ ଦର୍ଶକଟିଏ ମ୍ୟାଚ ଦେଖି ନ ପାରିଲେ ଗତଥର ପରି ମଧ୍ୟ ଷ୍ଟାଡିୟମ ବାହାରେ ବଡ଼ ପରଦାରେ ମ୍ୟାଚ ଯେପରି ଦେଖିବାର ସୁଯୋଗ ପାଇପାରିବେ ଏଥିପ୍ରତି ଓସିଏ ଯତ୍ନବାନ୍ ନିଶ୍ଚିତ ହେବ। ଦେଶର ଅନ୍ୟାନ୍ୟ ଷ୍ଟାଡିୟମ ପରି ବାରବାଟୀ ଷ୍ଟାଡିୟମର ଦର୍ଶକ କ୍ଷମତା କମ୍ ରହିଥିବାରୁ ବହୁ ଦର୍ଶକ ମ୍ୟାଚ ଦେଖିବାରୁ ବଞ୍ଚିତ ହୋଇଥାନ୍ତି। ସେଥିପାଇଁ ଗ୍ୟାଲେରି କାର୍ଯ୍ୟ ଓ ସମ୍ପ୍ରସାରଣ ଏତେ ଶୀଘ୍ର ସରିବାର ସମ୍ଭାବନା ନ ଥିବାରୁ ପୁଣି ଟିକେଟ ପାଇଁ ମହାସଂଗ୍ରାମ ହେବାର ସମ୍ଭାବନା ରହିଛି। ସୀମିତ ସଂଖ୍ୟାରେ ପାସ୍ ବଣ୍ଟାଯିବା ଆବଶ୍ୟକ। ଟିକେଟର ମୂଲ୍ୟ ଉପରେ ସମସ୍ତଙ୍କର ନଜର ଏବେ ରହିଛି। ଗତ ଥରର ମ୍ୟାଚ ସମୟରେ ଫ୍ଲଡ୍ ଲାଇଟ୍ ଚାଲିଯିବାର ସମସ୍ୟା ଯେପରି ନ ହୁଏ, ସେଥିପାଇଁ ମଧ୍ୟ ବହୁ ପୂର୍ବରୁ ଜେନ୍‌ସେଟ୍‌ଗୁଡିକର ଉପଯୁକ୍ତ ପରୀକ୍ଷଣର ବ୍ୟବସ୍ଥା ସହ ଗୋଟିଏ ଗୋଟିଏ ଷ୍ଟାଣ୍ଡବାଇ ଜେନ୍‌ସେଟ୍ ରହିବା ସ୍ୱାଗତଯୋଗ୍ୟ ପଦକ୍ଷେପ।

**ତୃତୀୟ ଥର ପାଇଁ** ଦକ୍ଷିଣ ଆଫ୍ରିକା ବାରବାଟୀରେ ଟି୨୦ ଖେଳିବାକୁ ଯାଉଛି। ପୂର୍ବରୁ ୨୦୧୫ ଓ ୨୦୨୨ରେ ଖେଳିଥିବା ୨ଟି ମ୍ୟାଚକୁ ଦକ୍ଷିଣ ଆଫ୍ରିକା ଜିତିଥିଲା। ଶ୍ରୀଲଙ୍କା ସହ ଖେଳିଥିବା ଅନ୍ୟ ଏକ ଟି୨୦ ମ୍ୟାଚରେ ଭାରତ ଏକତରଫା ଭାବରେ ୯୯ରନ୍‌ରେ ବିଜୟୀ ହୋଇଥିଲା। ୨୦୧୫ରେ ଖେଳାଯାଇଥିବା ଟି୨୦ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ଏବଂ ୨୦୨୨ରେ ଅନୁଷ୍ଠିତ ମ୍ୟାଚରେ ୪ ଉଇକେଟରେ ବିଜୟୀ ହୋଇଥିଲା। ୨୦୧୭ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୩ ଉଇକେଟ ହରାଇ ୧୮୦ ରନ କରିଥିବା ବେଳେ ଶ୍ରୀଲଙ୍କା ମାତ୍ର ୮୭ ରନରେ ଆଲଆଉଟ ହୋଇଥିଲା। ସେହିପରି ୨୦୨୨ରେ ଦକ୍ଷିଣ ଆଫ୍ରିକାକୁ ଭାରତ ୧୪୮ରନ୍‌ର ଟାର୍ଗେଟ ଦେଇଥିବା ବେଳେ ଦକ୍ଷିଣ ଆଫ୍ରିକା ୪ଉଇକେଟରେ ବିଜୟୀ ହୋଇଥିଲା। ୨୦୧୫ରେ ଭାରତର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ମାତ୍ର ୯୨ରନରେ ଅଲ୍‌ଆଉଟ୍ ହୋଇଥିବା ଭାରତୀୟ ଦଳ ସମ୍ପୂର୍ଣ୍ଣ ୨୦ ଓଭର ଖେଳିପାରି ନ ଥିଲା। ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ଏହି ମ୍ୟାଚ ଜିତିଥିଲା। ବାରବାଟୀ ପାଇଁ ଏହା ମଧ୍ୟ ଏକ ତିକ୍ତ ଅନୁଭୂତ ଆଣିଥିଲା। ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଦର୍ଶକମାନେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଯୋଗୁ ଖେଳ ବାରମ୍ବାର ବନ୍ଦ ହୋଇଥିଲା। ବାରବାଟୀ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା। ବାରବାଟୀକୁ ଦୀର୍ଘଦିନ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ମିଳି ନ ଥିଲା। ସେସବୁ ଘଟଣାର ପରିସମାପ୍ତି ଘଟିଛି। ନୂଆ ରୂପରେ ବାରବାଟୀ ଇତି ମଧ୍ୟରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ ସଫଳତାର ସହ ଆୟୋଜନ କରିବାରେ ସକ୍ଷମ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ତା'ର ତ୍ରୁଟି ସଜାଡିବା ସହ ଅତ୍ୟାଧୁନିକ ଜ୍ଞାନ କୌଶଳ, ଶୃଙ୍ଖଳିତ ଭାବେ ମ୍ୟାଚ ପରିଚାଳନା, ନୂଆ ନିର୍ମାଣ, ସୁପର ସକର, ଡ୍ରେନେଜ ସିଷ୍ଟମ, ସମ୍ପୂର୍ଣ୍ଣ ପଡିଆକୁ ଆଚ୍ଛାଦିତ କଲା ଭଳି ଫିଲ୍‌ଡ କଭର, ଫାଷ୍ଟ ଆଉଟ ଫିଲ୍‌ଡ, ଫିଲ୍‌ଡରମାନଙ୍କ ସୁରକ୍ଷା ପାଇଁ ଗ୍ରାସ୍‌ରେ ପରିପୂର୍ଣ୍ଣ ଆଉଟ ଫିଲ୍ଡ ପରି ଅନ୍ୟାନ୍ୟ ସୁବିଧା ସୁଯୋଗ ସୃଷ୍ଟି କରିପାରିଛି।

**ସେଣ୍ଟର ପିଚ୍‌କୁ** ଏଥର ମଧ୍ୟ ବ୍ୟବହାର କରାଯିବ। ବ୍ଲାକ୍ ଓ ରେଡ୍ ସଏଲରେ ନିର୍ମିତ ଏହି ପିଚ୍ ପୁଣି ଏକ ହାଇସ୍କୋରିଂ ମ୍ୟାଚ ଅପେକ୍ଷାରେ ରହିଛି। ହାତରେ ଅଳ୍ପ କେତୋଟି ଦିନ ରହିଥିବା ବେଳେ ନୂତନ ରୂପ ନେବାରେ ଲାଗିଛି ବାରବାଟୀ ଗ୍ରାଉଣ୍ଡ। ବିସିସିଆଇ କ୍ୟୁରେଟର ଟିମ୍ ପିଚ୍ ଦେଖିବେ। ବିସିସିଆଇ ଉଚ୍ଚ ପଦସ୍ଥ ଅଧିକାରୀ, ଖେଳାଳି ଓ ମ୍ୟାଚ ଅଫିସିଆଲ ଏବଂ ସପୋର୍ଟ ଷ୍ଟାଫମାନଙ୍କର ଅନୁଧ୍ୟାନ କରିବେ। ଅଭ୍ୟାସ ପାଇଁ ୨ଟି ପିଚ୍‌କୁ ମଧ୍ୟ ଦେଖିବେ। ଖେଳାଳିମାନଙ୍କ ଗ୍ରାଉଣ୍ଡରେ ଅଭ୍ୟାସ ଓ ଯାତାୟାତର ସମସ୍ତ ବ୍ୟବସ୍ଥା ମଧ୍ୟ ଦେଖିବେ। ଆଉ ଏକ ବାରବାଟୀ ଲଢ଼େଇ ଅପେକ୍ଷାରେ ଓଡ଼ିଶାର କ୍ରିକେଟପ୍ରେମୀ। ଭାରତୀୟ ଦଳ ଏଥର ବିଜୟୀ ହେବ ବୋଲି ଆଶା ରଖିଛି।

# ମହିଳା କବାଡ଼ିରେ ଭାରତର ଆଧିପତ୍ୟ

**ଲଗାତର ଦ୍ୱିତୀୟ ବିଶ୍ୱକପ୍ ବିଜୟ ମହିଳା କବାଡ଼ିରେ ଭାରତର ଦୀର୍ଘ ବର୍ଷ ହେଲା ଚାଲି ଆସୁଥିବା ଆଧିପତ୍ୟକୁ ଦର୍ଶାଉଛି। ଶୃଙ୍ଖଳିତ ଦଳଗତ ପ୍ରଦର୍ଶନ, ଉଦୀୟମାନ ପ୍ରତିଭାଙ୍କ ବଳରେ ଭାରତୀୟ ଦଳ ବିଶ୍ୱ କବାଡ଼ି ପ୍ରତିଯୋଗିତାରେ ଉତ୍କୃଷ୍ଟତାର ନୂଆ ମାନଦଣ୍ଡ ସ୍ଥାପନ କରିଛି। ଏଥିପୂର୍ବରୁ ୨୦୧୨ରେ ପାଟନାଠାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ଦ୍ୱିତୀୟ ଭଳି ପ୍ରଥମ ସଂସ୍କରଣରେ ମଧ୍ୟ ଭାରତୀୟ ଦଳ ଅପରାଜିତ ରହି ଟ୍ରଫି ଉଠାଇଥିଲା...**

ବାଂଲାଦେଶ ରାଜଧାନୀ ଢାକାଠାରେ ଅନୁଷ୍ଠିତ ମହିଳା କବାଡ଼ି ବିଶ୍ୱକପ୍‌ରେ ଭାରତୀୟ ଦଳ ଚାମ୍ପିୟନ ହୋଇଛି। ଚାଇନିଜ୍ ତାଇପେ ବିପକ୍ଷ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲ ମାଚ୍‌କୁ ୨୮-୩୫ ବ୍ୟବଧାନରେ ଜିତି ଭାରତ ଲଗାତର ଦ୍ୱିତୀୟ ଥର ଟ୍ରଫି ଉଠାଇଛି। ଏହି ଐତିହାସିକ ବିଜୟ ମହିଳା କବାଡ଼ିରେ ଭାରତର ଦୀର୍ଘ ବର୍ଷ ହେଲା ଚାଲି ଆସୁଥିବା ପ୍ରଭୁତ୍ୱକୁ ଦର୍ଶାଉଛି। ଶୃଙ୍ଖଳିତ ଦଳଗତ ପ୍ରଦର୍ଶନ, ଗଭୀର କୌଶଳ ଓ ଉଦୀୟମାନ ପ୍ରତିଭାଙ୍କ ବଳରେ ଭାରତୀୟ ଦଳ ବିଶ୍ୱ କବାଡ଼ି ପ୍ରତିଯୋଗିତାରେ ଉତ୍କୃଷ୍ଟତାର ନୂଆ ମାନଦଣ୍ଡ ସ୍ଥାପନ କରିଛି। ଏଥିପୂର୍ବରୁ ୨୦୧୨ରେ ବିହାର ରାଜଧାନୀ ପାଟନାଠାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ୧୩ ବର୍ଷ ତଳେ ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ଇରାନକୁ ଫାଇନାଲରେ ଭାରତ ହରାଇଥିଲା।

ଏହି କବାଡ଼ି ବିଶ୍ୱକପ୍ ପ୍ରତିଯୋଗିତାରେ ଆୟୋଜକ ବାଂଲାଦେଶ ସହ ଚାଇନିଜ ତାଇପେ, ଜର୍ମାନୀ, ଇରାନ, କେନିଆ, ନେପାଳ, ପୋଲାଣ୍ଡ, ଥାଇଲାଣ୍ଡ, ଉଗାଣ୍ଡା ଓ ଜାଞ୍ଜିବର ଆଦି ୧୧ ଦଳ ଭାଗ ନେଇଥିଲେ। ପ୍ରକୃତରେ ଏହି ପ୍ରତିଯୋଗିତାରେ ୧୨ ଦଳ ଭାଗନେବାର ଥିଲା। କିନ୍ତୁ ଅନ୍ତିମ ମୁହୂର୍ତ୍ତରେ ଟୁର୍ନାମେଣ୍ଟରୁ ଆର୍ଜେଣ୍ଟିନା ଓହରିଯାଇଥିଲା। ଏଥିଯୋଗୁ ଗ୍ରୁପ୍-ଏ'ରେ ୫ ଓ ଗ୍ରୁପ୍-ବି'ରେ ୬ ଦଳକୁ ରଖାଯାଇଥିଲା। ଗତ ୧୧ ତାରିଖରେ ଆମେଚର କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆ (ଏକେଏଫଆଇ) ପକ୍ଷରୁ ରିତୁ ନେଗୀଙ୍କ ନେତୃତ୍ୱରେ ୧୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଏହି ଦଳରେ ଅନୁ, ଭାବନା ଦେବୀ, ଚମ୍ପା ଠାକୁର, ଧନଲକ୍ଷ୍ମୀ, ମିନି, ପୂଜା, ପୂଜା ନରୱାଲ, ରିତୁ, ପୁଷ୍ପା ରାଣା (ଉପ ଅଧିନାୟିକା), ରିତୁ (ଡିଫେଣ୍ଡର), ସାକ୍ଷି ଶର୍ମା, ସଞ୍ଜୁ ଦେବୀ, ସୋନାଲି ଶିଙ୍ଗଟେ ସ୍ଥାନ ପାଇଥିଲେ। ମୁଖ୍ୟ କୋଚ୍ ତେଜସ୍ୱିନୀ ବାଇ ଓ କବାଡ଼ି କୋଚ୍ କବିତା ସେଲ୍‌ଭାରାଜ ଦଳର ମାର୍ଗଦର୍ଶନ କରିଥିଲେ।

ଟୁର୍ନାମେଣ୍ଟରେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୪ ମ୍ୟାଚ୍ ଖେଳି ଏକତରଫା ବିଜୟ ହାସଲ କରିଥିଲା। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ପ୍ରଥମେ ଥାଇଲାଣ୍ଡକୁ ୬୫-୨୦ ପଏଣ୍ଟରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ୪୩-୧୮ ବ୍ୟବଧାନରେ ଆୟୋଜକ ବାଂଲାଦେଶକୁ ହରାଇଥିଲା। ସେହିଭଳି ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ଯଥାକ୍ରମେ ଜର୍ମାନୀକୁ ୬୩-୨୨ରେ ଓ ଉଗାଣ୍ଡାକୁ ୫୧-୧୬ରେ ପରାସ୍ତ କରିଥିଲା। ଭାରତ ୪ ମ୍ୟାଚ୍‌ରେ ୪ ବିଜୟ ଓ ୮ ପଏଣ୍ଟ ସହ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥିଲା। ଗ୍ରୁପ୍-ବି'ରେ ଚାଇନିଜ ତାଇପେ ୫ରୁ ୫ ବିଜୟ ଓ ୧୦ ପଏଣ୍ଟ ସହ ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିଥିଲା। ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଅନ୍ୟ ୨ ଦଳ ବାଂଲାଦେଶ ଓ ଇରାନ କେବଳ ଗୋଟିଏ ଗ୍ରୁପ୍ ମ୍ୟାଚ୍‌ରେ ପରାଜିତ ହୋଇ ସେମିଫାଇନାଲରେ ପହଞ୍ଚିଥିଲେ। ସେମିଫାଇନାଲରେ ଭାରତ ୩୩-୨୧ ବ୍ୟବଧାନରେ ଇରାନକୁ ହରାଇଥିଲା। ସେହିଭଳି ଚାଇନିଜ ତାଇପେ ସେମିଫାଇନାଲରେ ଆୟୋଜକ ବାଂଲାଦେଶକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ପୂରା ଟୁର୍ନାମେଣ୍ଟରେ ଶୃଙ୍ଖଳିତ ଓ ସଫଳତାର ସହ ନିଜ ଯୋଜନାକୁ କାର୍ଯ୍ୟକାରୀ କରିଥିବା ଭାରତୀୟ ଦଳ ଫାଇନାଲରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଫାଇନାଲରେ ଆରମ୍ଭରୁ ଡିଫେନ୍ସିଭ ଫର୍ମେଶନ ସହ ଖେଳିଥିଲା ଭାରତୀୟ ଦଳ। କେବଳ ହାତଗଣତି ରେଡ୍ସ ପଏଣ୍ଟ ଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ସ୍ୱଳ୍ପ ପଏଣ୍ଟ ବ୍ୟବଧାନରେ ଭାରତ ଆଗରେ ରହିଥିଲା। ମ୍ୟାଚ୍ ବେଳେ ଭାରତୀୟ ଦଳର ଅଧିନାୟକ ରିତୁ ନେଗୀ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏପରିକି ତାଙ୍କୁ ଷ୍ଟ୍ରେଚର ଜରିଆରେ ମ୍ୟାଚ୍‌ରୁ ନିଆଯାଇଥିଲା। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳ ମୁମେଣ୍ଟମ ନ ହରାଇ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ଦଳୀୟ ଖେଳାଳିଙ୍କ ମିଳିତ ଉଦ୍ୟମରେ ମ୍ୟାଚ୍‌ର ପ୍ରତ୍ୟେକ ପର୍ଯ୍ୟାୟରେ ଭାରତ ଆଗରେ ରହିବା ସହ ପ୍ରତିପକ୍ଷ ଚାଇନିଜ ତାଇପେ ଦଳକୁ ରିକଭରି କରିବାକୁ ସମୟ ଦେଇ ନ ଥିଲା। ଫଳରେ ରିତୁ ନେଗୀଙ୍କ ନେତୃତ୍ୱାଧୀନ ଦଳ ଚାମ୍ପିୟନ ହୋଇଥିଲା।

ଚାମ୍ପିୟନ ହେବା ପରେ ଅଧିନାୟିକା ରିତୁ ନେଗୀ କହିଛନ୍ତି, ଭାରତ ପାଇଁ ବିଶ୍ୱକପ୍ ଉଠାଇବାକୁ ମୁଁ ଶବ୍ଦରେ ପ୍ରକାଶ କରିପାରିବି ନାହିଁ। ଜଣେ ଅଧିନାୟିକା ଭାବେ ମୁଁ ଜାଣିଛି ଯେ, ଏହି ମହିଳା ଦଳ ପ୍ରତ୍ୟେକ ଚ୍ୟାଲେଞ୍ଜରେ ଏକାଠି ହୋଇ ଛିଡ଼ାହୋଇଥିଲେ। ମହିଳା କବାଡ଼ିର ଖୁବ୍ ଆଗକୁ ବଢ଼ିଛି। ଏହି ପ୍ରତିଯୋଗିତା ଦିନକୁ ଦିନ ଅଧିକ କଷ୍ଟକର ହେଉଛି। କିନ୍ତୁ ଆମେ ପରସ୍ପର ଉପରେ ଅନ୍ତିମ ହୁଇସିଲ ବାଜିବା ପର୍ଯ୍ୟନ୍ତ ଭରସା ରଖିଥିଲୁ। ପ୍ରତିପକ୍ଷ ଚାଇନିଜ ତାଇପେ ଆମ ଉପରେ ଖୁବ୍ ଚାପ ପକାଇଥିଲା। କିନ୍ତୁ ଆମର ଏକତା ଓ ବିଶ୍ୱାସ ଦୁଇ ଦଳ ମଧ୍ୟରେ ପ୍ରାର୍ଥକ୍ୟ ସୃଷ୍ଟି କରିଥିଲା। ଭାରତକୁ ପ୍ରତିନିଧିତ୍ୱ କରିବାକୁ ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ଝିଅଙ୍କର ଏହି ବିଜୟ। ସେହିଭଳି ପୂରା ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ ହୋଇଥିବା ସଞ୍ଜୁ ଦେବୀ ପ୍ରକାଶ କରିଛନ୍ତି, ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ନାମିତ ହେବା ଏକ ସମ୍ମାନ। ଏହାକୁ ସାରା ଜୀବନ ମନେରଖିବି। କିନ୍ତୁ ଏହି ମୁହୂର୍ତ୍ତ ପୂରା ଦଳର। ପ୍ରତ୍ୟେକ ରେଡ୍, ପ୍ରତ୍ୟେକ ଟ୍ୟାକେଲ, ପ୍ରତ୍ୟେକ ପଏଣ୍ଟ ସାମୂହିକ ପ୍ରଦର୍ଶନରେ ମିଳିଥିଲା। ଚାଇନିଜ ତାଇପେ ବିପକ୍ଷ ଫାଇନାଲ ଆମର ପରୀକ୍ଷା ନେଇଥିଲା। କିନ୍ତୁ ଆମେ ଏହି ଟ୍ରଫିକୁ ଘରକୁ ନେବା ସ୍ୱପ୍ନ ସହ ଆଗକୁ ବଢ଼ିଥିଲୁ। ଏହି ବିଜୟର ମୂଲ୍ୟ ଭାରତରେ ମହିଳା କବାଡ଼ି ପାଇଁ ଅନେକ କିଛି। ଏହା ଦର୍ଶାଉଛି ଯେ, ଆମେ କେତେଦୂରକୁ ଆସି ସାରିଛୁ ଏବଂ ଆହୁରି ଆଗକୁ ଯିବା ପାଇଁ ଆମେ ପ୍ରସ୍ତୁତ।




### ବିଶ୍ୱକପ୍‌ରେ ଭାରତୀୟ ଦଳର ପ୍ରଦର୍ଶନ

| ପ୍ରତିପକ୍ଷ | ଫଳାଫଳ |
|---|---|
| **ଗ୍ରୁପ୍ ପର୍ଯ୍ୟାୟ** | |
| ଥାଇଲାଣ୍ଡ | ୬୫-୨୦ |
| ବାଂଲାଦେଶ | ୪୩-୧୮ |
| ଜର୍ମାନୀ | ୬୩-୨୨ |
| ଉଗାଣ୍ଡା | ୫୧-୧୬ |
| **ସେମିଫାଇନାଲ** | |
| ଇରାନ | ୩୩-୨୧ |
| **ଫାଇନାଲ** | |
| ଚାଇନିଜ ତାଇପେ | ୩୫-୨୮ |

### ଭାରତ ବାହାରେ ପ୍ରଥମ ବିଶ୍ୱକପ୍

ଏହି ଟୁର୍ନାମେଣ୍ଟ ଭାରତ ବାହାରେ ଅନୁଷ୍ଠିତ ହେବାରେ ପ୍ରଥମ କବାଡ଼ି ବିଶ୍ୱକପ୍ ଥିଲା। ଏଥିପୂର୍ବରୁ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତ୍ୟେକ ଥର ବିଶ୍ୱକପ୍ ଭାରତରେ ଆୟୋଜିତ ହୋଇଥିଲା। ହେଲେ ୧୩ ବର୍ଷର ବ୍ୟବଧାନରେ ହେଉଥିବା ଏହି ଟୁର୍ନାମେଣ୍ଟ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଟୁର୍ନାମେଣ୍ଟକୁ ବାରମ୍ବାର ବାତିଲ କରାଯିବା ସହ ଅନେକ ଥର ଭେନ୍ୟୁ ପରିବର୍ତ୍ତନ କରାଯାଇଥିଲା। ପ୍ରକୃତରେ ଏହି ଟୁର୍ନାମେଣ୍ଟ ବିହାରରେ ହେବାର ଥିଲା। ପରେ ହାଇଦ୍ରାବାଦକୁ ସ୍ଥାନାନ୍ତର କରାଯାଇଥିଲା। ଶେଷରେ ପ୍ରୋ କବାଡ଼ି ଲିଗ୍ ସହ କାର୍ଯ୍ୟସୂଚୀ ବିବାଦ ଓ ପ୍ରଶାସନିକ ସମସ୍ୟା ଯୋଗୁ ଏହାକୁ ବାଂଲାଦେଶର ଢାକାକୁ ସ୍ଥାନାନ୍ତର କରାଯାଇଥିଲା।

### ବାପାଙ୍କଠାରୁ ପ୍ରଶିକ୍ଷଣ ପାଇଥିଲେ ପୁଷ୍ପା

ମହିଳା କବାଡ଼ି ବିଶ୍ୱକପ୍ ଚାମ୍ପିୟନ ଦଳର ଗୁରୁତ୍ୱପୂର୍ଣ୍ଣ ରାଇଡର ହେଲେ ପୁଷ୍ପା ରାଣା। ଏପରିକି ସେ ଦଳର ଉପ ଅଧିନାୟିକା। ଫାଇନାଲରେ ରିତୁ ନେଗିଙ୍କ ଅନୁପସ୍ଥିତିରେ ସେ ଦଳର ଭାର ସମ୍ଭାଳିଥିଲେ। ୧୯୯୮ ଜାନୁଆରୀ ୧୧ରେ ହିମାଚଳ ପ୍ରଦେଶର ସିରମୋର ଜିଲାରେ



ଜନ୍ମିତ ପୁଷ୍ପାଙ୍କ ବାପା ଜୟପାଲ ଜଣେ ଶିକ୍ଷକ। ପୁଷ୍ପାଙ୍କ ଭାଇ ସଞ୍ଜୀବ ଜଣେ କବାଡ଼ି ଖେଳାଳି। ସେ ବାପା ଓ ଭାଇଙ୍କଠାରୁ ଅନ୍ତର୍ଜାତୀୟ କବାଡ଼ି ଖେଳାଳିଙ୍କ ବିଷୟରେ ଶୁଣିଥିଲେ ଏବଂ କମ୍ ବୟସରେ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ପୁଷ୍ପା କବାଡ଼ିରେ ଜଣେ ରାଇଟ୍ ରାଇଡର। ଏହାର ଅର୍ଥ ସେ ମ୍ୟାଟର ଡାହାଣ ପଟରୁ ଆକ୍ରମଣ କରନ୍ତି। ସେ ହ୍ୟାଣ୍ଡଟଚ୍ ସ୍କିଲ ମାଧ୍ୟମରେ ବୋନସ ପଏଣ୍ଟ ହାସଲ କରିବାରେ ମାହିର। ସେ କବାଡ଼ି ଖେଳିବା ସହ ଇତିହାସରେ ସ୍ନାତକ କରିଛନ୍ତି ଏବଂ ପରେ ମାଷ୍ଟର ଡିଗ୍ରୀ କରିବାର ଲକ୍ଷ୍ୟ ରଖିଛନ୍ତି। ସେ ୨୦୨୩ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ, ଯାହାକି ତାଙ୍କ କ୍ୟାରିୟରର ସବୁଠୁ ବଡ଼ ଉପଲବ୍ଧି। କବାଡ଼ି ଛଡ଼ା ନିଜକୁ ଫିଟ୍ ରଖିବା ପାଇଁ ଭଲିବଲ, ହ୍ୟାଣ୍ଡବଲ ଓ ଫୁଟବଲ ଖେଳନ୍ତି।

# ପ୍ରଥମ ସନ୍ତାନଙ୍କ ମୁଣ୍ଡନ ପାଳଟିଛି ପରମ୍ପରା

**ମା' ଲୋଭୀ ଠାକୁରାଣୀ ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ। ତାଙ୍କ ଉପରେ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମବାସୀଙ୍କର ରହିଛି ଅତୁଟ ବିଶ୍ୱାସ। ମା'ଙ୍କ ପୂଜା ଓ ଆଶିଷ ବିନା କୌଣସି ଶୁଭ କାର୍ଯ୍ୟ ଗ୍ରାମବାସୀ କରନ୍ତି ନାହିଁ। ଏପରି କି ଝିଅ, ପୁଅ ବାହାଘର ପରେ ପ୍ରଥମ ପିଲାଙ୍କ ମୁଣ୍ଡନ ମା'ଙ୍କ ପୀଠରେ କରାଯିବା ସହ ଭବିଷ୍ୟତ ପାଇଁ ଆଶୀର୍ବାଦ ନେବା ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମରେ ଏକ ପରମ୍ପରାରେ ପରିଣତ ହୋଇଛି।**

ଅନୁଗୋଳ ଜିଲା ବଅଁରପାଳ ବ୍ଲକର ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମରେ ରହିଛି ମା' ଲୋଭୀ ଠାକୁରାଣୀଙ୍କ ପୀଠ। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀ ସମୟରେ ୫ ଦିନ ଧରି ମା'ଙ୍କ ଜନ୍ମ ବାର୍ଷିକ ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଏ। ରାଜ୍ୟର କୋଣ ଅନୁକୋଣରୁ ପ୍ରତିଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଏଠାରେ ହୋଇଥାଏ। ଦୁଇ ଗାଁର ଲୋକମାନଙ୍କ ସହ ସରକାରଙ୍କ ସହାୟତାରେ ଗଠିତ ଟ୍ରଷ୍ଟ ବୋର୍ଡ ଦ୍ୱାରା ମା'ଙ୍କ ଏହି ଉତ୍ସବ ପରିଚାଳନା କରାଯାଏ। ଏହି ଉତ୍ସବ ସମୟରେ ପଡୁଥିବା ମେଳାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ବିଭିନ୍ନ ସାମଗ୍ରୀ ଧରି ଆସିଥାନ୍ତି। ଏହି ଅଞ୍ଚଳର ଲୋକମାନେ ଝିଅପୁଅଙ୍କ ବାହାଘର ସାମଗ୍ରୀ ମଧ୍ୟ ଉକ୍ତ ମେଳାରୁ କ୍ରୟ କରିଥାନ୍ତି। ଅନୁଗୋଳ ସହର ଠାରୁ ମାତ୍ର ୧୫ କିଲୋମିଟର ଦୂରରେ ମା' ଲୋଭୀ ଠାକୁରାଣୀଙ୍କ ପୀଠ ରହିଛି। ନିକଟରେ ଶେଷ ହୋଇଥିବା ମା'ଙ୍କ ବାର୍ଷିକ ଉତ୍ସବରେ ୫ ହଜାରରୁ ଅଧିକ ମାତାପିତା ସେମାନଙ୍କ ପ୍ରଥମ ସନ୍ତାନଙ୍କ ମୁଣ୍ଡନ କରି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ନିକଟ ଅତୀତରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ମା' ଲୋଭୀ ଠାକୁରାଣୀଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ପୀଠର ଉନ୍ନତୀକରଣ ପାଇଁ ୨.୨୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଡିପିଆର୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି।

ମୁଖ୍ୟ ପୂଜକ ରଞ୍ଜନ କୁମାର ଗଡ଼ନାୟକ କହିଛନ୍ତି, ବିଶ୍ୱାସ ରହିଛି ଯେ ପ୍ରଭୁ ରାମଚନ୍ଦ୍ର ପୁଷ୍ପକ ବିମାନରେ ଯାଉଥିବା ବେଳେ ମା' ଲଙ୍କାଦେବୀଙ୍କୁ ଏଠାରେ ଦେଖି ଓହ୍ଲାଇଥିଲେ। ମା'ଙ୍କୁ କହିଥିଲେ ତୁମକୁ ଅଯୋଧାରେ ପୂଜାକରି ମୁଁ ବାହାରିଥିଲି, ତୁମେ ଏଠାରେ କେମିତି ବିରାଜମାନ କଲ, ତୁମେ ବହୁତ ଲୋଭୀ। ସେହିଦିନଠାରୁ ମା' ଲୋଭୀ ଠାକୁରାଣୀ ନାମରେ ପରିଚିତ। ଟ୍ରଷ୍ଟ ବୋର୍ଡ ସଭାପତି ସୁନୀଲ କୁମାର ମାଝୀ କହିଛନ୍ତି, ଏହା ପର୍ଯ୍ୟଟନସ୍ଥଳୀର ମାନ୍ୟତା ଲାଭ କରିଥିବାରୁ ଉନ୍ନତୀକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଅନୁଗୋଳର ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରତାପ ପ୍ରତିମୟଙ୍କ ଲିଖିତ 'ଅନନ୍ୟ ଅନୁଗୋଳ' ପୁସ୍ତକରେ ମା' ଲୋଭୀ ଠାକୁରାଣୀଙ୍କ ବିଷୟରେ ଉଲ୍ଲେଖ ରହିଛି ଯେ ଇତିହାସ କହେ- ଗଡ଼ସନ୍ତ୍ରୀ ଗ୍ରାମର ନାମ 'ସନ୍ତ୍ରାସ' ଶବ୍ଦରୁ ଆସିଥିବାର ମନେହୁଏ। ଉକ୍ତ ଅଞ୍ଚଳଟି ପାଇକ କ୍ଷତ୍ରିୟ ଅଧ୍ୟୁଷିତ ଅଞ୍ଚଳ। ଏକଦା ଦୁର୍ଦ୍ଧର୍ଷ ପାଇକଗଣ ପଡ଼ୋଶୀ ରାଜ୍ୟ ଢେଙ୍କାନାଳ ସହିତ ସର୍ବଦା ଯୁଦ୍ଧରେ ଲିପ୍ତ ରହୁଥିଲେ। ସେମାନଙ୍କ ପରାକ୍ରମ ଓ ବୀରତ୍ୱରେ ଶତ୍ରୁପକ୍ଷ ମଧ୍ୟରେ ସନ୍ତ୍ରାସ ଖେଳିଯାଉଥିବାରୁ ଏହି ଗଡ଼ର ନାମ 'ସନ୍ତ୍ରାସଗଡ଼' ବା 'ଗଡ଼ସନ୍ତ୍ରୀ' ଭାବେ ନାମିତ କରାଯାଇଥିବା ଅନୁମେୟ। ଅନ୍ୟ ଏକ ମତରେ ମା' ଲୋଭୀ ଠାକୁରାଣୀଙ୍କ ଆଶୀର୍ବାଦରୁ ଅନୁଗୋଳର ରାଜା ସୋମନାଥ ସିଂହ ୧୮୨୫ ମସିହା ବୁଢ଼ାପଙ୍କ ଯୁଦ୍ଧରେ ବିଜୟ ଲାଭ କରିଥିଲେ। ଏଣୁ କୁହଯାଏ 'ଜୋର ଯା'ର, ବୁଢ଼ାପଙ୍କ ତାହାର'।

– ରିପୋର୍ଟ: ମାନସ ବିଶ୍ୱାଳ, ଅନୁଗୋଳ



**ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀ**

EXCELLENCY OF 17th GLORIOUS YEAR
ISO 9001 CERTIFIED
BIS CERTIFIED 100% BIS HALLMARK (HUID)
ପ୍ରାଣକ୍ରିଷ୍ଣ ଜୁଏଲାରୀ ପାଲେସ୍
ଷ୍ଟେସନ ବଜାର (ପି.ଏନ୍.ବି. ଏଟିଏମ୍ ପାଖ)
ରୂପସା, ବାଲେଶ୍ୱର - ୨୮
ଫୋନ୍ ନଂ. - ୦୬୭୮୧-୨୫୪୦୨୬
ସମସ୍ତ ପ୍ରକାର ଡେବିଟ୍ ଓ କ୍ରେଡିଟ୍ କାର୍ଡ ଗ୍ରହଣୀୟ
A Palace of an abstract idea in Jewellery Shopping
'ରବିବାର ବନ୍ଦ'
.... bond with the best

SRIRAM GROUP OF INSTITUTIONS
SORO, BALASORE
12 YEARS EXCELLENCE
CHSE RESULTS 2025
COURSES OFFERED
+2 SCIENCE (CHSE)
* Class Room Programme
* Integrated Programme (NEET & JEE-MAIN)
+2 SCIENCE (CBSE)
* Class Room Programme
* Integrated Programme (NEET & JEE-MAIN)
+3 SCIENCE
Affiliated To F.M. University
AMIT KUMAR NAYAK 94.33% +2 MARK-566 10th Mark-521 Roll No.: 388AA158
ALINA PRIYADARSHANI PANDA 91.66% +2 MARK-550 10th Mark-525 Roll No.: 388AA003
JAY PRAKASH PRUSTY 91.66% +2 MARK-550 10th Mark-505 Roll No.: 388AA012
AKANKSHYA PANDA 91.50% +2 MARK-549 10th Mark-548 Roll No.: 388AA001
SUBHANKAR NAYAK 90.66% +2 MARK-544 10th Mark-483 Roll No.: 388AA176
AMAR MALIK 90.16% +2 MARK-541 10th Mark-513 Roll No.: 388AA004
SATABDIKA NAYAK
Odisha Civil Services (OCS) Rank- 238
For Admission Contact :
7978620299, 9437385534
9861049103

K.B. HIST COLLEGE
+2, +3 ARTS/SCIENCE, P.G. (ARTS)
PHULBANI
LECTURE REQUIRED
For the Following Subjects
1. HISTORY 6. ENGLISH 11. ZOOLOGY
2. POL. SC. 7. IT 12. DATA ENTRY OPERATOR (PGDCA)
3. ODIA 8. PHYSICS
4. SOCIOLOGY 9. CHEMISTRY 13. MCA OR COMPUTER SCIENCE
5. EDUCATION. 10. BOTANY
Preferred M.Phil & Ph.D Candidates
QUALIFICATION - 55% at PG LEVEL
Salary - Never Constraint for Deserving Candidate
Contact
Mob : 94372 42387, 79781 63487
Email : anilchoudhury06@gmail.con

ଧରିତ୍ରୀ ଖବରକାଗଜର
୫୧ ବର୍ଷ ପୂର୍ତ୍ତି ତଥା
୫୨ ବର୍ଷରେ
ପଦାର୍ପଣ ଅବସରରେ ଧରିତ୍ରୀ
ପରିବାରକୁ ଅଜସ୍ର
ଅଭିନନ୍ଦନ
ଡ. ସି.ଏସ୍. ରାଜୀନ୍ ଏକ୍କା
ବିଧାୟକ, ରାଜଗାଙ୍ଗପୁର

ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର
ଅବସରରେ ଖୋର୍ଦ୍ଧା ଜିଲ୍ଲାର
ଅଗଣିତ ପାଠକ, ପାଠିକା,
ଖବରଦାତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ଓ
ଅଭିନନ୍ଦନ
ରାଜୀବ ପଟ୍ଟନାୟକ
ଜିଲ୍ଲା କଂଗ୍ରେସ ସଭାପତି, ଖୋର୍ଦ୍ଧା ଜିଲ୍ଲା

ଅଭିନନ୍ଦନ
ଧରିତ୍ରୀ ଖବରକାଗଜ ର ୫୨ତମ
ସ୍ୱନକ୍ଷତ୍ର ଦିବସ ଅବସରରେ
ରାଜ୍ୟ ତଥା ଅନୁଗୋଳବାସୀଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ
ଶୁଭକାମନା
ପ୍ରବୋଧ କୁମାର ସାଇଁ
ସମାଜସେବୀ, ଅନୁଗୋଳ

"ରକ୍ତ ଦାନ ମହାପୁଣ୍ୟ"
"ସୁସ୍ଥ ପରିବେଶ, ଜୀବନ ସରସ"
'ଧରିତ୍ରୀ'ର ଶୁଭ ଜନ୍ମଦିବସରେ ସମସ୍ତଙ୍କୁ ପ୍ରୀତି ଭରା
ଅଭିନନ୍ଦନ
ଲକ୍ଷ୍ମୀନାରାୟଣ ହାର୍ଡୱାର ଷ୍ଟୋର ଓ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ତରଫରୁ ସମଗ୍ର ବାଲେଶ୍ୱରବାସୀଙ୍କ ସୁଖ, ସମୃଦ୍ଧି କାମନା କରୁଛି।
ସୁମନ୍ତ କୁମାର ଜେନା
ବିଶିଷ୍ଟ ସମାଜସେବୀ ତଥା ପରିବେଶପ୍ରେମୀ
ବସ୍ତା, ବାଲେଶ୍ୱର

ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ
"ଧରିତ୍ରୀ"ର
ସ୍ୱନକ୍ଷତ୍ର ଦିବସ ଅବସରରେ ନୀଳଗିରି
ପଞ୍ଚାୟତ ସମିତିର
ସମସ୍ତ ଗୁରୁଜନ ଭାଇ ଓ
ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ଆସନ୍ତୁ ପଚିଶଟି ପଞ୍ଚାୟତର ସର୍ବାଙ୍ଗୀନ
ଉନ୍ନତି ପାଇଁ ହାତକୁ ହାତ ମିଳାଇ
ଆଗେଇ ଯିବା, ଭବିଷ୍ୟତ ପିଢିଙ୍କ ପାଇଁ
ନୂତନ ଉଦାହରଣ ସୃଷ୍ଟି କରିବା।
ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ
ନୀଳଗିରି ବ୍ଲକ ଅଧ୍ୟକ୍ଷା (ଧରିତ୍ରୀର ଶୁଭଚିନ୍ତକ)

Are You Interested for
Residential Plot, Duplex & Apartment
at
Dhenkanal & Bhubaneswar
Contact
7853001470 / 9178150844

ଧରିତ୍ରୀର
ସ୍ୱନକ୍ଷତ୍ର ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ
ଓ
ଶୁଭେଚ୍ଛା
ଜଣେ ଶୁଭାକାଂକ୍ଷୀ, ଢେଙ୍କାନାଳ

AJ FOUNDATION
ଧରିତ୍ରୀ ଖବରକାଗଜର ୫୨ତମ ସ୍ୱନକ୍ଷତ୍ର ଅବସରରେ
ବିଭିନ୍ନ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର,
ଜନସାଧାରଣ ଓ ଧରିତ୍ରୀ ପରିବାରଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ
ଶୁଭେଚ୍ଛା
ଆସନ୍ତୁ, ସମସ୍ତେ ସ୍ୱଚ୍ଛ ଅଭ୍ୟାସ, ସୁସ୍ଥ ଭବିଷ୍ୟତ, ପାଇଁ
ସଂକଳ୍ପ ନେବା
AMAR JYOTI FOUNDATION
N/6-134, IRC Village, Bhubaneswar, Odisha - 751015
Website : www.amarjyotifoundation.org

ବାର୍ତ୍ତା
ଓଡ଼ିଶାର ଲୋକପ୍ରିୟ ଖବରକାଗଜ "ଧରିତ୍ରୀ"ର ୫୨ତମ ବାର୍ଷିକୀ ସ୍ୱତନ୍ତ୍ର ସଂସ୍କରଣ ପ୍ରକାଶନର ଶୁଭ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ସତ୍ୟ, ସାହସ ଓ ସମାଜସେବା ପଥରେ ଧରିତ୍ରୀର ଅବିରତ ପ୍ରୟାସ ୫୦ ବର୍ଷଧରି ପାଠକମାନଙ୍କୁ ଜ୍ଞାନ, ସଚେତନତା ଓ ପ୍ରେରଣା ଦେଇଆସୁଛି। ଏହି ଖବରକାଗଜ ଓଡ଼ିଶାର ପ୍ରତିଟି ଜନମାନସରେ ଏକ ଅଲିଭା ରେଖା ହୋଇ ରହିଆସିଛି।
ରାଜ୍ୟ, ଦେଶ ଓ ସର୍ବୋପରି ପୃଥିବୀର ସମସ୍ତ ଘଟଣାକୁ ପାଠକଙ୍କ ନିକଟରେ ଯଥା ସମୟରେ ନିର୍ଭୁଲ ଓ ନିର୍ଭୀକ ଭାବରେ ପହଞ୍ଚାଇବାରେ ଏହି ଖବରକାଗଜ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। ଦୀର୍ଘ ପଚାଶ ବର୍ଷ ଧରି ଓଡ଼ିଶାର ପ୍ରିୟ ପାଠକମାନଙ୍କର ସୂଚନା ଓ ଜ୍ଞାନର ଏକ ପ୍ରମୁଖ ତଥା ନିର୍ଭରଯୋଗ୍ୟ ସ୍ରୋତ ଭାବେ ଏହା ନିଜକୁ ପ୍ରତିଷ୍ଠିତ କରି ପାରିଛି।
ଆଗାମୀ ଦିନରେ ଏହି ଖବରକାଗଜର ଲେଖା, ସମାଚାର ଓ ବିଚାର ଓଡ଼ିଆ ସମାଜକୁ ଆହୁରି ସଶକ୍ତ କରିବା ସହ ଓଡ଼ିଆ ଅସ୍ମିତାକୁ ପରିପୁଷ୍ଟ କରୁ ଏହି କାମନା କରୁଛି।
ସୁକାନ୍ତ କୁମାର ପାଣିଗ୍ରାହୀ
ସାଂସଦ (ଲୋକସଭା), କନ୍ଧମାଳ ସଂସଦୀୟ ମଣ୍ଡଳୀ

'ଧରିତ୍ରୀ'ର ୫୨ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ। ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ ଦିଗରେ ଓଡ଼ିଶାର ପ୍ରମୁଖ ଖବରକାଗଜ 'ଧରିତ୍ରୀ'ର ଭୂମିକା ସର୍ବଦା ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଯୋଡ଼ିହେବାକୁ ସମସ୍ତଙ୍କୁ ବିନମ୍ର ନିବେଦନ।
କୃଷ୍ଣଚନ୍ଦ୍ର ଦତ୍ତ
ମନ୍ କି ବାତ୍ ସଂଯୋଜକ, ବାଲେଶ୍ୱର (ଉତ୍ତର)

ବିଜୁ ଜନତା ଦଳ
କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ
ତଥା ଜିଲ୍ଲାବାସୀଙ୍କୁ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ
ଅବସରରେ
ଶୁଭେଚ୍ଛା
ଶ୍ରୀଯୁକ୍ତ ଗଣେଶ୍ୱର ବେହେରା
ବିଧାୟକ, କେନ୍ଦ୍ରାପଡ଼ା

ଅଭିନନ୍ଦନ
ବିଶ୍ୱ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଯୁବ ସମାବେଶ ଓ ପ୍ରତିଷ୍ଠିତ ସମ୍ବାଦପତ୍ର "ଧରିତ୍ରୀ"ର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ "ଧରିତ୍ରୀ" ପରିବାରର ସମସ୍ତଙ୍କୁ ଅଶେଷ ଅଭିନନ୍ଦନ। ଜଳବାୟୁ ପରିବର୍ତ୍ତନ ପ୍ରତି ଧରିତ୍ରୀର ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବରେ ସୁଫଳ ଆଣିବାରେ ସହାୟକ ହେବ ବୋଲି ମୋର ଦୃଢ ବିଶ୍ୱାସ। "ଧରିତ୍ରୀ"ର ଧରିତ୍ରୀ ମାଁ ପାଇଁ ଏହି ଅବଦାନ ସଦାସର୍ବଦା ପ୍ରଶଂସନୀୟ ହୋଇ ରହିବ। "ଧରତ୍ରୀ" ଓଡ଼ିଆ ଜନମାନସକୁ ସବୁ ସମୟରେ ତା'ର କାଳଜୟୀ ବାର୍ତ୍ତା ଦେଇ ଆସିଛି ଓ ଦେଇ ଚାଲିଥାଉ। ଏହାହିଁ ମାଆ ସମଲେଇଙ୍କ ପାଖରେ ଆମ ପ୍ରାର୍ଥନା।
ସଞ୍ଜୟ ନନ୍ଦ (ପିଲୁ)
ଅଧ୍ୟକ୍ଷ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ
GOVT. AUTONOMOUS COLLEGE, ANGUL
Approved by AICTE-Govt. of India, New Delhi
Recognised by Department of Higher Education Govt. of Odisha
Affiliated to Utkal University, Bhubaneswar
COURSE OFFER

| Course | Duration | Eligibility |
|---|---|---|
| MASTER OF COMPUTER APPLICATION (MCA) | 2 YEARS (4 SEMESTERS) COURSE FEE 50000/- Per Year | OJEE MANDATORY OJEE-2026 Rank Card Holder Passed any graduation degree (e.g: B.E./B.Tech/BSC/B.Com/BA/BCA etc.) with Mathematics obtained atleast 50% marks (45% marks of candidates belonging to reserve category) in the qualifying examination |

For any query call 7846891263/ 6371984637
Email : mcagovtautonomousangul@gmail.com

ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୮/୨୦୨୫ Bhubaneswar, Friday, November 28/ 2025




# ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ୯ରୁ

**ଭୁବନେଶ୍ୱର,୨୭ା୧୧(ଅନାଦି କର)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ମିଳିତ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଏସ୍‌ବିଏ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଏସ୍‌ବିଏ ସଭାପତି ରାଜେଶ ପ୍ରଭାକର ପାଟିଲ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ସଚିବ ରାମଚନ୍ଦ୍ର ଯାଦବ ଯୋଗଦେଇଥିଲେ।

୨୦୨୨ରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଓଡ଼ିଶା ମାଷ୍ଟର୍ସର ଏହା ଚତୁର୍ଥ ସଂସ୍କରଣ ହେବ। ଏଥିରେ ୨୨ ଦେଶର ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେବାକୁ ଥିବା ବେଳେ ପୁରୁଷ ସିଙ୍ଗଲ୍ସରେ ଏଚ୍ ଏସ୍ ପ୍ରନୟ, କିଦାମ୍ବି ଶ୍ରୀକାନ୍ତ, ଗତ ସଂସ୍କରଣର ରନରଅପ୍ ଥରୁନ ମନେପାଲି, ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା, ଅନମୋଲ ଖାର୍ବଙ୍କ ଭଳି ଷ୍ଟାର ଖେଳାଳିଙ୍କ ସମେତ ଦେଶର ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେବେ। ଓଡ଼ିଶାରୁ ତନଭି ପତ୍ରି, ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ପଣ୍ଡା, ଆୟୁଷ ଦାଶ, ପୂର୍ବ ପ୍ରତ୍ୟାଶ ପଣ୍ଡା, ହର୍ଷିତା ରାଉତଙ୍କ ଭଳି ୧୩ ଖେଳାଳି ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ଏହି ଟୁର୍ନାମେଣ୍ଟ ପୂର୍ବରୁ କଳିଙ୍ଗ ଷ୍ଟାଡିୟମସ୍ଥିତ ପୁଲେଲା ଗୋପିଚାନ୍ଦ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଏକାଡେମୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ମହାସଂଘ (ବାଇ) ଆନୁକୂଲ୍ୟରେ ଓଏସ୍‌ବିଏ ଦ୍ୱାରା ଆସନ୍ତା ୧ରୁ ୬ ତାରିଖ ପର୍ଯ୍ୟନ୍ତ ୩୭ତମ ସବ୍‌ଜୁନିୟର ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ଉଭୟ ବାଳିକା ଓ ବାଳକ ଖେଳାଳି ଭାଗ ନେବେ।

**ଓଡ଼ିଶା ଦକ୍ଷ:** କ୍ରମାଗତ ଚତୁର୍ଥ ଥର ପାଇଁ ରାଜ୍ୟରେ ଓଡ଼ିଶା ମାଷ୍ଟର୍ସ ଭଳି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଏଥିପୂର୍ବରୁ ୩୭ତମ ସବ୍‌ଜୁନିୟର ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମଧ୍ୟ ଆୟୋଜିତ ହେବ। ଏଣୁ ୨ ସପ୍ତାହ ମଧ୍ୟରେ ଓଡ଼ିଶା ଲଗାତର ଦୁଇଟି ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆୟୋଜନ କରିବ। ଓଡ଼ିଶା ମାଷ୍ଟର୍ସ ୯ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ସେହି ଦିନ କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଏକା ସମୟରେ ଅନେକ ଇଣ୍ଟରନ୍ୟାଶନାଲ ଇଭେଣ୍ଟ ଆୟୋଜନ କରିବାର ଓଡ଼ିଶାର ଦକ୍ଷତା ଓ ଅଭିଜ୍ଞତାକୁ ଏହା ଦର୍ଶାଉଛି ବୋଲି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏହା ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଓଡ଼ିଶାର ଖେଳାଳିମାନେ ବ୍ୟାଡ୍‌ମିଣ୍ଟନ କ୍ଷେତ୍ରରେ ବହୁ ସୁନାମ ଲାଭ କରିଛନ୍ତି। ଆମର ତନଭି ପତ୍ରିଙ୍କଠାରୁ ଆରମ୍ଭ କରି ଅନେକ ଯୁବ ଓ ଉଦୀୟମାନ ଖେଳାଳି ଆଗକୁ ଆସୁଛନ୍ତି। ସେମାନେ ଭବିଷ୍ୟତରେ ଅଲିମ୍ପିକ୍ ପୋଡିୟମରେ ସ୍ଥାନ ପାଇବେ ବୋଲି ଆମେ ଆଶା କରୁଛୁ।




ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଦୀପ୍ତିଙ୍କୁ ୩.୨୦ କୋଟିରେ ନେଲା ୱାରିଅର୍ଜ

**ନୂଆଦିଲ୍ଲୀ, ୨୭ା୧୧ (ପି.ଟି.)**

ଆସନ୍ତା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ଖେଳାଳି ନିଲାମି ପ୍ରକ୍ରିୟା ଏଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀପ୍ତି ଶର୍ମା ଆଶାତୀତ ବହୁ ମୂଲ୍ୟରେ ବିକ୍ରି ହୋଇଛନ୍ତି। ୟୁପି ୱାରିଅର୍ଜ ରାଇଟ୍ ଟୁ ମ୍ୟାଚ (ଆରଟିଏମ୍)ର ଉପଯୋଗ କରି ଏହି ଭାରତୀୟ ଅଲ୍‌ରାଉଣ୍ଡରଙ୍କୁ ସର୍ବାଧିକ ୩.୨୦ କୋଟି ଟଙ୍କାରେ କ୍ରୟ କରିଛି। ଡବ୍ଲୁପିଏଲ୍ ଇତିହାସରେ ସବୁଠାରୁ ଦାମି ଖେଳାଳି ହେଉଛନ୍ତି ସ୍ମୃତି ମନ୍ଧାନା।

## ମହିଳା ପ୍ରିମିୟର ଲିଗ୍ ନିଲାମି

୨୦୨୩ରେ ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ତାଙ୍କୁ ୩.୪୦ କୋଟି ଟଙ୍କାରେ କ୍ରୟ କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଗତ ସିଜନର ଯୁଗ୍ମ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ଆମେଲିଆ କେରଙ୍କୁ ୩ କୋଟି ଟଙ୍କା ମୂଲ୍ୟରେ ନେଇଛି। ଦାମୀ ଖେଳାଳିଙ୍କ ମଧ୍ୟରେ ଦୁଇ ପୁରୁଖା ଖେଳାଳି ଅଷ୍ଟ୍ରେଲିଆ ମେଗ୍ ଲାନିଂ ଓ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ ରହିଛନ୍ତି। ଗୁଜରାଟ ଜାଏଣ୍ଟ୍ସ ଡିଭାଇନ୍‌ଙ୍କୁ ୨ କୋଟିରେ ନେଇଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ସହିତ ବିଡିଂ ଲଢେଇ ପରେ ଲାନିଂଙ୍କୁ ୧.୯୦ କୋଟି ଟଙ୍କାରେ କ୍ରୟ କରିଛି ୟୁପି ୱାରିଅର୍ଜ। ସର୍ବାଧିକ ୧୪.୫ କୋଟି ପ୍ରାଇଜ୍ ପର୍ସ ସହ ନିଲାମିକୁ ଓହ୍ଲାଇଥିବା ୱାରିଅର୍ଜ ଦଳ ନିଲାମିରେ ବେଶ୍ ସକ୍ରିୟ ରହିବା ସହ ଆରଟିଏମ୍ କାର୍ଡର ଉପଯୋଗ କରି ପୁନର୍ବାର ଇଂଲଣ୍ଡର ଅଗ୍ରଣୀ ସ୍ପିନର ସୋଫି ଏକ୍ଲେଷ୍ଟୋନ୍‌ଙ୍କୁ ୮୫ ଲକ୍ଷ ଟଙ୍କାରେ କ୍ରୟ କରିଛି। ଦକ୍ଷିଣ ଆଫ୍ରିକା ଓପନର ଲାଉରା ଓଲ୍‌ଭାର୍ଡ୍ଟ ୧.୧୦ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଯାଇଥିବା ବେଳେ ଭାରତ ପେସର ରେଣୁକା ସିଂଙ୍କୁ ଜାଏଣ୍ଟ୍ସ ଦଳ ୬୦ ଲକ୍ଷ ଟଙ୍କାରେ କ୍ରୟ କରିଛି। ନିଲାମି ବେଳେ ପ୍ରଥମେ ଅଷ୍ଟ୍ରେଲିଆ ଅଧିନାୟକ ଏଲିସା ହିଲିଙ୍କ ନାମ ଡକା ଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ପ୍ରତି କୌଣସି ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ।



ଦୀପ୍ତି ଶର୍ମା




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ